

# ଶରଣ-10

ଓଁ ନମୋ ଭଗବତେ ଯଦୁନନ୍ଦନାୟ ସୁକାନ୍ତିସୁତାୟ କେଶବଚନ୍ଦ୍ରାୟଃ !!!

# ଚରମ


ତୃତୀୟ ପୁଷ୍ପ ✲ ତୃତୀୟ ପାଖୁଡ଼ା ✲ ଦଶମ ସଂଖ୍ୟା

ସଂପାଦକ : କେଶବଦାସ

ପ୍ରକାଶକ : ପୀତାମ୍ବର ଦାସ, ସାଧାରଣ ସଂପାଦକ, ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍, ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ

ମୁଦ୍ରକ ଓ ଅକ୍ଷରସଜ୍ଜା : ରସଦ୍ ଆଡ୍ ଏଜେନ୍ସି, ମହତାବ ରୋଡ୍, କଟକ, ଫୋନ- ୦୬୭୧-୨୩୧୧୪୩୧


## କାର୍ଯ୍ୟାଳୟ ଓ ପ୍ରାପ୍ତିସ୍ଥାନ


ଚରମ ପ୍ରକାଶନ ସଂସ୍ଥା, ସାହିତ୍ୟ ସଂସଦ୍,
ମାର୍ଫତ୍ : ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍ କାର୍ଯ୍ୟାଳୟ,
ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ, ଓଡ଼ିଶା
ପିନ୍ - ୭୫୪୨୦୬
ଫୋନ୍ - (୦୬୭୧) ୨୭୬୭୧୦୧



ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦର ଅନ୍ୟତମ ଅଙ୍ଗ ସାହିତ୍ୟ ସଂସଦ୍ ତରଫରୁ ଚରମ ପ୍ରକାଶନ ସଂସ୍ଥା, କ୍ଷିତିଜ୍ୟୋତିଃ ଆଶ୍ରମ, ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, ଜି: କଟକଙ୍କ ଦ୍ୱାରା ପ୍ରକାଶିତ ଏବଂ ରସଦ୍ ଆଡ୍ ଏଜେନ୍‌ସି, କଟକଙ୍କ ଦ୍ୱାରା ମୁଦ୍ରିତ । ପ୍ରକାଶକଙ୍କ କର୍ତ୍ତୃକ ସର୍ବସ୍ୱତ୍ତ୍ୱ ସଂରକ୍ଷିତ ।


✲ ଭକ୍ତି ପ୍ରେମାଞ୍ଜଳି : ପ୍ରତି ଖଣ୍ଡ : ପନ୍ଦର ମୁଦ୍ରାଞ୍ଜଳି ✲

❊ କେଶବାବ୍ଦ : ଏକଚତ୍ୱାରିଂଶତ୍ ❊ ଫେବୃୟାରୀ ୪, ୧୯୯୬ ❊

# ପ୍ରବେଶ ପରିଚିତି

❊ ତୃତୀୟ ପୁଷ୍ପ ❊
ତୃତୀୟ ପାଖୁଡ଼ା
ଦଶମ ସଂଖ୍ୟା

ପୁନର୍ମୁଦ୍ରଣ - ୨୦୧୧

❖ ବୈଦିକ ପ୍ରାର୍ଥନା ❖

ବିଶାଳ ବିଶ୍ୱସ୍ୟ ନିଧାନ ବୀଜମ୍
ବରଂ ବରେଣ୍ୟଂ ବିଧିବିଷ୍ଣୁ ସର୍ବୈଃ
ବସୁନ୍ଧରା ବାରି ବିମାନ ବହ୍ନିଃ
ବାୟୁ ସ୍ୱରୂପଂ ପ୍ରଣବଂ ବିବନ୍ଦେ ॥

| ବିଷୟ | ପୃଷ୍ଠାଙ୍କ |
|---|---|
| **ଅରୁଣସ୍ତମ୍ଭ** | |
| ମଙ୍ଗଳାଚରଣ | ୧ |
| ଶ୍ରୀପଦ ମହିମା | ୧ |
| **ସିଂହଦ୍ୱାର** | |
| ଅଥଃ ପ୍ରଭୁପାଦାଷ୍ଟକମ୍ | ୨ |
| ଉଦ୍‌ବୋଧନୀ | ୩ |
| **ମୁଖଶାଳା** | |
| ସଂପାଦକୀୟ | ୪ |
| ଲୀଳା ଭଜନ | ୫ |
| **ଶ୍ରୀମନ୍ଦିର** | |
| ବନ୍ଦେ ମହାପୁରୁଷ ! ତେ ଚରଣାରବିନ୍ଦମ୍ | ୬ |
| ପୁରାଣ ପୃଷ୍ଠାରୁ ଗଳ୍ପାଂଶ : ପୁରଞ୍ଜନ ଉପାଖ୍ୟାନ | ୭ |
| ଶ୍ରୀଶ୍ରୀଠାକୁରଙ୍କ ଦର୍ଶନରୁ : ମୋହ | ୧୦ |
| ଚରମର ପ୍ରଚ୍ଛଦ ପଟ୍ଟ ସମ୍ପର୍କରେ : ସୃଷ୍ଟି ତତ୍ତ୍ୱ | ୧୩ |
| ଆମର ଲକ୍ଷ୍ୟ : ଚରମ ପ୍ରାପ୍ତି : ସନ୍ଦେଶପତ୍ରର ପଶ୍ଚାଦ୍‌ଭାଗ | ୧୭ |
| ଆଧ୍ୟାତ୍ମିକ ପ୍ରବନ୍ଧ : ଶରଣାଗତି | ୨୨ |
| ବନ୍ଦେ ଗୁରୁଃ ଚରଣାରବିନ୍ଦମ୍ | ୨୬ |
| **ଗରୁଡ଼ସ୍ତମ୍ଭ** | |
| ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ | ୨୯ |
| ବାଲ୍ୟକାଳୁ ଧର୍ମଧନ ସଞ୍ଚି : ଶ୍ୱେତକେତୁ ପ୍ରସଙ୍ଗ | ୩୧ |
| ଉତିଷ୍ଠତଃ ! ଜାଗ୍ରତଃ !! | ୩୩ |
| ଜିଜ୍ଞାସା : ଜିଜ୍ଞାସୁ : | ୩୬ |
| **ରତ୍ନବେଦୀ** | |
| ସମ୍ଭବାମି ଯୁଗେ ଯୁଗେ | ୩୮ |
| କଲ୍ୟାଣ ଦେଲି ତୋତେ | ୪୧ |
| କେଶବ କୈବଲ୍ୟ କଣିକା | ୪୩ |
| ମୋହ ଲକ୍ଷ୍ୟରୁ ଉଦ୍ଧୃତାଂଶର ବ୍ୟାଖ୍ୟା | ୪୫ |
| **ନୀଳଚକ୍ର** | |
| 'ଚରମ'ର ସଙ୍କେତ | ୪୭ |
| ଆଶ୍ରମ ସନ୍ଦେଶ | ୪୮ |

## ପତ୍ରିକା ବ୍ୟବହାର ବିଧି

୧. ଶ୍ରଦ୍ଧା, ଭକ୍ତି, ନିଷ୍ଠା ଓ ବିଶ୍ୱାସର ସହିତ ପାଠ କରନ୍ତୁ ।
୨. ନିଷ୍ଠା ଓ ପବିତ୍ରତାର ସହିତ ପତ୍ରିକା ବ୍ୟବହାର କରନ୍ତୁ ଓ ସାଇତି ରଖନ୍ତୁ ।
୩. ପତ୍ରିକାରୁ ବିଗ୍ରହ ଛିଣ୍ଡାଇ ନିଅନ୍ତୁ ନାହିଁ । ଏହା ଦ୍ୱାରା ପତ୍ରିକାର ଅଙ୍ଗହାନି ହେବ । ଏହା ଅକ୍ଷମଣୀୟ ଅପରାଧ ।
୪. ଚରମର ପୁରୁଣା ସଂଖ୍ୟାମାନ ସଂଗ୍ରହ କରି ପଢ଼ନ୍ତୁ ଓ ଯତ୍ନର ସହ ସାଇତି ରଖନ୍ତୁ ।
୫. ଆମ ପ୍ରକାଶନ ସଂସ୍ଥା ଦ୍ୱାରା ପ୍ରକାଶିତ ଅନ୍ୟାନ୍ୟ ପୁସ୍ତକ/ପୁସ୍ତିକାଦି ସଂଗ୍ରହ କରି ପଢ଼ନ୍ତୁ ଓ ସାଇତି ରଖନ୍ତୁ ।
୬. ନିଜେ ପଢ଼ନ୍ତୁ ଓ ପରିବାରର ଅନ୍ୟ ସମସ୍ତଙ୍କୁ ପଢ଼ିବା ପାଇଁ ପ୍ରବର୍ତ୍ତନା ଦିଅନ୍ତୁ ବା ନିଜେ ପଢ଼ି ଶୁଣାନ୍ତୁ ।
୭. ପଡ଼ୋଶୀମାନଙ୍କୁ ମଧ୍ୟ ପଢ଼ିବାର ସୁଯୋଗ ଦିଅନ୍ତୁ ବା ନିଜେ ପଢ଼ି ଶୁଣାନ୍ତୁ ।

- ସଂପାଦକ, 'ଚରମ' ॥



ମୂଳାଧାର କର୍ଣ୍ଣଧାର	ସ୍ୱାଧୀଷ୍ଠାନେ ସ୍ୱାଧୀନ ।
ମଣିପୁର ପୁରୋହିତ	ଅନାହତ ପ୍ରବୀଣ ।।
ବିଶୁଦ୍ଧରେ ଶୁଦ୍ଧଚିତ୍ର	ଆଜ୍ଞାଚକ୍ର ଅନୁଜ୍ଞା ।
ସହସ୍ରାର ସାର ଏକା	ବ୍ରହ୍ମରନ୍ଧ୍ରର ପ୍ରଜ୍ଞା ।।



**ମଙ୍ଗଳାଚରଣ**

କେଶବ ନାମୈବ ନାମୈବ ନାମୈବ କେଶବ କେବଳମ୍ ।
ଗତିଃ ତେଷାଂ ମୁକ୍ତିଃ ତେଷାଂ ମୋକ୍ଷଃ ତେଷାଂ ସୁନିଶ୍ଚିତମ୍ ।।



## ଶ୍ରୀପାଦୁକା ବନ୍ଦନା

ପାଦୁକା ମହତ୍ତ୍ୱ ଶ୍ରୀପଦ ଜାଣେ ।
ପାଦୁକା ବନ୍ଦନା ଶ୍ରୀପଦ ଭଣେ ।।୧।।
ପାଦୁକା କରେ ଶ୍ରୀପଦ ମଣ୍ଡନ ।
ପାଦୁକା ଗାଏ ଶ୍ରୀପଦ ବନ୍ଦନ ।।୨।।
ତ୍ରେତାରେ ଗୋଚର କଲେ ଭରତ ।
ପାଦୁକା ପୂଜି ହୋଇଲେ ଭକତ ।।୩।।
ଦ୍ୱାପରେ ଉଦ୍ଧବ କଲେ ଗୋଚର ।
ପାଦୁକା ଥାପିଲେ ଆପଣା ଶିର ।।୪।।
ପାଦୁକା ମହିମା ହେଲା ପ୍ରଚାର ।
କଳିରେ ଅନନ୍ତ ଯୁଗେ ପ୍ରସାର ।।୫।।
ଶ୍ରୀପାଦୁକା ଭକ୍ତ ଗୃହେ ସ୍ଥାପିତ ।
ଶ୍ରୀପାଦୁକା ଭକ୍ତ ନିତି ଦିନ ପୂଜିତ ।।୬।।
କ୍ଷିତିଜ୍ୟୋତି ଆଶ୍ରମରେ ପାଦୁକା ।
ସାକ୍ଷାତେ ଶ୍ରୀଗୁରୁ ରୂପରେ ଏକା ।।୭।।
ପୂଜା ଅରଚନା ପାଦୁକା ପ୍ରାନ୍ତେ ।
କଲେକ ଚରମ ପ୍ରାପତ ଅନ୍ତେ ।।୮।।
ଶାଖା ଆଶ୍ରମରେ ସ୍ଥାପି ପାଦୁକା
ସତସଙ୍ଗେ ବସ ନ ରଖି ଦକା ।।୯।।
ପାଦୁକା ଅଟନ୍ତି ସାକ୍ଷାତେ ଗୁରୁ ।
ପାଦୁକା ସେବାରେ ଜୀବନ ସରୁ ।।୧୦।।

ପାଦୁକା ମହିମା ଜାଣେ ଭକତ ।
ପାଦୁକା ଦର୍ଶନେ ହୋଇ ମୁକତ ।।୧୧।।
ପାଦୁକା ସ୍ଥାନେ ସାଷ୍ଟାଙ୍ଗ ପ୍ରଣାମ ।
ପାଦୁକା ଅଟଇ ସାଧନା ଧାମ ।।୧୨।।
ପାଦୁକା ସେବା ସ୍ମରଣରେ ରଖ ।
ବିଷୟା ବିଷରୁ ଅମୃତ ଚାଖ ।।୧୩।।
ବିଷୟାବନ୍ଧନୁ ମୁକତି ଆଣେ ।
ବସି ଧ୍ୟାନ କର ପାଦୁକା ପାଶେ ।।୧୪।।
ପାଦୁକା ସେବା ଭକତିରେ କଲେ ।
ପାଦୁକା ସତତ ସଙ୍ଗତେ ଚାଲେ ।।୧୫।।
ପାଦୁକାରେ ମନପ୍ରାଣ ନିବେଶ ।
ମରଣଭୟ ନ ରହିବ ଲେଶ ।।୧୬।।
ପାଦୁକାଠିଁ ସଁପି ଦିଅ ସକଳ ।
ପବିତ୍ର ହୋଇବ, ହେବ ନିର୍ମଳ ।।୧୭।।
ତ୍ୟାଗ ବ୍ରତ କର ପାଦୁକା ପାଇଁ ।
ଦାନ ଟେକି ନେବେ ଜଗତ ସାଇଁ ।।୧୮।।
ପାଦୁକା ତାରଇ ସର୍ବ ବିପଦୁ ।।
ପାଦୁକା ଦିଅଇ ସିଦ୍ଧି ଶ୍ରୀପଦୁ ।।୧୯।।
ପାଦୁକା ଅଟଇ ପ୍ରତ୍ୟକ୍ଷ ଗୁରୁ ।
ପାଦୁକା ପୂଜାରେ କାଳକ ସରୁ ।।୨୦।।

ପାଦୁକା ମହିମା ଜାଣେ ଶ୍ରୀପଦ ।
ପାଦୁକା ଖଣ୍ଡଇ ସର୍ବ ଆପଦ ।।୨୧।।




## ଅଥ ପ୍ରଭୁପାଦାଷ୍ଟକମ୍

ବଶ୍ୱସ୍ୟ ଧାତା ପୁରୁଷସ୍ତ୍ୱମାଦ୍ୟୋ
ହବ୍ୟକ୍ତେନ ରୂପେଣ ତ୍ୱଂ ତ୍ୱୟେଦମ୍
ହେ ଶାନ୍ତରୂପ ! ମୟି ଭକ୍ତିହୀନେ
କୃପା ସୁଦୃଷ୍ଟିଂ କୁରୁଦେବ ନିତ୍ୟମ୍ ॥୧॥

ତ୍ୱଂ ପାସି ବିଶ୍ୱଂ ସୃଜସି ତ୍ୱମେବ
ତ୍ୱମାଦି ଦେବୋ ବିନିହଂସି ସର୍ବମ୍
ହେ ଶାନ୍ତରୂପ ! ମୟି ଭକ୍ତିହୀନେ
କୃପା ସୁଦୃଷ୍ଟିଂ କୁରୁଦେବ ନିତ୍ୟମ୍ ॥୨॥

ମାୟାଂ ତ୍ୱମାଶ୍ରିତ୍ୟ କରୋଷି ଲୀଳାମ୍
ଭକ୍ତାନ୍ ସମୁର୍ଦ୍ଧର୍ତୁଂ ମନସ୍ତ ମୂର୍ତେ
ହେ ଶାନ୍ତରୂପ ! ମୟି ଭକ୍ତିହୀନେ
କୃପା ସୁଦୃଷ୍ଟିଂ କୁରୁଦେବ ନିତ୍ୟମ୍ ॥୩॥

ବିଧୃତ୍ୟ ରୂପଂ ଖଳୁ ସ୍ୱର୍ଣ୍ଣକ୍ଷେତ୍ରେ
ପ୍ରତିଷ୍ଠିତୋ ଧର୍ମ ଇହେତି ଗୁହ୍ୟଃ
ହେ ଶାନ୍ତରୂପ ! ମୟି ଭକ୍ତିହୀନେ
କୃପା ସୁଦୃଷ୍ଟିଂ କୁରୁଦେବ ନିତ୍ୟମ୍ ॥୪॥

ତପ ସ୍ତବ ତ୍ୟାଗମଦୃଷ୍ଟ ପୂର୍ବମ୍
ଦୃଷ୍ଟ୍ୱା ନମସ୍ୟନ୍ତି କଥଂ ନବିଜ୍ଞାଃ
ହେ ଶାନ୍ତରୂପ ! ମୟି ଭକ୍ତିହୀନେ
କୃପା ସୁଦୃଷ୍ଟିଂ କୁରୁଦେବ ନିତ୍ୟମ୍ ॥୫॥

ତ୍ୱନାମ କୀର୍ତ୍ତ୍ୟା ହି ଭବନ୍ତି ଭକ୍ତାଃ
ବୟସନ୍ତୁ ଦୃଷ୍ଟ୍ୱାପି ନଭକ୍ତି ଯୁକ୍ତାଃ
ହେ ଶାନ୍ତରୂପ ! ମୟି ଭକ୍ତିହୀନେ
କୃପା ସୁଦୃଷ୍ଟିଂ କୁରୁଦେବ ନିତ୍ୟମ୍ ॥୬॥

ନମାମି ତ୍ୱାଂ ଶାନ୍ତ ମନାଦି ରୂପମ୍
ପ୍ରସାଦୟ ତ୍ୱାମାଦିମନ୍ତ ଶୂନ୍ୟମ୍
ହେ ଶାନ୍ତରୂପ ! ମୟି ଭକ୍ତିହୀନେ
କୃପା ସୁଦୃଷ୍ଟିଂ କୁରୁଦେବ ନିତ୍ୟମ୍ ॥୭॥

ଜାନାମି ତତ୍ତ୍ୱଂ ନହି କେଶବେଶ !
କିଂ ବା ସ୍ୱରୂପଂ କଥମେବ ଭାବମ୍
ହେ ଶାନ୍ତରୂପ ! ମୟି ଭକ୍ତିହୀନେ
କୃପା ସୁଦୃଷ୍ଟିଂ କୁରୁଦେବ ନିତ୍ୟମ୍ ॥୮॥

***

# ଉଦ୍‌ବୋଧନୀ

୧୯୯୫ ମସିହା ନଭେମ୍ବର ୭ ତାରିଖ, ମଙ୍ଗଳବାର-ପବିତ୍ର ରାସପୂର୍ଣ୍ଣିମା ତିଥିର ଶୁଭସଂଧ୍ୟାରେ ସ୍ୱର୍ଣ୍ଣକ୍ଷେତ୍ରସ୍ଥ ଚରିଆ ଉପକଣ୍ଠ ଅବାଡ଼ବାଗ୍ ପରିସରରେ କ୍ଷିତିଜ୍ୟୋତି ସଙ୍ଗୀତ ମହାବିଦ୍ୟାଳୟର ବାର୍ଷିକୋତ୍ସବ ଅବସରରେ ପରିବେଷିତ ସମବେତ କଣ୍ଠ ସଙ୍ଗୀତ ।

ନୀଳାଚଳ ଜଗନ୍ନାଥ ସ୍ୱର୍ଣ୍ଣକ୍ଷେତ୍ରେ ଗୁରୁ ।
ଲୀଳା ରଚନ୍ତି ଗୁପତେ ବରଜିଣ ଦାରୁ ।। (ଘୋଷ)
ନନ୍ଦପୁତ୍ର ପିତା ହେଲେ ଯଦୁନାଥ
ସୁକାନ୍ତି କୋଳରେ ଯଶୋଦାଙ୍କ ସୁତ,
ଯମୁନାକୁ ଭୁଲି ଚରିଆ କୂଳରେ
ଗୋପବାଳୀ ତେଜି ଅଛବ ମେଳରେ,
ଶ୍ୟାମା ଶ୍ୟାମ ଅଙ୍ଗ ହେ ଶ୍ୟାମଳ ରଙ୍ଗ,
ଶ୍ରୀପଦ ବନ୍ଦନା କରୁଁ । ।।୧।।
କଳିର କଳଙ୍କ ଦେବା ପାଇଁ ଧୋଇ
କେଶବୁଁ କେଶବ ଆସିଛ ଓହ୍ଲାଇ,
ପିନ୍ଧି ପୀତାମ୍ବର ବୈଷ୍ଣବ ବେଶରେ
ସନ୍ଦେଶ ଦେଉଛ ସନ୍ଦେଶ ପତରେ,
ଯୁଗ ଅବତାର ତ୍ରିଭୁବନେଶ୍ୱର,
ଦୁଃଖ ହର ଅବନୀରୁ ।।୨।।
କେତେ ଯେ ଭକତ ଦୂର ଦୂରାନ୍ତରୁ
ଦୁଃଖ ଶୋକ ରୋଗ ବିପାକ ପାଶରୁ,
ତରି ଯାଉଛନ୍ତି ଗାଇ ତବ ନାମ
ଯୁଗ ଅନ୍ତ କାଳେ ପ୍ରକାଶ ଚରମ,
ସାହା ହୁଅ ଆସି ଆହେ ବ୍ରହ୍ମରାଶି,
ସବୁରି କାମନା ପୁରୁ ।।୩।।

# ମୁଖଶାଳା

## ସମ୍ପାଦକୀୟ

ଇହଲୋକରେ ଇତରପରି ଇତସ୍ତତଃ ହୋଇ ଇତିବୃତ୍ତ ପ୍ରତି ଅନାସ୍ଥାଭାବ ପ୍ରକାଶ କରି କେହି କେବେ ପରଲୋକରେ ମୁକ୍ତି ମୋକ୍ଷ ନିର୍ବାଣ ବା ଚରମ ପ୍ରାପ୍ତ ହୋଇନାହିଁ, ହୋଇପାରେ ନାହିଁ । ଇହଜନ୍ମରେ ଗୁରୁ ଗ୍ରହଣ ନ କରି ବା ଗୁରୁ ଗ୍ରହଣ କରି ମଧ୍ୟ ଗୁରୁବାକ୍ୟ ନିଷ୍ଠାର ସହିତ ପାଳନ ନ କରି କେହି କେବେ ମଧ୍ୟ ପରଜନ୍ମରେ ସୁଖ ଶାନ୍ତି ଆନନ୍ଦ ଲାଭ କରିପାରେନି । ଭବିଷ୍ୟତର ସୁନେଲି ଫସଲର ସ୍ୱପ୍ନରେ ବିଭୋର ନ ହୋଇ, ଅତୀତର ଭିତ୍ତିଭୂମି ଉପରେ ଦୃଢ଼ ବିଶ୍ୱାସ ସ୍ଥାପନ କରି ବର୍ତ୍ତମାନର ପ୍ରତିଟି ମୂଲ୍ୟବାନ ମୁହୂର୍ତ୍ତକୁ ଅଭ୍ୟାସ କର୍ମଯୋଗ ସାଧନାରେ ଯଥାର୍ଥ ଭାବରେ ବିନିଯୋଗ କଲେ, ଇହଲୋକରେ ଇହଜନ୍ମରେ ଜୀବନ୍ମୁକ୍ତ ହୋଇ ଶାନ୍ତି ସନ୍ତୋଷ ଲାଭ କରିବା ସହିତ ପରଲୋକରେ ଏବଂ ପରଜନ୍ମରେ ପ୍ରକୃତ ଅର୍ଥରେ ସୁଖ, ଶାନ୍ତି, ଆନନ୍ଦ, ଐଶ୍ୱର୍ଯ୍ୟ ଉପଭୋଗ କରିବା ପ୍ରକୃଷ୍ଟ ପକ୍ଷେ ସମ୍ଭବ ହୁଏ, ହୋଇଥାଏ ମଧ୍ୟ ।

ଇନ୍ଦ୍ରପଦ ତମେ କ'ଣ କାମନା କର ? ଇନ୍ଦ୍ରଜାଲିକର ଭୋଜବାଜିର ଭେଳିକିରେ ତମର ଅବା କେଉଁ ଇଷ୍ଟ ସାଧନ ହେବ ଯେ ! ଇନ୍ଦ୍ର ଗୋପର ସିନ୍ଦୁର ନାଲି ରୂପରଙ୍ଗରେ ବା ଇନ୍ଦ୍ରଧନୁର ସପ୍ତରଙ୍ଗର ବର୍ଣ୍ଣ ବିନ୍ୟାସରେ ମୁଗ୍ଧ ଚକିତ ହୋଇ ଆସକ୍ତିର ପ୍ରବଲ୍ୟରୁ ମୋହଗ୍ରସ୍ତ ହୋଇ ରୂପ, ଗନ୍ଧ, ଶବ୍ଦ ଏବଂ ସ୍ପର୍ଶର କାମନା ବାସନାରେ ଇନ୍ଦ୍ରିୟପରାୟଣତାବଶରୁ ଆପଣାର ବିନାଶ ନିଜେ ଆହ୍ୱାନ କରିବା ଠାରୁ ଅଧିକ ବିଡ଼ମ୍ବନା ଅବା ଆଉ କ'ଣ ହୋଇପାରେ ? ଇନ୍ଦ୍ରିୟ ବୃତ୍ତି ଶାଶ୍ୱତ ବା ଚିରନ୍ତନ ନୁହେଁ, ଅପରନ୍ତୁ, ଇନ୍ଦ୍ରିୟ ନିଗ୍ରହ ଦ୍ୱାରା ଯୋଗୀ ଯୋଗ ସାଧନାରେ ଲୟ କରିବା ବରଂ ପ୍ରଶସ୍ତ ।

ଇନ୍ଦ୍ରିୟ ଗ୍ରାହ୍ୟ ଜ୍ଞାନ ସୀମିତ ଏବଂ ଭୌତିକ ଜଗତରେ ସୀମାବଦ୍ଧ । ଇନ୍ଦ୍ରିୟଗମ୍ୟ ଜ୍ଞାନ ଦ୍ୱାରା ଅତୀନ୍ଦ୍ରିୟ ଜଗତର ଦର୍ଶନ କଦାଚ ସମ୍ଭବ ନୁହେଁ । ଇନ୍ଦ୍ରିୟଗୋଚର ସକଳ ବିଷୟରୁ ମନକୁ ଏକନିଷ୍ଠ ଭାବରେ ଏକାଗ୍ରତାର ସହିତ ନିଷ୍ପାପର ଭାବରେ ସୁକୌଶଳରେ ସାଧନ ପ୍ରକ୍ରିୟା ମାଧ୍ୟମରେ ଧିରେ ଧିରେ ଦୂରେଇ ନେଇ ପ୍ରଭୁପାଦଙ୍କର ପବିତ୍ର ପଦ୍ମପାଦପୀଠରେ ଅଧିକ ସମୟ ଲଗାଇ ଦେଇ ପାରିଲେ ହିଁ ସକଳ ଅସମ୍ଭବ ସମ୍ଭବ ହେବ ହିଁ ହେବ ।

ଇନ୍ଦୁନିଭାନନ ପ୍ରେମମୂର୍ତ୍ତି ଶ୍ରୀଶ୍ରୀଠାକୁର  ଆଜିର ଶଙ୍କାକୁଳ ସମସ୍ୟାବିକ୍ଷୁବ୍ଧ ଜଗନଗଣଙ୍କର ଇତି କର୍ତ୍ତବ୍ୟ ବୋଲି ପ୍ରତ୍ୟକ୍ଷରେ ପ୍ରକାଶ କରି ସାରିଛନ୍ତି । ଇତସ୍ତତଃ ନ ହୋଇ ସମସ୍ୟା ସମାଧାନାର ସୂତ୍ର ଖୋଜିବା ନିଶ୍ଚିତ ଭାବରେ ପ୍ରତ୍ୟେକଙ୍କର ସ୍ପୃହଣୀୟ ନୁହେଁ କି ? ଇପ୍ସିତ ଲକ୍ଷ୍ୟଭେଦ ନିମନ୍ତେ ପ୍ରତ୍ୟେକ ବ୍ୟକ୍ତିସତ୍ତାର ଅନ୍ତଃକରଣରେ ଅମାପ ଅସୀମ ଶକ୍ତି ସ୍ରଷ୍ଟାପୁରୁଷ ସୃଷ୍ଟିର ଆଦିମ କାଳରୁ ଗଚ୍ଛିତ ସଂରକ୍ଷିତ କରି ଅଛନ୍ତି । ଇଦାନୀନ୍ତନ ସମାଜରେ ଏହି ସତ୍ୟତା ଉପରେ ଦୃଢ଼ ବିଶ୍ୱାସ ସ୍ଥାପନ କରିବା ଅବଶ୍ୟ ସମ୍ଭବ ହେଉନାହିଁ । ଇଦାନୀଂ ଏହା ଅସମ୍ଭବ ପ୍ରତୀୟମାନ ହେବାର ଅନେକ କାରଣ ମଧ୍ୟ ରହିଛି ।

ଇତ୍ୟବସରେ ଭାରତର ବିଭିନ୍ନ ଅଞ୍ଚଳରେ ଭ୍ରଷ୍ଟାଚାରରେ ଲିପ୍ତଥିବା ବହୁ ତଥାକଥିତ ଆଧ୍ୟାତ୍ମିକ ଗୁରୁଙ୍କର ମୁଖାଖୋଲି ଯାଇ ଅସଲରୂପ ପ୍ରକାଶ ପାଇସାରିଛି । ଇଦାନୀନ୍ତନ ଏତାଦୃଶ ଭଣ୍ଡ ଅନ୍ତଃସାରଶୂନ୍ୟ ଧର୍ମଧ୍ୱଜାଧାରୀମାନଙ୍କର ଭ୍ରଷ୍ଟାଚାର ହେତୁ ସାଧାରଣ ଜନତା କ୍ରମଶଃ ଧର୍ମପ୍ରତି ଅନାସ୍ଥାଭାବ ଓ ଅବିଶ୍ୱାସ ମନୋଭାବ ପୋଷଣ କରିବା ସ୍ୱାଭାବିକ । ଇଷ୍ଟସିଦ୍ଧିରେ ଲକ୍ଷ୍ୟ ରଖି ତଥାପି ଆମକୁ ଆମର ଇଷ୍ଟ ସାଧନ କରିବାକୁ ହିଁ ହେବ, ଅନିଷ୍ଟକୁ ଦୂରୀଭୂତ କରିବା ଉଦ୍ଦେଶ୍ୟରେ ।

**ନମସ୍କାରାନ୍ତେ,**

**କେଶବଦାସ ବୃନ୍ଦାବନ**

# ଲୀଳା ଭଜନ

(କାମୋଦୀ ରାଗେଣ ଗୀୟତେ)

ନୀଳାଚଳ ବିହାରୀ     ଆସିଛ ଅବତରି
ସ୍ୱର୍ଣ୍ଣକ୍ଷେତ୍ର ମଣ୍ଡନ କରି,
ସୁକାନ୍ତି ଯଦୁନାଥ     ହେଲେ ଜନନୀ ତାତ
କେତେ ତପସ୍ୟା ଥିଲେ କରି,
ସେ, ବେନିଜନ,
ପାଳିଲେ ଅତି ସ୍ନେହ ଭରେ,
ଡାକିଲେ **କେଶବ** ନାମରେ,
ତାଙ୍କୁ ନ ଥିଲା ଜ୍ଞାତ     ତମେ ଯେ ଜଗନ୍ନାଥ
ଖେଳିବ ତାଙ୍କ କୁଟୀରରେ ॥୧॥

ବାଳକ ଅବସ୍ଥାରୁ     ଗ୍ରାମରୁ ଗ୍ରାମାନ୍ତରୁ
ହେଲ **କେଶବ** ନାମେ ଖ୍ୟାତ,
ଗୁଣ ଚିହ୍ନେ ଗୁଣିଆ     ସୁନା ଚିହ୍ନେ ବଣିଆ
ଆନକେ ନୁହନ୍ତି ସମର୍ଥ,
ଯେ, ବିଧିବଶେ,
ଯେ ଅଧିଷ୍ଠାତା ଶାନ୍ତି ଧାମ,
**ପରମହଂସ ଅଭିରାମ,**
ଆହୁତ ନାମ ଯଜ୍ଞେ     ଶୁକ୍ଳେଶ୍ୱର ସାନିଧ୍ୟେ
ଦେଖିଲେ କିଶୋର ଲଲାମ ॥୨॥

ବୟଃ ପ୍ରାପ୍ତ ଦଶମ     ସୁନ୍ଦର ଅନୁପମ
ସରଳ ଉଦାର ପ୍ରଶାନ୍ତ,
ସ୍ନେହେ ପାଶେ ହକାରି     ବକ୍ଷୁଁ ଜାମା ଉତାରି
ସ୍ୱହସ୍ତେ କଲୁଁ ଅନାବୃତ,
ସେ, **ଅଭିରାମ,**
ନିରେଖି ସୂକ୍ଷ୍ମ ପଦଚିହ୍ନ,
ଚିହ୍ନିଲେ ଶ୍ରୀବତ୍ସ ଲାଞ୍ଛନ,
ଜାଣି ଯୁଗାବସାନ     ନରଦେହ ଧାରଣ
କରିତ ଛନ୍ତି ନାରାୟଣ ॥୩॥

ବରଷ ପଞ୍ଚଶତ     ହୋଇଲାଣି ଅତୀତ
ମହାପୁରୁଷ ସ୍ୱରଚିତ,
ଭବିଷ୍ୟତ ମାଳିକା     ଯାହାର ଯଥାର୍ଥତା
ହେଲାଣି ସତ୍ୟ ପ୍ରମାଣିତ,
ଯେ, ହେ **କେଶବ,**
ଆଉତ ନକର କପଟ,
ନାମେ ଯେ ବସିଲାଣି ହାଟ,
ଗୋସାଇଁ ଅରକ୍ଷିତ,     ଅଭିରାମ, ଅଚ୍ୟୁତ
ସକଳେ କଲେଣି ସାବ୍ୟସ୍ତ ॥୪॥

ସବୁଜାଣି ଅଜାଣ     ଗୁଣାଧାର ନିର୍ଗୁଣ
ସର୍ବ କାରଣ ନିସ୍ତାରଣ,
ଦୁସ୍ତର ତମ ମାୟା     ନକଲେ ତମେ ଦୟା
ଭେଦନେ କେ' ହେବ ଭାଜନ,
ହେ, **ମାୟାଧର,**
ପାପ ଗ୍ରାସିଲେ ଭୂମଣ୍ଡଳ,
ଆପଣେ ହୁଅ **ମହାକାଳ,**
ଧରିକରାଳ ମୂର୍ତ୍ତି     ରକ୍ଷାକର ଧରିତ୍ରୀ
ସଂହାରି ପାପ ଖଳ ବଳ ॥୫॥

ବ୍ୟକ୍ତ ଅବ୍ୟକ୍ତ ବେନି     ଅବସ୍ଥା ମଧ୍ୟେ ପ୍ରାଣୀ
ସଦା କରନ୍ତି ଗତାଗତ,
'ଜ' ବର୍ଣ୍ଣରେ ଜନମ     'ଗତ' ଅର୍ଥେ ମରଣ
ବେନିରୁ କରିପାର ମୁକ୍ତ,
ହେ, **ଜଗନ୍ନାଥ,**
ସକଳେ ତମରି ଆଶ୍ରିତ,
ସକଳ ତମ ଇଚ୍ଛାକୃତ,
ଦଶମ ଅବତାର     ଭାବଗ୍ରାହୀ ଠାକୁର
କରିବ ସତ୍ୟ ପ୍ରତିଷ୍ଠିତ ॥୬॥

# ଶ୍ରୀମନ୍ଦିର

**ବନ୍ଦେ ମହାପୁରୁଷ ! ତେ ଚରଣାରବିନ୍ଦମ୍ !**

## ଅଚ୍ୟୁତଙ୍କ ଲେଖନୀରୁ :

ଶ୍ରୀଗୁରୁ ଚରଣ ତଳେ ପ୍ରଣମି । ରାମ ବୋଲଇ ଆହେ ଗୁରୁସ୍ୱାମୀ ॥୧॥
ଶୁଣାଇଛ ନାନା ପ୍ରକାର ଗୀତା । ଅମର କୁମର ଶୂନ୍ୟ ସଂହିତା ॥୨॥
ଆବର ଯେ ଛୟାଳିଶ ପଟଳ । ଦଶପଟଳ ବ୍ରହ୍ମାଣ୍ଡ ଭୂଗୋଳ ॥୩॥
ଜ୍ଞାନ ସାଗର ଗଣେଶ ବିଭୂତି । ଶ୍ଳୋକ ଚଉପଦୀ ଖେଦାଏ ପୋଥି ॥୪॥
ଅମରକୋଷ ଗୀତା ତୁଳାଭିଣା । ବୁଝାଇଛ ସବୁ କରି ଠିକଣା ॥୫॥
ଆବର କେତେ ଭବିଷ୍ୟ ପୁରାଣ । କହିଥିଲ କରିଅଛି ଶ୍ରବଣ ॥୬॥
ପୁଣି ଗୁପତ ଗୀତା ଯେ ଭବିଷ୍ୟ । କହନାହିଁ ପ୍ରଭୁ କର ପ୍ରକାଶ ॥୭॥

*ପଞ୍ଚଦଶ ଶତାବ୍ଦୀର ପଞ୍ଚସଖାଙ୍କ ମଧ୍ୟରୁ ଅନ୍ୟତମ ସିଦ୍ଧ ସାଧକ ମହାପୁରୁଷ ଅଚ୍ୟୁତଙ୍କର ଲେଖନୀ ନିଃସୃତ କ୍ଷରିତ ଜ୍ଞାନ ସମ୍ବଳିତ ବହୁଗ୍ରନ୍ଥ ଏ ଯାବତ୍ ପ୍ରକାଶ ପାଇ ଲୋକଲୋଚନକୁ ଆସିଥିଲେ ହେଁ, ତତୋଽଧିକ ସଂଖ୍ୟକ ଗ୍ରନ୍ଥ ଏ ଯାବତ୍ ଅପ୍ରକାଶ୍ୟ ହୋଇ ରହିଛି । ମହାପୁରୁଷ ଅଚ୍ୟୁତଙ୍କର ଅଧ୍ୟାତ୍ମ ଚିନ୍ତା ସାମ୍ପ୍ରତିକ ଜନଚେତନାରେ ପ୍ରକଟ କରିବା ସହିତ ତାଙ୍କ ପ୍ରକାଶିତ ଅପ୍ରକାଶିତ ରଚନାର କିୟଦଂଶ 'ଚରମ' ପୃଷ୍ଠାରେ ପ୍ରକାଶ କରି ସିଦ୍ଧ ମହାପୁରୁଷଙ୍କର ସାଙ୍କେତିକ ଭାଷାରେ ଯଥାର୍ଥ ଆଧ୍ୟାତ୍ମିକ ଅର୍ଥ ନିର୍ଦ୍ଦେଶ କରିବା ଦାୟିତ୍ୱ 'ଚରମ'ର ସଂପାଦନା ପ୍ରାରମ୍ଭରୁ ଏ ଯାବତ୍ ବହନ କରିଆସିଛି ।*

## ମୋହକଜ୍ଜର ଉଦ୍ଧୃତାଂଶ

ଓଡ଼ିଶାରୁ ବଙ୍ଗଦେଶ ଯାଏ ।
କାର୍ତ୍ତିକ ମାସରେ ନର୍ଘାତ ପ୍ରାୟେ ॥
ଇନ୍ଦ୍ରଯେ ବୃଷ୍ଟି ନ କରିବ ଜାଣ ।
ଉନବିଂଶ କାର୍ତ୍ତିକ ମାସେ ପୁଣ ॥
ଯେବେ ଏ ସଙ୍କେତ ପ୍ରମାଣ ହେବ ।
ପରୀକ୍ଷା ବେଳ ନିଶ୍ଚୟ ଜାଣିବ ॥
ଜନ୍ମ ହୋଇଥିବେ ଶ୍ରୀ ବାସୁଦେବ ।
ଭକତଙ୍କ ଲୀଳା ତହିଁ ହୋଇବ ॥
ବ୍ରହ୍ମ ଏକାକ୍ଷର ଭଜନ ଭକ୍ତେ ।
ବ୍ରହ୍ମ ଏକାକ୍ଷର ଜାଣିବେ ତତ୍ତ୍ୱେ ॥
ବ୍ରହ୍ମ ଗୁଣାଣ ଆଦି ତତ୍ତ୍ୱମାନ ।
ଅଣ ସାଧନେ ଚିତ୍ତକୁ ଭରିଣ ॥
ଏମନ୍ତ ଥିଲେ ଯେ ଯେତେ ଭକତ ।
ଉନବିଂଶରେ ମିଳିବେ ସମସ୍ତ ॥
ପନ୍ଦ୍ରେକ ଭକତ ହୋଇବେ ମେଳ ।
ପରୀକ୍ଷା ହୋଇବ କୁମ୍ଭ ମାସର ॥

ପୂର୍ଣ୍ଣମୀ କଳାଠାରୁ ସାତ ଦିନ ।
ଏକାକ୍ଷର ମନ୍ତ୍ର ହେବ ଜ୍ଞାପନ ॥
ଖଣ୍ଡଗିରିରୁ ତାମ୍ରକୋଟ ଯାଏ ।
ଭକତ ମେଳ ହୋଇବେ ଥୋକାଏ ॥
ଓଡ଼ିଶା ରାଜ୍ୟ ପାଣ୍ଡବ ମଙ୍ଗଳ ।
ତ୍ରିପୁର ମଣ୍ଡଳ ଆଦି ସକଳ ॥
ଅନନ୍ତ ମଣ୍ଡଳ ଠାରୁ ଯେ ପୁଣ ।
ବିରଜା ମଣ୍ଡଳ ଏ ସର୍ବ ଜାଣ ॥
ଏତେ ମଣ୍ଡଳର ଭକତ ଦେଖ ।
ମେଳ ହେବେ ଖଣ୍ଡଗିରିର ପାଖ ॥
ବ୍ରହ୍ମାନନ୍ଦ ଯେ ଅଧିକାରୀ ତହିଁ ।
ଡାକୁଣ ଥିବେ ଭକ୍ତନାମ ରାଇ ॥
ତାହାଙ୍କ ଜନ୍ମ ଦରିଆ ଗ୍ରାମର ।
ସେତ ଗୁପ୍ତ ବ୍ରହ୍ମାନନ୍ଦ ତାହାର ॥
ତ୍ରେତା ଯୁଗରେ ସେଯେ ସୁଗ୍ରୀବର ।
ଦ୍ୱାପରେ ସୁରଥ ନାମ ତାହାର ॥

କଳିରେ ସେ ଯେ ବ୍ରହ୍ମାନନ୍ଦ ନାମ ।
ଜନମ ହୋଇବ ଦରିଆ ଗ୍ରାମ ॥
ପିତାର ନାମ ଯେ ମୁକୁନ୍ଦ ହୋଇ ।
ମାତା ନାମ ପାରବତୀ ଅଟଇ ॥
ଗୃହର ଅନ୍ତରେ ବୃକ୍ଷେପ ଥାଇ ।
ଅଡ଼ମ୍ବରୁ ବୃକ୍ଷ ନାମ ଅଟଇ ॥
ଏମନ୍ତ ସଙ୍କେତେ ଚିହ୍ନି ତାହାରେ ।
ଉଦୟ ଯେ ଥିବ ଖଣ୍ଡଗିରିରେ ॥
ଭକତଙ୍କ ନାମ ଧରି ଡାକିବ ।
ପରୀକ୍ଷାମାନ ସବୁ କରାଇବ ॥
ବ୍ରହ୍ମ ଏକାକ୍ଷର ଭଜନ ଭକ୍ତେ ।
ପରୀକ୍ଷା ଦେବେ ପ୍ରଭୁଙ୍କ ସାକ୍ଷାତେ ॥
(ଚତୁର୍ଥ ପୃଷ୍ଠା)

**ଉଦ୍ଧୃତ କବିତାର ବ୍ୟାଖ୍ୟା ପରବର୍ତ୍ତୀ ସଂଖ୍ୟାରେ ପତ୍ରସ୍ଥ ହେବ ॥**



# ପୁରାଣ ପୃଷ୍ଠାରୁ

## ଗଳ୍ପଥା

*ଅଷ୍ଟାଦଶ ପୁରାଣ ସାର 'ଭାଗବତ' ବିଶ୍ୱ ଆଧ୍ୟାତ୍ମିକ ସାହିତ୍ୟର ଶ୍ରେଷ୍ଠତା ପ୍ରତିପାଦନ କରେ । ଭାଗବତର ପ୍ରତ୍ୟେକଟି ଉପାଖ୍ୟାନ ବିଶ୍ୱଜନର ବ୍ୟକ୍ତିଗତ, ଦାମ୍ପତ୍ୟ, ପାରିବାରିକ, ସାମାଜିକ, ରାଷ୍ଟ୍ରୀୟ ଓ ଅନ୍ତରାଷ୍ଟ୍ରୀୟ ଜୀବନାୟନକୁ ବହୁଭାବରେ ଉଦ୍ଭାସିତ, ଆଲୋକିତ, ଆମୋଦିତ, ସୁରଭିତ ଏବଂ ରାଗରଂଜିତ କରିବାରେ ସମର୍ଥ । ଏଥିରେ 'ପୁରାଣ ପୃଷ୍ଠାରୁ' ସ୍ତମ୍ଭରେ ଭାଗବତର ପୁରଞ୍ଜନ ଉପାଖ୍ୟାନ ଏବଂ ଗଳ୍ପାଂଶର ମୀମାଂସା ଚରମ ପୃଷ୍ଠା ମଣ୍ଡନ କରିଛି-*

### ପୁରଞ୍ଜନ ଉପାଖ୍ୟାନ

ପୃଥୁଙ୍କ ବଂଶରେ ପ୍ରାଚୀନ ବୋଲି ଜଣେ ରାଜା ରାଜତ୍ୱ କରୁଥିଲେ । ସେ ଜଣେ କାମୁକ, ଅଜ୍ଞାନ ଓ ଅବିବେକୀ ରାଜା ଥିଲେ । ହିଂସ୍ର କାମ କରିବାରେ ସେ ବଡ଼ ଧୁରନ୍ଧର । ପ୍ରତିଦିନ ଶିକାର କରି ପଶୁବଦ୍ଧ କରିବା ତାଙ୍କର ମୁଖ୍ୟ କାମ ଥିଲା । ଦୟାଧର୍ମ ତାଙ୍କ ପାଖରେ ଆଦୌ ନ ଥିଲା । ବ୍ରାହ୍ମଣ ଓ ଗୁରୁଙ୍କ କଥା ସେ ଗ୍ରହଣ କରୁ ନ ଥିଲେ । ଥରେ ନାରଦ ଋଷି ଆସି ତାଙ୍କ ପାଖରେ ପହଞ୍ଚିଲେ । ମୁନିଙ୍କୁ ଦେଖି ନମସ୍କାର କରି ତାଙ୍କ ପାଦ ରାଜା ଧୋଇଦେଲେ ଓ ବସିବା ପାଇଁ ଆସନ ଦେଲେ । ଋଷି ରାଜାଙ୍କ ଆଦର ଅଭ୍ୟର୍ଥନାରେ ସନ୍ତୁଷ୍ଟ ହୋଇ କହିଲେ-ହେ ରାଜା, କୁକର୍ମ କରି ତୁମେ ମାନବ ଜୀବନକୁ ନଷ୍ଟ କରି ଦେଉଛ । ଅଧର୍ମୀ ଓ ଦୁରାଚାରୀ ଲୋକଙ୍କ ସହିତ ସଙ୍ଗ କରୁଛ । ବିଷୟାରସରେ ବୁଡ଼ି ରହିଛ । ରାଜପ୍ରାସାଦରେ ରହି ଇନ୍ଦ୍ରିୟ ତୃପ୍ତିରେ ମାତିଛ । ଯେଉଁ ସ୍ତ୍ରୀ ଓ ପିଲାମାନଙ୍କ ପାଇଁ ତମେ ଏତେ ବ୍ୟବସାୟିକ ଧନ୍ଦାରେ ପଶୁଛ ସେମାନେ ତୁମର କୌଣସି କାମରେ ଲାଗିବେ ନାହିଁ । ଯେଉଁ ପଶୁମାନଙ୍କୁ ତୁମେ ହତ୍ୟା କରୁଛ ସେମାନେ ପରଲୋକରେ ତୁମକୁ ସେତିକି ଦଣ୍ଡ ଦେବେ । ନିଜ କଥାର ସତ୍ୟତା ଦେଖାଇବା ପାଇଁ ନାରଦ ଯୋଗନିଦ୍ରା ସାହାଯ୍ୟରେ ରାଜାଙ୍କୁ ଯମପୁର ଦେଖାଇଲେ । ଯେଉଁମାନେ ଅସ୍ତ୍ରଦ୍ୱାରା ଅନ୍ୟକୁ ଦଣ୍ଡ ଦେଇଛନ୍ତି ଯମପୁରରେ ସେହିପରି ଅସ୍ତ୍ରଦ୍ୱାରା ଦଣ୍ଡ ପାଉଛନ୍ତି । କିଏ ବୃକ୍ଷରେ ବାନ୍ଧି ପିଟୁଛି ତ କିଏ ତଳେ କଚାଡୁଛି । ରାଜା ପ୍ରାଚୀନଙ୍କ ଶତ୍ରୁମାନେ ଆସି ରାଜାଙ୍କୁ ଘେରି ଗଲେ ଓ ଦଣ୍ଡ ଦେବାରେ ଲାଗିଲେ । ରାଜା ବଡ଼ କଷ୍ଟ ଅନୁଭବ କରି ଦୌଡ଼ିଲେ ମଧ୍ୟ ଶତ୍ରୁମାନେ ରାଜାଙ୍କୁ ଛାଡ଼ିଲେ ନାହିଁ । ରାଜାଙ୍କ ଅବସ୍ଥା ଶୋଚନୀୟ ହେବାର ଦେଖି ନାରଦ ରାଜାଙ୍କ ଦେହରୁ ଯୋଗନିଦ୍ରା ଅପସାରଣ କରିନେଲେ । ରାଜା ନିଦରୁ ଉଠିଲା ପରି ଉଠି ସବୁ କଥା ଋଷିଙ୍କୁ କହିଗଲେ । ଋଷି ରାଜଭୋଗ, ଇନ୍ଦ୍ରିୟଭୋଗ, ସ୍ତ୍ରୀ ଓ ପିଲାଙ୍କ ସ୍ନେହ, ବନ୍ଧୁବାନ୍ଧବରେ ସ୍ନେହ, ବିଷୟାରସ ଇତ୍ୟାଦି ତ୍ୟାଗ କରି ଭଗବାନଙ୍କ ପାଦରେ ଶରଣାପନ୍ନ ହୋଇ ପୂର୍ଣ୍ଣ ସମର୍ପଣର ସହିତ ଆତ୍ମକଲ୍ୟାଣ କରିବାପାଇଁ ଉପଦେଶ ଦେଇ ନିମ୍ନମତେ ପୁରଞ୍ଜନ ଉପାଖ୍ୟାନ କହିବାକୁ ଲାଗିଲେ:

ପୁରଞ୍ଜନ ନାମକ ଜଣେ ରାଜା ଥିଲେ । ଇନ୍ଦ୍ରିୟଭୋଗ ଲାଳସାରେ ସେ ନାନାଦେଶ ଭ୍ରମଣ କଲେ । ଭ୍ରମଣ କରୁ କରୁ ହିମାଳୟର ଦକ୍ଷିଣ ଭାଗରେ ଗୋଟିଏ ଦିବ୍ୟ ରାଜପ୍ରାସାଦ ଦେଖିବାକୁ ପାଇଲେ । ସେ ଅଟ୍ଟାଳିକାର ନଅ ଗୋଟିଏ ଦ୍ୱାର । ଚାରିପାଖ ପାଚେରୀ ବେଷ୍ଟିତ । ଉପବନ ପ୍ରାସାଦର ସୌନ୍ଦର୍ଯ୍ୟ ବୃଦ୍ଧି କରୁଥାଏ । ରାଜା ପୁରଞ୍ଜନ ପ୍ରାସାଦ ଭିତରକୁ ପ୍ରବେଶ କରୁ କରୁ ଜଣେ ସୁନ୍ଦରୀ କନ୍ୟାକୁ ଦେଖିଲେ । କନ୍ୟାଙ୍କ ସହିତ ଦଶଜଣ ପରିଚାରୀ ମଧ୍ୟ ଥିଲେ । ରାଜା ଜାଣି ପାରିଲେ ଯେ ସେ କନ୍ୟା ଅବିବାହିତା । ରାଜା କନ୍ୟାକୁ ଦେଖି ମୋହିତ ହୋଇଗଲେ ଓ କୁଳ ଗୋତ୍ର ବିଚାର ନ କରି ସମ୍ଭୋଗପାଇଁ ବିବାହ କରିବାକୁ ଆଗ୍ରହ ପ୍ରକାଶ କଲେ ଏବଂ ଚାଟୁବାକ୍ୟ କହି ସେ କନ୍ୟାର ମନ ଜିଣିନେଲେ । କନ୍ୟା ରାଜାଙ୍କୁ ସେ ପ୍ରାସାଦରେ ସ୍ୱାମୀ ରୂପରେ ରହିବା ପାଇଁ ଅନୁମତି ଦେଲେ । ଦଶ ପରିଚାରୀ ମଧ୍ୟ ରାଜାଙ୍କ ସେବାରେ ଲାଗି ପଡ଼ିଲେ । ରାଜା ସେହି କନ୍ୟାର କଥା ଅନୁସାରେ ସମୟ କାଟିଲେ । ଚାହୁଁ ଚାହୁଁ ଶହେ ବର୍ଷ ବିତିଗଲା । ଥରେ ରାଜା ଶିକାର କରିବା ପାଇଁ ରଥରେ ବସି ବଣକୁ ଏକୁଟିଆ ଗଲେ । ବଣରେ ବହୁତ ପଶୁଙ୍କୁ ନିପାତ କଲେ । ଶେଷରେ କ୍ଷୁଧା ତୃଷାରେ ଆତୁର ହୋଇ ଘରକୁ ଫେରିଲେ । ସ୍ନାନାଦି ନିତ୍ୟକର୍ମ ସାରି ନିଜ ପତ୍ନୀକୁ ଖୋଜିଲେ । ସୁନ୍ଦରୀ ପତ୍ନୀ ଅଭିମାନ କରି ତଳେ ଶୋଇଥିଲେ । ରାଜା ଚାଟୁବାକ୍ୟ କହି ପତ୍ନୀର ମାନଭଞ୍ଜନ କଲେ ଓ ଉପଭୋଗରେ ସମୟ କଟାଇବାକୁ ଲାଗିଲେ । ରାଜାଙ୍କର ଅନେକ ପୁଅଝିଅ ହେଲେ । ରାଜା ବିଷୟାସକ୍ତ ହୋଇ ଯଜ୍ଞନାମରେ ବହୁ ପଶୁଙ୍କୁ ବଧ କଲେ । କ୍ରମେ ବୟସ ହଟିଗଲା ଓ ନାନାଦି ରୋଗ ଦେଖାଗଲା । ଭୋଗ ସଙ୍ଗରେ ରୋଗ ଥାଏ ବୋଲି ସେ ଜାଣି ନ ଥିଲେ । ବାର୍ଦ୍ଧକ୍ୟ ହେତୁ କେହି ରାଜାଙ୍କୁ ପଚାରିଲେ ନାହିଁ କିମ୍ବା ସେବା କଲେ ନାହିଁ । ମାତ୍ର ତଥାପି ରାଜାଙ୍କର ଆସକ୍ତି କମିଲା ନାହିଁ । ଯେଉଁ ସ୍ତ୍ରୀକୁ ସେ ଏତେ ଅଧିକ ଭଲ ପାଉଥିଲେ, ବାର୍ଦ୍ଧକ୍ୟ ହେତୁ ସେ ସ୍ତ୍ରୀ ମଧ୍ୟ ତାଙ୍କୁ ସ୍ନେହ କଲା ନାହିଁ । ପୁଅମାନେ ମଧ୍ୟ ରାଜାଙ୍କୁ ପଚାରିଲେ ନାହିଁ । ରାଜାଙ୍କର ହସ୍ତ ପାଦ ମଧ୍ୟ ଚଳିଲା ନାହିଁ । ସଂସାର ଛାଡ଼ି ଯିବାର ବେଳ ଆସିଗଲା ଭାବି ରାଜା ବହୁତ ମନଦୁଃଖ କଲେ । ସ୍ତ୍ରୀ, ପୁଅଝିଅ, ବନ୍ଧୁବାନ୍ଧବ କିପରି ଚଳିବେ ଭାବି ଭାବି ଆଖିରୁ ଲୁହ ଗଡ଼ାଇ ରାଜା ବହୁତ କାନ୍ଦିଲେ । କାଳ କାହାରିକୁ ଅପେକ୍ଷା କରେ ନାହିଁ । ରାଜାଙ୍କର ଶେଷ ସମୟ ଆସିଗଲା । ତଥାପି ରାଜାଙ୍କ ତୁଣ୍ଡରୁ ହରିନାମ ବାହାରିଲା ନାହିଁ । ମଲାବେଳେ ତାଙ୍କ ସ୍ତ୍ରୀ ପୁରଞ୍ଜନୀ କଥା କିନ୍ତୁ ମନରେ ଥିଲା । ସ୍ତ୍ରୀ କଥା ମୃତ୍ୟୁକାଳରେ ମନେ ପଡ଼ିବାରୁ ସେ ବିଦର୍ଭ ରାଜାଙ୍କ ଝିଅ ହୋଇ ଜନ୍ମଲାଭ କଲେ ।

ପରିଣତ ବୟସରେ ସେ ଦ୍ରାବିଡ଼ ଦେଶର ରାଜା ମଳୟଧ୍ୱଜଙ୍କୁ ବିବାହ କଲେ । ରାଜା ମଳୟଧ୍ୱଜଙ୍କ ମୃତ୍ୟୁପରେ ସେ ତାଙ୍କ ଚିତାଗ୍ନିରେ ଝାସଦେବାକୁ ଯାଉଥିବା ସମୟରେ ଜଣେ ବ୍ରାହ୍ମଣ ଉପସ୍ଥିତ ହୋଇ ତାଙ୍କୁ ଦିବ୍ୟଜ୍ଞାନ ଶୁଣାଇଲେ । ସେ କହିଲେ ଝିଅଲୋ, ଏ ସଂସାରରେ କେହି କାହାର ନୁହଁନ୍ତି । ମଣିଷ ଜନ୍ମ ହୋଇଛି ଏକା, ମରିବ ମଧ୍ୟ ଏକା । ତୁ ଯାହାପାଇଁ କାନ୍ଦୁଛୁ ସେ ତୋ ଦୁଃଖ ବିଷୟ ବୁଝିବ ନାହିଁ । ସେ ଗୋଟିଏ ଜୀବାତ୍ମା । ଜୀବ ଏବଂ ଆତ୍ମା ଈଶ୍ୱରଙ୍କର ଅଂଶ ବିଶେଷ । ଏକଥା ନ ବୁଝି ଦୁଃଖ କରିବା ଠିକ୍ ନୁହେଁ । ଭଗବତ୍ ଚିନ୍ତା ନ କରି ଇନ୍ଦ୍ରିୟଭୋଗର ଉଦ୍ଦେଶ୍ୟ ରଖି ତୁ ପୃଥିବୀରେ ଜନ୍ମଲାଭ କଲୁ । ପୂର୍ବଜନ୍ମରେ ତୁ ପୁରଞ୍ଜନ ରାଜା ରୂପେ ଜନ୍ମଲାଭ କରିଥିଲୁ । ଯେଉଁ କୋଠାଘରେ ରହିଥିଲୁ ତାହାର ନଅଗୋଟି ଦ୍ୱାର ଥିଲା । ତାହାର ନାମ ଭୋଗବତୀ ନଗର । ସେ ଘରେ ଥିବା ଜଣେ ସୁନ୍ଦରୀ ରମଣୀ ତୋ ମନକୁ ବନ୍ଦୀ କରି ରଖିଥିଲା । ତୁ ସେଠାରେ ବନ୍ଦୀ ହୋଇ ଇନ୍ଦ୍ରିୟ ଉପଭୋଗରେ ଜୀବନ ବିତାଇଲୁ । ମାୟାରେ ପଡ଼ି ବିଷୟଭୋଗରେ ମାତିବାରୁ ତୋର ଏ ଦୁର୍ଗତି ହୋଇଛି ।

ନାରଦ ଏହିପରି ପୁରଞ୍ଜନ ଉପାଖ୍ୟାନ ପ୍ରାଚୀନ ରାଜାଙ୍କୁ ଶୁଣାଇଲେ । ନାରଦ କପିଳମୁନିଙ୍କ ଆଶ୍ରମକୁ ଯାଇ ବ୍ରହ୍ମଜ୍ଞାନ ଶିକ୍ଷା କରିବାକୁ ପ୍ରାଚୀନ ରାଜାଙ୍କୁ ଉପଦେଶ ଦେଇ ବିଦାୟ ନେଲେ । ରାଜା ନିଜ ପୁଅକୁ ରାଜ୍ୟଭାର ଅର୍ପଣ କରି କପିଳମୁନିଙ୍କ ଆଶ୍ରମରେ ରହି ଏକାଗ୍ର ଚିତ୍ତରେ ହରିଙ୍କୁ ଧ୍ୟାନ କରି ସଂସାରରୁ ତରିଗଲେ ।

## ମୀମାଂସା

ତାମସ ଭିତରେ ଦଶଶିର ରାବଣ ଭଳି, ପୃଥୁ ବୋଇଲେ ଶରୀର ବା ପିଣ୍ଡକୁ ବୁଝାଏ । ତନ୍ମଧ୍ୟରେ ପ୍ରାଚୀନ ରାଜା ହେଉଛି ତମ ଗୁଣ । ନାରଦ ଋଷି ନାରଦୀୟ ନୀତିରେ ଶବ୍ଦ ଓ ଭେଦକୁ ବୁଝାଏ । ସତ୍ତ୍ୱଗୁଣରେ ନାଦ, ରଜଗୁଣରେ ଶବ୍ଦ ଏବଂ ତମଗୁଣରେ ଭେଦ ଏହି ନାରଦୀୟ ନୀତିର ସାଧନ ତତ୍ତ୍ୱ । ନାରଦୀୟ ସାଧନ ତତ୍ତ୍ୱର ପଥ ହେଉଛି ଯୋଗ ଏବଂ ଏହି ଯୋଗ ମାର୍ଗରେ ଯୋଗମାୟା ବଳରୁ ଯୋଗନିଦ୍ରା ସମ୍ଭବ ହୁଏ । ଯୋଗନିଦ୍ରାରେ ଯୋଗୀ ସ୍ଥିର ଲୟରେ ଯାହା ସମ୍ଭବ ତାହା ଦର୍ଶନ କରିପାରେ । ତମଗୁଣ ସମ୍ପନ୍ନ ଜୀବ ଯୋଗାରୂଢ଼ ହୋଇ ଯମପୁର ଅର୍ଥାତ୍ ନାରକୀୟ ରୋଗ, ଶୋକ, ଦୁଃଖ, ଯନ୍ତ୍ରଣା ଇତ୍ୟାଦି ଯାବତୀୟ ନରକ ଭୋଗ ଦର୍ଶନ କରେ । ଏହି ଦର୍ଶନ ପରେ ଜୀବ ପ୍ରକୃତ ଯୋଗମାର୍ଗର ସାଧନାପଥରେ କ୍ରମଶଃ ଆଗେଇ ଚାଲେ ।

ପୁରଞ୍ଜନ ହେଉଛି ଜୀବବ୍ରହ୍ମ । ଜୀବ ମାୟା ଶରୀର ଧାରଣ କରି ଇନ୍ଦ୍ରିୟଗ୍ରାହ୍ୟ ଭୋଗଲାଳସାରେ ମୋହଗ୍ରସ୍ତ ହୁଏ । ଜୀବ ବ୍ରହ୍ମ ମାୟା ଶରୀର ବା ଭୌତିକ ପିଣ୍ଡରେ ବନ୍ଦୀ ହୋଇ ଇନ୍ଦ୍ରିୟ ସୁଖ ପାଇଁ ଆଶାୟୀ ହୁଏ । ଏହି ମାୟାଶରୀର ବା ଭୌତିକ ପିଣ୍ଡହିଁ ରାଜାପ୍ରାସାଦ । ଶରୀରରୂପୀ ଏହି ରାଜପ୍ରାସାଦର ନବଗୋଟି ଦ୍ୱାର (ଯଥା ପାଟି, ଦୁଇଆଖି, ଦୁଇ ନାକପୁଡ଼ା, ଦୁଇ କାନ, ପରିସ୍ରାଦ୍ୱାର ଓ ମଳଦ୍ୱାର) । ଜୀବ ଏହି ନବଦ୍ୱାର ବିଶିଷ୍ଟ ଶରୀରରୂପି ପ୍ରାସାଦରେ ମନ ଓ ଇନ୍ଦ୍ରିୟ ସାହାଯ୍ୟରେ ଏହି ନବଦ୍ୱାର ଦେଇ (ଦ୍ୱାରା) ବିଷୟ ଭୋଗ କରେ । ମାୟାଶରୀର ଧରି ମାୟାମୋହ ଗ୍ରସ୍ତ ହୋଇଥିବାରୁ ସବୁ ଅବସ୍ଥାରେ 'ଈଶ୍ୱରହିଁ ଅଜ୍ଞାତ ସଖା' ବୋଲି ବୁଝିପାରେ ନାହିଁ । ଶରୀରରୂପୀ ପ୍ରାସାଦରେ ପଞ୍ଚଜ୍ଞାନେନ୍ଦ୍ରିୟ ଓ ପଞ୍ଚକର୍ମେନ୍ଦ୍ରିୟ ଏହିପରି ଦଶନ୍ଦ୍ରିୟ ଦଶପରିଚାରୀ ଜୀବର ସେବାରେ ଲାଗି ପଡ଼ନ୍ତି । ପ୍ରାଣ ହେଉଛି ଶରୀରରୂପୀ ପ୍ରାସାଦର ପ୍ରହରୀ । ଏହି ପ୍ରାଣ ହିଁ ପାଞ୍ଚଟି ଫଣାଯୁକ୍ତ ସର୍ପ । ପଞ୍ଚପ୍ରାଣବାୟୁ ଯଥା:- ଅପାନ, ବ୍ୟାନ, ସମାନ, ପ୍ରାଣ ଓ ଉଦାନ ଏହି ସର୍ପର ପାଞ୍ଚଗୋଟି ଫଣା । ମନ ହେଉଛି ଦଶଇନ୍ଦ୍ରିୟ ରାଜା । ପଞ୍ଚପ୍ରକୃତି ଯଥା: ମନ, ବୁଦ୍ଧି, ଆତ୍ମା, ଅହଂକାର ଏବଂ ବ୍ରହ୍ମହିଁ ପଞ୍ଚହାଟ । ଏହି ହାଟରେ ପାପପୁଣ୍ୟ କ୍ରୟ ବିକ୍ରୟ ହେଉଛି । ହାଟେଶ୍ୱରୀ ବା ସୁନ୍ଦରୀ ନାରୀ ହେଉଛି ମନ (ଅହଂବୁଦ୍ଧି) । ପୁରଞ୍ଜନ ରାଜା ହାଟେଶ୍ୱରୀ ସେହି ସୁନ୍ଦରୀ ନାରୀ ରୂପିଣୀ ମନର ସଂପୂର୍ଣ୍ଣ ଆୟତ୍ତରେ ରହି ଇନ୍ଦ୍ରିୟ ଭୋଗରେ କାଳାତିପାତ କରେ । ମାୟା ଶରୀରରୂପୀ ପ୍ରାସାଦରେ ଜୀବ ଇନ୍ଦ୍ରିୟପରବଶ ହୋଇ ବାର୍ଦ୍ଧକ୍ୟଗ୍ରସ୍ତ ହେଲେ ମନ ଦୂରେଇ ଯାଏ ମାତ୍ର ଇନ୍ଦ୍ରିୟ ଜଡ଼ି ହୋଇ ରହେ । ଭାଗବତବାଣୀ ସତ୍ୟରେ ପରିଣତ ହୁଏ-

''କର ଚରଣ ନ ଚଳଇ । ମଦନେ କମ୍ପୁଥାଇ ଦେହୀ ।।''

ଜୀବ ମୃତ୍ୟୁକାଳରେ ଯାହା ଧ୍ୟାନ କରେ, ପରବର୍ତ୍ତୀ ଜନ୍ମରେ ତଦନୁରୂପ ଶରୀର ଲାଭ କରେ । ଶ୍ରୀମଦ୍‌ଭଗବଦ୍‌ଗୀତାରେ ମଧ୍ୟ ଏହା ସ୍ପଷ୍ଟ ହୋଇଅଛି ।

ପୁରଞ୍ଜନ ରାଜା ରୂପୀ ଜୀବ ମୃତ୍ୟୁକାଳରେ ମନରୂପକ ସୁନ୍ଦରୀ ସ୍ତ୍ରୀକୁ ସ୍ମରଣ କରିଥିବା ହେତୁ ପରବର୍ତ୍ତୀ ଜନ୍ମରେ ବିଦର୍ଭ ରାଜାଙ୍କ ଝିଅ ହୋଇ ଜନ୍ମଲାଭ କଲେ ଓ ମଳୟ ରାଜାଙ୍କୁ ବିବାହ କଲେ । ଭୋଗବତୀ ନଗରରୂପକ ଶରୀରରେ ମନର ବଶବର୍ତ୍ତୀ ହୋଇ ପୁରଞ୍ଜନର ଏହି ଦୁର୍ଗତି ହେଲା । ପରଂବ୍ରହ୍ମର ସଂସର୍ଗରେ ଜୀବବ୍ରହ୍ମର ମୁକ୍ତି ହୁଏ । ପୁରଞ୍ଜନ ପରବର୍ତ୍ତୀ ଜନ୍ମରେ ଏହି ଦିବ୍ୟଜ୍ଞାନ ଲାଭ କରିବାକୁ ସମର୍ଥ ହେଲେ । ଏ ଶରୀର ହେଉଛି ଏକ ରଥ । ଇନ୍ଦ୍ରିୟଗଣ ଏ ରଥର ଅଶ୍ୱ । ପଞ୍ଚ ବିଷୟହିଁ ମାର୍ଗ । ଈଶ୍ୱରଙ୍କ ଦ୍ୱାରା ଏହି ଶରୀର ରୂପକ ରଥ ତିଆରି ହୋଇଛି । ତ୍ରିଗୁଣ ହେଉଛି ଧ୍ୱଜ ସ୍ୱରୂପ । ପଞ୍ଚ ପ୍ରାଣବାୟୁ ରଥରେ ଅଶ୍ୱବନ୍ଧା ଦଉଡ଼ି । ଶୋକ ଓ ମୋହ ରଥର ଯୁଆଳି । ବୁଦ୍ଧି ହେଉଛି ସାରଥି । ମନ ହେଉଛି ଅଶ୍ୱର ରଶ୍ମି (ରଜ୍ଜୁ ବା ଲଗାମ) ।

***

# ଶ୍ରୀଶ୍ରୀ ଠାକୁରଙ୍କ ଦର୍ଶନରୁ



# ମୋହ

ଜ୍ଞାନସାଗର ତତ୍ତ୍ୱଦ୍ରଷ୍ଟା ପରମପୁରୁଷଙ୍କର ଦର୍ଶନତତ୍ତ୍ୱ ସାମ୍ପ୍ରତିକ ସମୟରେ ଜାତି, ବର୍ଣ୍ଣ, ଧର୍ମ, ସମ୍ପ୍ରଦାୟ ନିର୍ବିଶେଷରେ ସବୁ ବୟସର, ସବୁ ବର୍ଗର, ପାଠକପାଠିକାମାନଙ୍କର ପଠନୋପଯୋଗୀ । ଅନୁସନ୍ଧିତ୍ସୁ ଦିବ୍ୟାତ୍ମାମାନଙ୍କର ଆଧାତ୍ମିକ ଶିକ୍ଷା ପରିସରଭୁକ୍ତ ଏହି ନିତ୍ୟତତ୍ତ୍ୱ ଅନିତ୍ୟ ଜଗତରେ ନିତ୍ୟସତ୍ୟ ଉପଲବ୍ଧିର ଏକମାତ୍ର ସହଜ, ସରଳ ଓ ସୁନ୍ଦର ପଥ । ଏହି ଦର୍ଶନତତ୍ତ୍ୱର ଅନୁଶୀଳନ ସାଧନା ପଥର ବାଧାବନ୍ଧ ଅତିକ୍ରମ କରି ସାଧନ ମାର୍ଗରେ ଚାଲିଯିବାର ଉତ୍ସାହ ଓ ପ୍ରେରଣା ପ୍ରଦାନ କରେ । "ମୋହ" ଶୀର୍ଷକରେ ଏଥର ପଢ଼ନ୍ତୁ-

## ଗୁର୍ବାଗଂଜନ ମୋହ

### ଶିଷ୍ୟ ଉବାଚ :

ହେ ଗୁରୁସ୍ୱାମୀ ପୂର୍ଣ୍ଣବ୍ରହ୍ମ । ସଚ୍ଚିଦାନନ୍ଦ ନିତ୍ୟସତ୍ମ ।।
ହେ ମହାକାଳ ହେ କେଶବ । ଶ୍ରୀ ଜଗନ୍ନାଥ ହେ ପ୍ରଣବ ।।
ଶୂନ୍ୟମଣ୍ଡଳେ ସ୍ଥିତି ତୋର । ତହିଁ ଯେ ଜ୍ୟୋତିବିନ୍ଦୁ ସ୍ଥିର ।।
କୈବଲ୍ୟ ପାଦରୁ ଜନମ । ହୋଇଛୁ ପୁରୁଷ ପରମ ।।
ସାକ୍ଷାତ ଶିଶୁବେଦ ତୁହି । ବେଦ ତତ୍ତ୍ୱକୁ ଦେହେ ବହି ।।
ଧରିଛୁ ପାର୍ଥିବ ମୂରତି । ରଖିଛୁ ସୁଦିବ୍ୟ ଶକତି ।।
ମୁଁ ଯେ ଅଜ୍ଞାନ ଶିଶୁପଣେ । ଆଶ୍ରିତ ତୋହରି ଚରଣେ ।।
କରୁଣା କରି ଦେଲ କହି । ମୋ ଠାରେ ମମତାକୁ ବହି ।।
ଶୁଣିଲି ମୋହ ତ୍ରି ପ୍ରକାର । ରହିଲା ତାରୋଟି ପ୍ରକାର ।।
ଗୁର୍ବା ଗଂଜନ, ସସ୍ତ୍ରୀକ ଯେ । ଆବର ଦୁଇଗୋଟି ଖୋଜେ ।।
ଗୁର୍ବାଗଂଜନ ମୋହ କଥା । ପ୍ରଥମେ କୁହ ହେ ଦେବତା ।।

ଜିଜ୍ଞାସୁ ପରମ ଶିଷ୍ୟଶିରୋମଣି ଶ୍ରୀଚରଣାଶ୍ରିତ ଭକ୍ତ ବିନୟ ସହକାରେ ଶ୍ରୀଶ୍ରୀଗୁରୁସ୍ୱାମୀଙ୍କ ସନ୍ନିଧାନରେ କରପତ୍ର ଯୋଡ଼ି ଆକୁଳ ପ୍ରାର୍ଥନା ଜଣାଇ ଗୁର୍ବାଗଂଜନ ମୋହ ସମ୍ପର୍କରେ ସବିଶେଷ ବିବରଣୀ ଶୁଣିବା ନିମନ୍ତେ ଅଳି କରୁଛନ୍ତି । ଭକ୍ତବତ୍ସଳ ଭାବଗ୍ରାହୀ କରୁଣାସାଗର ଶରଣରକ୍ଷଣ ଦଳିଆରଭୁଜ ମହାବାହୁ ପ୍ରସନ୍ନ ହୋଇ କହୁଛନ୍ତି :

## ଶ୍ରୀଶ୍ରୀ ଗୁରୁସ୍ୱାମୀ ଉବାଚ :

କର୍ମ ନ କରି ଫଳ ପାଇଁ । ଆଶା କରିବା ମୋହ ଏହି ।।
କର୍ମ ନ କରି ଫଳ ଆଶା । କରଇ ପ୍ରାଣୀ ଏ ଦୁରାଶା ।।
କର୍ମ ନ କରି ପ୍ରାପ୍ତି ଆଶା । ପାଇଁ ଲୋଡ଼ନ୍ତି ସେ ଭରସା ।।
ଗୁରୁ ପ୍ରଦତ୍ତ କର୍ମଯୋଗ । ନକରି ଲୋଡ଼େ ଉପଭୋଗ ।।
ତାଙ୍କ ମନର ଏ ଧାରଣା । ସବୁହିଁ ଗୁରୁଙ୍କ କରୁଣା ।।
ସମୟ ଲାଗେ ସାଧନାରେ । ଶୀଘ୍ର ପ୍ରାପତି କରୁଣାରେ ।।
ପ୍ରାଣୀ ପଡ଼ିଣ ଏ ମୋହରେ । ଶିଷ୍ୟତ୍ୱ ଲଭେ ଗୁରୁଦ୍ୱାରେ ।।
କର୍ମ ନ କରି ଫଳ ପାଇଁ । ଆସଇ ଗୁରୁଦ୍ୱାରେ ଧାଇଁ ।।
ଗୁରୁଗଂଜନ ମୋହ ଏହି । ଅବା ସାତ୍ତ୍ୱିକ ମୋହ କହି ।।
ଶିଷ୍ୟତ୍ୱ ଲଭି ଗୁରୁଦ୍ୱାରେ । ଧାରାରେ ସାଧନା ନ କରେ ।।
ପ୍ରାପତି ଆଶେ ଦିଏ ମନ । ଏ ତହୁଁ ଗୁରୁଙ୍କୁ ଗଂଜନ ।।
ଏପରି ଶିଷ୍ୟର ଗଂଜଣା । ପାଆନ୍ତି ଶ୍ରୀଗୁରୁ ଦକ୍ଷିଣା ।।
ଲଭନ୍ତି ଶ୍ରୀଗୁରୁ କଷଣ । ଶିଷ୍ୟର ପ୍ରାପତି ଭୀଷଣ ।।
ଭଲ ଆଶାରେ ମନ୍ଦ ପାଏ । ଗୁରୁଙ୍କୁ ଦୋଷ ଲଦି ଥାଏ ।।
କର୍ମଯୋଗରେ ଯେହୁ ରହେ । ନପଡ଼େ କଦାପି ଏ ମୋହେ ।।
ଧାରାରେ କରଇ ସାଧନ ଗୁରୁବାକ୍ୟରେ ଦେଇ ମନ ।।
ଗୁରୁଙ୍କୁ ଛାଡ଼ି ଅନ୍ୟଗତି । ନ ଥାଏ ହୁଏ ଦୃଢ଼ ମତି ।।
କର୍ମ କରିଣ ଫଳ ପାଏ । ତା'ଠାରେ ଗୁରୁକୃପା ଥାଏ ।।

ଧର୍ମଧାରା ନେଇ କର୍ମଯୋଗ ସାଧନା ନ କରି ଅନେକ ଅଲୌକିକ ଫଳପ୍ରାପ୍ତିର ଆଶା ପୋଷଣ କରନ୍ତି । କର୍ମ ନ କରି ଫଳପ୍ରାପ୍ତିର ଦୁରାଶା ଗୁର୍ବାଗଂଜନ ମୋହ ହେତୁରୁ ପ୍ରାଣୀ ମନରେ ଉଜ୍ଜୀବିତ ହୋଇଥାଏ । ଗୁରୁଙ୍କର ଐଶ୍ୱର୍ଯ୍ୟକୁ ଦେଖି କେତେକ ବ୍ୟକ୍ତିଙ୍କର ମନ ତାହା ପାଇବା ଆଶାରେ ଲାଖି ଯାଏ । ତେଣୁ, ସେମାନେ ସେହି ଐଶ୍ୱର୍ଯ୍ୟ ପ୍ରାପ୍ତି ଆଶାରେ ଭଗବଦ୍ ବା ଗୁରୁଙ୍କର ସାନ୍ନିଧ୍ୟ ଲାଭର ମନୋଭାବ ପୋଷଣ କରିଥାଆନ୍ତି । ଗୁରୁଙ୍କର ଐଶ୍ୱର୍ଯ୍ୟ ଦ୍ୱାରା ଆକୃଷ୍ଟ ହୋଇ ସେମାନେ ତାହା ପାଇବା ଆଶାରେ ଗୁରୁଦ୍ୱାରସ୍ଥ ହୁଅନ୍ତି । କର୍ମ ନ କରି ପ୍ରାପ୍ତି ଆଶାରେ ସେମାନେ ଗୁରୁମୁଖରୁ ଭରସା ଲୋଡ଼ନ୍ତି । ଗୁରୁଦତ୍ତ କର୍ମଯୋଗ ଅଭ୍ୟାସ ନ କରି, ଗୁରୁଙ୍କ ପ୍ରୀତି ଅର୍ଥରେ କୌଣସି ବିଶେଷ କର୍ମ ସମ୍ପାଦନ ନ କରି ବା ଗୁରୁଙ୍କ ଉଦ୍ଦେଶ୍ୟରେ ତ୍ୟାଗ, ନିଷ୍ଠା, ଦାନ, ଦକ୍ଷିଣା ଦେବାର ଅଭ୍ୟାସ ନ କରି ସେହି ଗୁର୍ବାଗଂଜନ ମୋହରେ ଆସକ୍ତ ବ୍ୟକ୍ତିଗଣ ଉପଭୋଗର କାମନାବାସନା ମନର ଅନ୍ତଃକରଣରେ ପୋଷଣ କରିଥାଆନ୍ତି । ଗୁର୍ବାଗଂଜନ ମୋହଗ୍ରସ୍ତ ପ୍ରାଣୀମାନେ ଉପରଠାଉରିଆ ଭାବରେ କର୍ମଯୋଗର ସାଧନ ପ୍ରଣାଳୀ ଗ୍ରହଣ କରିଥାଆନ୍ତି ସତ, କିନ୍ତୁ ଅନ୍ତଃକରଣରେ ଗୁରୁଙ୍କର କରୁଣା ପ୍ରାପ୍ତି ଆଶା ବସାବାନ୍ଧି ଥାଏ, ତେଣୁ ପ୍ରତିଦିନର ଅଭ୍ୟାସଯୋଗ ନିଷ୍ଠା ଏବଂ ଆନ୍ତରିକତାର ସହିତ ଗୋପନୀୟତା ରକ୍ଷାକରି

ପାଳନ ନ କରି ଲୋକ ଦେଖାଣିଆ ଭାବରେ କରନ୍ତି । ଗୁରୁଙ୍କର ଅହେତୁକୀ କୃପାଦାନର କ୍ଷମତା ଅବଶ୍ୟ ନିଶ୍ଚୟ ଅଛି । କିନ୍ତୁ ଏଥି ନିମନ୍ତେ ଗୁରୁଙ୍କୁ ସେବା, ପରିଚର୍ଯ୍ୟା, ତ୍ୟାଗ, ନିଷ୍ଠା, ଦାନଧର୍ମ, ଆନ୍ତରିକ ପ୍ରେମର ପରାକାଷ୍ଠା ଦ୍ୱାରା ସନ୍ତୁଷ୍ଟ କରିବା ହିଁ ଶିଷ୍ୟର ପୁରୁଷାର୍ଥ । ପୁରୁଷାର୍ଥ ବିନା ଦୈବୀକୃପା ଲାଭ କରାଯାଇ ପାରେନା । ଶରଣାଗତି ଓ ପ୍ରେମ ଭକ୍ତି ବିନା ଫଳଲାଭ କରାଯାଇ ପାରେନା । ଯଦିବା କଦବା କେମିତି କାହାକୁ ପ୍ରାପ୍ତ ହୁଏ, ତାହା ଦୀର୍ଘସ୍ଥାୟୀ ହୁଏନା । ଯଦିବି ଦୀର୍ଘସ୍ଥାୟୀ ହୁଏ ତେବେ ତାହା ପୂର୍ବଜନ୍ମର ସୁକୃତର ଫଳ ବୋଲି ମନେ କରାଯିବା ବିଧେୟ । ଶ୍ରୀମଦ୍ ଭାଗବତରେ ଅଛି :

ପୂର୍ବ ଜନ୍ମର କର୍ମଫଳେ । ଯାଚି ମୁଁ ଦେଉଥାଇ ବଳେ ।।  
ଭାଗ୍ୟରେ ନାହିଁ ଯଦି ଫଳେ । ଦଇବ ହରି ନିଏ ବଳେ ।।  
ପିତାମାତା ସଂଯୋଗ କାଳେ । ବିହି ଯା' ଲେଖିଲା କପାଳେ ।।

ଗୁରୁଙ୍କ ଅଲୌକିକ କୃପାରେ ଲକ୍ଷ୍ୟ ଥାଇ ଐଶ୍ୱର୍ଯ୍ୟ ପ୍ରାପ୍ତିରେ ଆଖିରଖି ଗୁର୍ବାଗଂଜନ ମୋହଗ୍ରସ୍ତ ବ୍ୟକ୍ତିମାନେ ବାରମ୍ବାର ଗୁରୁଦ୍ୱାରସ୍ଥ ହୁଅନ୍ତି । ମାତ୍ର ନିର୍ଦ୍ଦିଷ୍ଟ କର୍ମ ସଂପାଦନ ନ କରିବା ଦୋଷରୁ କୃପାଲାଭରୁ ବଞ୍ଚିତ ହୋଇ ଗୁରୁଙ୍କଠାରେ ମାନ ମାରନ୍ତି । ସବୁକିଛି ଗୁରୁଙ୍କର ଇଚ୍ଛା, ସବୁକିଛି ଗୁରୁଙ୍କର କୃପା ବୋଲି ସେମାନେ ଧାରଣା ମନ ମଧ୍ୟରେ ପୋଷଣ କରି ଭୁଲ ବାଟରେ ଚାଲିଥାଆନ୍ତି । ସାଧନା ମାର୍ଗରେ ଚଳି କିଛି ପାଇବାକୁ ବହୁ ସମୟ ଲାଗେ ଏବଂ ଗୁରୁଙ୍କର କରୁଣାରୁ କିଛି ନ କରି ତାହା ମୁହୂର୍ତ୍ତକ ମଧ୍ୟରେ ସମ୍ଭବ ହୋଇପାରେ ବୋଲି ସେମାନେ କର୍ମ ସାଧନ ପଦ୍ଧତି ଅବଲମ୍ବନ ନ କରି ଗୁରୁକୃପାକୁ ଅନେଇ ନିଷ୍କ୍ରିୟ ହୋଇ କାଳାତିପାତ କରନ୍ତି ଏବଂ ଶେଷକୁ ହତାଶ ହୋଇ ବିଷମ ଫଳ ଭୋଗ କରନ୍ତି । ପ୍ରାଣୀ ଏହି ମୋହରେ ପଡ଼ି ଗୁରୁଦ୍ୱାରରେ ଗୁରୁଙ୍କର ଶିଷ୍ୟତ୍ୱ ଲାଭ କରି କର୍ମ ନ କରି ଫଳପାଇଁ ଆକାଂକ୍ଷିତ ହୋଇ ବିନାକାରଣରେ ଗୁରୁଦ୍ୱାରକୁ ବାରମ୍ବାର ଧାଇଁଥାଏ ସତ, ମାତ୍ର ସେ ଯେତେକୃପା ଭିକ୍ଷା କଲେ ମଧ୍ୟ ଗୁରୁ ତାକୁ ରକ୍ଷା କରନ୍ତି ନାହିଁ । ଏହି ଗୁରୁଗଂଜନ ମୋହକୁ ମଧ୍ୟ ସାତ୍ତ୍ୱିକ ମୋହ କୁହାଯାଏ । ଯେଉଁ ବ୍ୟକ୍ତି ଗୁରୁଦ୍ୱାରରେ ଶିଷ୍ୟତ୍ୱ ଲାଭକରି ଧାରାରେ ସାଧନା କରେ ନାହିଁ ଅଥଚ ପ୍ରାପ୍ତି ଆଶାରେ ମନ ବଳେଇଥାଏ, ସେହି ବ୍ୟକ୍ତିର ଏତାଦୃଶ ଆଚରଣରୁ ଗୁରୁ ଗଂଜିତ ହୁଅନ୍ତି । ଶ୍ରୀଗୁରୁ ଏପରି ଶିଷ୍ୟଠାରୁ ଗଂଜଣାରୂପକ ଦକ୍ଷିଣା ପାଇଥାଆନ୍ତି । ଏହାହିଁ ତାତ୍ତ୍ୱିକ ଭାଷାରେ ଗୁର୍ବାଗଂଜନ ମୋହର ବ୍ୟାଖ୍ୟା ଅଟେ ।

❋ ❋ ❋

କରାଳ କାଳର ବିକଟ ମୁଖ ।  
ସୁଖ ହରିନେଇ ଦେବରେ ଦୁଃଖ ।।

ଦୁଃଖ ଶୋକ ରୋଗ ଗଦାକୁ ଗଦା ।  
ଶ୍ରୀପଦରେ ଲୟ ରଖନ୍ତୁ ସଦା ।।

# ଚରମର ପ୍ରଚ୍ଛଦପଟ ସମ୍ପର୍କରେ

*'ଚରମ' ପୃଷ୍ଠାରେ 'ଚରମର ପ୍ରଚ୍ଛଦପଟ ସମ୍ପର୍କରେ' ଏକ ନିୟମିତ ଧାରାବାହିକ ସ୍ତମ୍ଭ ରୂପେ ଏଯାବତ୍ ପ୍ରତ୍ୟେକ ପୃଷ୍ଠର ପ୍ରତ୍ୟେକ ପାଖୁଡ଼ାରେ ପ୍ରକାଶ ହୋଇ ଆସୁଛି । ତୃତୀୟ ପୃଷ୍ଠର ଦ୍ୱିତୀୟ ପାଖୁଡ଼ା (ନବମ ସଂଖ୍ୟା)ରେ ପ୍ରଳୟର ବିଭୀଷିକା ସମ୍ପର୍କରେ ସମ୍ୟକ୍ ଆଲୋଚନା କରାଯିବା ପରେ ଏବେ ଏହି ସଂଖ୍ୟାରେ ସୃଷ୍ଟିର ନିଗମ ତତ୍ତ୍ୱ ସମ୍ବନ୍ଧରେ ସାମାନ୍ୟ ଆଲୋକପାତ କରାଯିବାର ବ୍ୟବସ୍ଥା ସମ୍ପାଦନା କରିଛନ୍ତି । 'ଚରମ'ର ପ୍ରଚ୍ଛଦପଟ ମୂଳତଃ ସୃଷ୍ଟିର ପ୍ରତୀକ । ତଥାପି, ଏହି ସୃଷ୍ଟିର ପ୍ରତୀକାତ୍ମକ ଚିତ୍ରର ପ୍ରଚ୍ଛନ୍ନରେ ରହିଛି ସ୍ଥିତି ଏବଂ ପ୍ରଳୟ । ତେଣୁ, ଏହା ଏକାଧାରରେ ସୃଷ୍ଟି, ସ୍ଥିତି ଓ ପ୍ରଳୟର ଦ୍ୟୋତକ । ଇପ୍ସିତ, ସ୍ଥିତି ଏବଂ ହେତିର ପ୍ରତୀକ । ଏ ସଂଖ୍ୟାରେ ଆସନ୍ତୁ ପଢ଼ିବା : ଚରମର ପ୍ରଚ୍ଛଦପଟ ସମ୍ପର୍କରେ :*

## ସୃଷ୍ଟିତତ୍ତ୍ୱ

ଜ୍ଞାତୁମିଚ୍ଛା ଜିଜ୍ଞାସା । ଜାଣିବାକୁ ଇଚ୍ଛା ହିଁ ଜିଜ୍ଞାସା । ମନୁଷ୍ୟ ପୃଥିବୀରେ ପ୍ରଥମ କରି ଭୂମିଷ୍ଠ ହେବା ଦିନଠାରୁ ଆଜି ପର୍ଯ୍ୟନ୍ତ ଏହି ଜିଜ୍ଞାସାକୁ ନେଇ ସମୟ ସ୍ରୋତରେ ଭାସି ଚାଲିଛି । କେତେ ଯେ ମନୁଷ୍ୟ ଏ ପୃଥିବୀ ପୃଷ୍ଠରେ ଭୂମିଷ୍ଠ ହୋଇ ମାନବଲୀଳା ରଚନା କରି ପୁଣି ମୃତ୍ୟୁର କରାଳ ଗହ୍ୱରରେ ହଜିଯାଇଛନ୍ତି । ତନ୍ମଧ୍ୟରୁ ମହାପୁରୁଷଗଣ କିଛି ନା କିଛି ଜିଜ୍ଞାସାକୁ ଉପଜୀବ୍ୟ କରି ନୂତନ ତତ୍ତ୍ୱ ଓ ତଥ୍ୟ ମାନବ କଲ୍ୟାଣ ନିମନ୍ତେ ଉତ୍ସର୍ଗ କରିଯାଇଛନ୍ତି । ଏ ସକଳ ପ୍ରଦତ୍ତ ତଥ୍ୟ ଓ ତତ୍ତ୍ୱ ଭିତ୍ତିକରି ଏଯାବତ୍ ଜ୍ଞାନର ଉତ୍ତୁଙ୍ଗ ଏଭାରେଷ୍ଟ, ଗଭୀର ସାଗର ଏବଂ ବିସ୍ତୃତ ଆକାଶ ସୃଷ୍ଟି ହୋଇଛି । ତଥାପି, ଏ ସୃଜନଶୀଳତାର ଅନ୍ତ ନାହିଁ, ଜିଜ୍ଞାସାର । ଏହା ଅନାଦି, ଅନନ୍ତ, ପରିବ୍ୟାପ୍ତ ଓ ସୁବିସ୍ତୃତ । କେବେଠାରୁ ଏବଂ କେଉଁଠାରୁ ଏ ପ୍ରକ୍ରିୟା ଆରମ୍ଭ ତାହା ଆଜି ପର୍ଯ୍ୟନ୍ତ ଅଜ୍ଞାତ ଏବଂ କେବେ ଓ କେଉଁଠାରେ ଏହାର ସମାପ୍ତି ତାହା ମଧ୍ୟ ଅବ୍ୟକ୍ତ । ଏହି ଅନାଦି ଅନନ୍ତ ଜ୍ଞାନ ହିଁ ନିତ୍ୟ ଓ ସନାତନ । ଏହାହିଁ ବ୍ରହ୍ମ, ଏହି ବ୍ରହ୍ମଜିଜ୍ଞାସା ହିଁ ଜ୍ଞାନ ପିପାସା । ଜ୍ଞାନ ଆହରଣ ବ୍ୟତିରିକ୍ତ ବ୍ରହ୍ମଜିଜ୍ଞାସା ଅସମ୍ଭବ ଓ ଅସଂପୂର୍ଣ୍ଣ ।

ବ୍ରହ୍ମ ବିଜିଜ୍ଞାସିତବ୍ୟମ୍ । ବ୍ରହ୍ମକୁ ଜାଣିବା ଉଚିତ । ଆତ୍ମା ତ ବ୍ରହ୍ମ । ଆତ୍ମା ହିଁ ବ୍ରହ୍ମ । ବ୍ରହ୍ମକୁ ଯଦି ଜାଣିବା ଉଚିତ, ତେବେ ବ୍ରହ୍ମକୁ ଚିହ୍ନିବାର ନିମ୍ନତମ ସୂତ୍ରଟି କ'ଣ ? ଜନ୍ମାଦ୍ୟସ୍ୟ ଯତଃ । ଅର୍ଥାତ୍, ଯତଃ ଅସ୍ୟ ଜନ୍ମାଦି । ଯାହାଠାରୁ ଏହି ସଂସାରର ଜନ୍ମ (ସୃଷ୍ଟି), ଯାହାଦ୍ୱାରା ଏ ସଂସାରର ସ୍ଥିତି ପୁଣି ଅନ୍ତରେ ପ୍ରଳୟ, ତାହାହିଁ ବ୍ରହ୍ମ । ବ୍ରହ୍ମର ସ୍ୱରୂପ ନିର୍ଦ୍ଧାରଣ ମଧ୍ୟ ଜିଜ୍ଞାସା ସାପେକ୍ଷ ଏବଂ ଏହା ମଧ୍ୟ ଜ୍ଞାନକୁ ଅପେକ୍ଷା କରେ । ବ୍ରହ୍ମ ସର୍ବଜ୍ଞ । କାରଣ, ଶାସ୍ତ୍ର ଯୋନିତ୍ୱାତ୍ । ସକଳଶାସ୍ତ୍ରର ଉତ୍ପତ୍ତିସ୍ଥଳ ହିଁ ବ୍ରହ୍ମ । ପ୍ରଦୀପ ଯେପରି ସବୁ ସ୍ଥାନକୁ ସମାନ ଆଲୋକ ପ୍ରଦାନ କରେ, ସେହିପରି ସକଳ ବିଦ୍ୟାଯୁକ୍ତ ଦୀପ୍ତିମାନ୍, ସର୍ବଜ୍ଞ ସଦୃଶ ସକଳ ବେଦ ଉପନିଷଦ୍‌ର ଉତ୍ପତ୍ତିସ୍ଥଳ ବ୍ରହ୍ମ ନିଖିଳ ବିଶ୍ୱବ୍ରହ୍ମାଣ୍ଡକୁ ସମାନ ତେଜ ପ୍ରଦାନ କରନ୍ତି । ଏହି ବ୍ରହ୍ମ ଅଶରୀରଂ ବାବ ସନ୍ତଂ ନ ପ୍ରିୟାପ୍ରିୟେ ସ୍ପୃଶତ । ଦେହାଦି ଅଭିମାନରହିତ ଆତ୍ମାକୁ ମିଥ୍ୟାଦେହ ସମ୍ପର୍କୀୟ ସୁଖଦୁଃଖ ସ୍ପର୍ଶ କରେ ନାହିଁ, ପ୍ରିୟ ଅପ୍ରିୟ ସମ୍ବନ୍ଧର ପ୍ରତିଷେଧ ଦ୍ୱାରା ଶରୀର ରହିତ ଅବସ୍ଥା ପ୍ରାପ୍ତ ହୁଏ ।

'ଅଶରୀରଂ ଶରୀରେଷ୍ୱ ଅନବସ୍ଥେଷ୍ୱବସ୍ଥିତମ୍ ।
ମହାନ୍ତଂ ବିଭୂମାତ୍ମାନଂ ମତ୍ୱାଧୀରୋ ନଶୋଚତି ॥'

ଯେଉଁ ଦେବତା ଶରୀରରେ ଶରୀର ରହିତ, ଯେଉଁ ଠାକୁରେ ଅନିତ୍ୟରେ ନିତ୍ୟ ସ୍ୱରୂପ, ସେହି ମହାନ୍ ସର୍ବ ବ୍ୟାପକ ଆତ୍ମାକୁ ବ୍ରହ୍ମ ବୋଲି ଜାଣି ବ୍ରହ୍ମଜ୍ଞ ଶୋଚନା କରେ ନାହିଁ, ବରଂ ନିଶ୍ଚିନ୍ତରେ ନିଶ୍ଚିତ ରୂପେ ବ୍ରହ୍ମାନନ୍ଦ,

ପୂର୍ଣ୍ଣାନନ୍ଦ, ନିତ୍ୟାନନ୍ଦ, ସଚ୍ଚିଦାନନ୍ଦଙ୍କୁ ଜ୍ଞାତ କରିଥିବା କାରଣରୁ ଚରମପ୍ରାପ୍ତ ହୋଇ ଅଖଣ୍ଡସୁଖ, ନିତ୍ୟଶାନ୍ତି ଓ ପ୍ରେମାନନ୍ଦ ଲାଭକରେ ।

ଜାଗତିକ ସକଳ କାମନା ବାସନାର ଲକ୍ଷ୍ୟସ୍ଥଳ ସୁଖ, ଶାନ୍ତି ଓ ଆନନ୍ଦ । ବିଷୟାବିଷରେ ମଜ୍ଜିରହି କ୍ଷଣିକ ସୁଖ, ଶାନ୍ତି ଓ ଆନନ୍ଦ କାମନାରେ ବିଷୟ ବାସନା ରସିକମାନେ ପ୍ରାପ୍ତିପାଇଁ ଲକ୍ଷ୍ୟ ସ୍ଥିର କରି ଥାଆନ୍ତି । ଏହି ଜାଗତିକ ସୁଖ, କାମନା ପୂର୍ଣ୍ଣ ଶାନ୍ତି ଓ ବାସନା ଜର୍ଜରିତ ଆନନ୍ଦ ସର୍ବଦା ଓ ସର୍ବଥା ମିଳେ ନାହିଁ । ଏହା ପରିବର୍ତ୍ତନଶୀଳ, ଯାହା ପରିବର୍ତ୍ତନଶୀଳ ତାହାହିଁ ମାୟା, ତେଣୁ ନିତ୍ୟ ନୁହେଁ କି ସତ୍ୟ ମଧ୍ୟ ନୁହେଁ । ଏହି ଅନିତ୍ୟ ଭଙ୍ଗୁର ପ୍ରାପ୍ତି ତେଣୁ ଚରମ ପ୍ରାପ୍ତି ନୁହେଁ । ବିଷୟାରସିକମାନେ ଜାଗତିକ ଓ ସାଂସାରିକ ସୁଖ ଶାନ୍ତି ଆନନ୍ଦ ମଧ୍ୟରେ ମଜ୍ଜିରହି ଚରମ ପ୍ରାପ୍ତି ଖୋଜି ନ ପାଇ ହତାଶା ମଧ୍ୟରେ ଦୀର୍ଘଶ୍ୱାସ ତ୍ୟାଗ କରନ୍ତି ଓ ଅବସାଦଗ୍ରସ୍ତ ହୋଇ ପଶ୍ଚାତ୍ତାପ କରନ୍ତି । ଚରମ ପ୍ରାପ୍ତି ହିଁ ପରମ ଆନନ୍ଦ, ନିତ୍ୟସୁଖ ହିଁ ଚରମ ପ୍ରାପ୍ତି । ଚରମ ପ୍ରାପ୍ତି ଅବସ୍ଥାରେ ପରମ ଶାନ୍ତି ମିଳେ, ପରମ ବ୍ରହ୍ମ ଲାଭ ହୁଏ । ବଦ୍ଧଜୀବ ମୁକ୍ତ ହୁଏ, ଭକ୍ତ ହୁଏ ଏବଂ ବ୍ରହ୍ମ ସହିତ ଏକୀଭୂତ ହୁଏ । ବ୍ରହ୍ମବିଦ୍ ବ୍ରହ୍ମୈବ ଭବତି ।

ଜାଗତିକ ସୁଖ, ଶାନ୍ତି ଓ ଆନନ୍ଦ କିନ୍ତୁ ଚରମ ପ୍ରାପ୍ତି ନୁହେଁ । ସାଂସାରିକ ସକଳ ସୁଖ ଶାନ୍ତିର ଉର୍ଦ୍ଧ୍ୱରେ ଅଖଣ୍ଡ ସୁଖ, ଅମାପ ଶାନ୍ତି ଓ ପରମ ଆନନ୍ଦ ସ୍ୱରୂପ ବ୍ରହ୍ମାନନ୍ଦ, ନିତ୍ୟାନନ୍ଦ, ପୂର୍ଣ୍ଣାନନ୍ଦ, ପରମାନନ୍ଦ ତଥା ସଚ୍ଚିଦାନନ୍ଦ ସ୍ୱରୂପ ଚରମ ଆନନ୍ଦ ବିଦ୍ୟମାନ । ଏହାହିଁ ବାସ୍ତବ ଚରମ ପ୍ରାପ୍ତି । ଏହି ଚରମ ପ୍ରାପ୍ତି ହିଁ ବ୍ୟକ୍ତି ବିଶେଷଙ୍କର ଚରମ ଲକ୍ଷ୍ୟ । ଏହି ଲକ୍ଷ୍ୟ ପଥରେ ଆଗେଇ ନେବାର ଉସପୁରୁଷ ହିଁ ଆମର ଠାକୁର । ସେ ଶରୀରରେ ବିଦ୍ୟମାନ କିନ୍ତୁ ଶରୀର ରହିତ ଦେବତା । ସେ ଅନିତ୍ୟ ରୂପରେ ନିତ୍ୟ ସ୍ୱରୂପ । ସେ ସର୍ବବ୍ୟାପୀ ପରମାତ୍ମା ପରମବ୍ରହ୍ମ । ସେହିଁ ସତ୍ ଚିତ୍ ଆନନ୍ଦ ବିଗ୍ରହ ସଚ୍ଚିଦାନନ୍ଦ । ସେହିଁ ପରଂବ୍ରହ୍ମ, ସେହିଁ ଅବ୍ୟକ୍ତ ସତ୍ତା । ବ୍ୟକ୍ତ ରୂପ ଓ ନାମରେ ସେ କେଶବଚନ୍ଦ୍ର ଭାବରେ ସୁପରିଚିତ । ସେ ଏକାଧାରରେ ପ୍ରକୃତି ଏବଂ ପୁରୁଷ । ସେ ଏକତ୍ର ତ୍ରିଗୁଣ ସୂତ୍ରର ଗୁଚ୍ଛ ନିର୍ଗୁଣ ବ୍ରହ୍ମ । କେଶବଚନ୍ଦ୍ର ହିଁ ବାସୁଦେବ । କାରଣ,

'ବାସୁସର୍ବ ନବାସଣ୍ଡ ବିଶ୍ୱାନି ଯସ୍ୟ ଲୋମସ୍ତୁ ।

ତସ୍ୟଦେବଃ ପରମ ବ୍ରହ୍ମଃ, ବାସୁଦେବ ଇତିରିତଃ ।'

ରକ୍ତ ମାଂସ ସଂଗଠିତ ମାନବ ଦେହରେ ଠାକୁରେ ହିଁ ଶରୀର ରହିତ, ରୂପ ମଧ୍ୟରେ ସେ ଅରୂପ, ଅନିତ୍ୟ ମଧ୍ୟରେ ସେ ନିତ୍ୟ ସନାତନ, ସେ ସର୍ବ ବ୍ୟାପକ, ସର୍ବଜ୍ଞାତା ଏବଂ ସେ ହିଁ ସର୍ବ ଶକ୍ତିମାନ, ପୂର୍ଣ୍ଣ ପରଂବ୍ରହ୍ମ । ବ୍ରହ୍ମ ମଣ୍ଡଳର ସେପାରିରେ ପରଂବ୍ରହ୍ମର ବହୁ ଉର୍ଦ୍ଧ୍ୱରେ ମହାଶୂନ୍ୟର ଅଥଳ ଗର୍ଭରେ ସେ ହିଁ ଜ୍ୟୋତି । ସେହିଁ ବିନ୍ଦୁ, ସେହିଁ ନାଦ । ସେ ମହାଶୂନ୍ୟ । ମହାକାଳ । ପ୍ରଣବ । ମହାଶୂନ୍ୟର ନିବିଡ଼ ଅନ୍ଧକାର ମଧ୍ୟରେ ଶୂନ୍ୟ ନିରାକାର ଅରୂପାନନ୍ଦ ଜ୍ୟୋତିବିନ୍ଦୁ ନାଦବିନ୍ଦୁ କଳାତୀତ କାଳାତୀତ ବ୍ରହ୍ମ କଳ୍ପ କଳ୍ପ କାଳଧରି ନିଷ୍କ୍ରିୟ ରହିବାପାରେ ଯେଉଁ ମୁହୂର୍ତ୍ତକର ସ୍ପନ୍ଦନ ସୃଷ୍ଟି ହେଲା ତହିଁରୁ ସଂକଳ୍ପର ଭିତ୍ତି ପତନ ହେଲା । ସ୍ପନ୍ଦନରୁ ଆହ୍ଲାଦ, ଆହ୍ଲାଦରୁ ଇଚ୍ଛାର ଉଦ୍ଭ ବ ହେଲା । ଆହ୍ଲାଦରୁ ହ୍ଲାଦିନୀ ଶକ୍ତି ପ୍ରକୃତି ରୂପରେ ପ୍ରତିଭାତ ହୋଇ ସୂକ୍ଷ୍ମବୀଜ ସ୍ୱରୂପରେ ଗଚ୍ଛିତ ରହିଲା । ପର୍ଯ୍ୟାୟ କ୍ରମରେ ସ୍ତର ଭେଦରେ ଏହା ବିଷ୍ଣୁମାୟା, ଯୋଗମାୟା, ମହାମାୟା, ବୈଷ୍ଣବୀ ମାୟା ଓ ମାୟା : ଏହି ପାଞ୍ଚଭେଦରେ ପ୍ରକଟିତ ହେଲା । ସ୍ପନ୍ଦନରୁ ଇଚ୍ଛା-ଏହି ଅହେତୁକ ଇଚ୍ଛା ବ୍ରହ୍ମ ମଧ୍ୟରେ ଅନ୍ୟ ଏକ ସ୍ପନ୍ଦନ ଅବିରତ ଆଲୋଡ଼ନ କଲା । ଏହି ବ୍ରହ୍ମ ଇଚ୍ଛାରୂପୀ ସ୍ପନ୍ଦନ : ଏକୋଽହଂ ବହୁଷ୍ୟାମ-ମୁଁ ଏକ, ମୁଁ ବହୁହେବି-ମୁଁ ବହୁ ମଧ୍ୟରେ ଉଦ୍ଭାସିତ ହେବି । ନିଷ୍କ୍ରିୟ ବ୍ରହ୍ମର କ୍ଷଣିକ ସ୍ପନ୍ଦନରୁ ଇଚ୍ଛାରୂପକ ଅବିରତ ସ୍ପନ୍ଦନର ସୃଷ୍ଟି । ଏହି ସ୍ପନ୍ଦନରୁ

ବ୍ରହ୍ମାଣ୍ଡ ସୃଷ୍ଟିର ମୂଳଭିତ୍ତି ପରଜନ ହୁଏ । ଶୂନ୍ୟରୁ ସ୍ପନ୍ଦନ । ଏହିଥିରୁ ସୃଷ୍ଟି ହୁଏ ବାୟୁ । ଶୂନ୍ୟ ଏବଂ ବାୟୁର ମିଳନରୁ ତେଜର ସୃଷ୍ଟି । ପୁନଶ୍ଚ ଶୂନ୍ୟ, ବାୟୁ ଏବଂ ତେଜର ମିଳନରୁ ଅପ୍ ବା ଜଳର ସୃଷ୍ଟି । ଶୂନ୍ୟ, ବାୟୁ, ତେଜ ଏବଂ ଜଳ ଏକତ୍ର ମିଳିତ ହୋଇ କ୍ଷିତ୍ ବା ମାଟି ସୃଷ୍ଟି କରନ୍ତି । ଏହି ସୃଷ୍ଟି ପ୍ରକ୍ରିୟାର ଅନ୍ତରାଳରେ ପ୍ରତି ସୋପାନରେ ବ୍ରହ୍ମ ଇଚ୍ଛାହିଁ ମୌଳିକ ରୂପରେ ସତତ ବିଦ୍ୟମାନ । ଏହି ସୃଷ୍ଟି ପ୍ରକ୍ରିୟା କଳ୍ପ କଳ୍ପ କାଳଧରି କ୍ରମପର୍ଯ୍ୟାୟରେ ସଂଘଟିତ ହୁଏ । ସୃଷ୍ଟିହୁଏ ପଞ୍ଚଭୂତ-ବ୍ୟୋମ, ମରୁତ, ତେଜ, ଅପ ଏବଂ କ୍ଷିତି । ସୃଷ୍ଟି ପ୍ରକ୍ରିୟା ପଶ୍ଚାତ୍‌ରେ ବ୍ରହ୍ମଙ୍କର ମହତୀ ଇଚ୍ଛା ସର୍ବୋପରି ସମସ୍ତ ନିୟନ୍ତ୍ରଣ କରିଥାଏ । ସବୁରି ମଧ୍ୟରେ ବ୍ରହ୍ମ ଇଚ୍ଛାରୂପୀ ସ୍ପନ୍ଦନ କଳ୍ପ କଳ୍ପ ଦୀର୍ଘକାଳ ଧରି ସକଳ ପ୍ରକ୍ରିୟାକୁ ପର୍ଯ୍ୟାୟକ୍ରମରେ ଗତିଶୀଳ କରୁଥାଏ ।

ସଚ୍ଚିଦାନନ୍ଦ ପରମବ୍ରହ୍ମ ଏ ବ୍ରହ୍ମାଣ୍ଡ ମଣ୍ଡଳ ସୃଷ୍ଟି କଲେ, ସୃଷ୍ଟି କଲେ ବୃକ୍ଷଜଗତ, ପ୍ରାଣୀ ଜଗତ ଏବଂ ସୃଷ୍ଟିର ଶ୍ରେଷ୍ଠତମ ସୃଜନା ରୂପରେ ମହୀମଣ୍ଡଳରେ ମାନବର ସୃଷ୍ଟି ହେଲା । ସୃଷ୍ଟିକୁ ସ୍ୱେଦଜ, ଅଣ୍ଡଜ, ଉଦ୍ଭିଦଜ ଏବଂ ପ୍ରାଣୀଜ ଏହି ଚାରି ରୂପରେ ପ୍ରକାଶ କରାଯାଇଛି । ପୁନଶ୍ଚ ଜଡ଼ ଚେତନ ଓ ସ୍ଥାବର ଜଙ୍ଗମ ଭେଦରେ ଏହା ପ୍ରକୀର୍ତ୍ତିତ । ସୃଷ୍ଟିର ପ୍ରାରମ୍ଭରୁ ମାନବ ପ୍ରକୃତି କୋଳରେ କ୍ରୀଡ଼ାରତ ହୋଇ ଜୀବନ ଜିଜ୍ଞାସାର ସୂତ୍ର ଧରି କାଳକ୍ରମେ ଆପଣା ସୃଷ୍ଟିର ଉତ୍ସ ଖୋଜି ବୁଲିଲା । ଖୋଜି ବୁଲିଲା ବିଶାଳ ଏ ସୃଷ୍ଟିର ଉତ୍ସପୁରୁଷଙ୍କୁ, ସ୍ରଷ୍ଟାପୁରୁଷଙ୍କୁ । ଯେଉଁ ସୂତ୍ରରେ ଜଗତର ସୃଷ୍ଟି, ସେହି ଧାରାରେ ସ୍ରଷ୍ଟାଙ୍କର ସନ୍ଧାନ ଓ ସାକ୍ଷାତ ମିଳିପାରେ । ଭାରତର ସିଦ୍ଧସାଧକ ମୁନି ଋଷିମାନେ ଏହା ପ୍ରଖ୍ୟାପନ କରି ଯାଇଅଛନ୍ତି । ଏଥି ନିମନ୍ତେ ବହୁ ମତ, ବହୁ ପଥ, ବହୁଳ ପ୍ରକାର ସାଧନାର ନିର୍ଦ୍ଦେଶ ମଧ୍ୟ ରହିଛି । ଯୁଗ ଯୁଗ ଧରି ବହୁ ଯୋଗୀ, ତପସ୍ୱୀ, ଯାଜ୍ଞିକ ଓ ସିଦ୍ଧ ସାଧକ ଏହି ଜିଜ୍ଞାସାର ଆହ୍ୱାନରେ ଆତ୍ମସ୍ଥ ହୋଇଛନ୍ତି । ବହୁ ତତ୍ତ୍ୱ ଓ ତଥ୍ୟ ଉଦ୍‌ଘାଟିତ ହୋଇଛି । ବହୁ ଶାସ୍ତ୍ର ରଚିତ ହୋଇଛି । ସୃଷ୍ଟିର ପ୍ରତିଟି ସୂକ୍ଷ୍ମାତିସୂକ୍ଷ୍ମ ଅଣୁ ପରମାଣୁ ଠାରୁ ଆରମ୍ଭ କରି ପ୍ରତ୍ୟେକ ବିଭାବରେ ସେହି ବ୍ରହ୍ମ ସତ୍ତାହିଁ ବିଦ୍ୟମାନ ବୋଲି ସର୍ବ ସମ୍ମତ ସନାତନ ସତ୍ୟ ମଧ୍ୟ ଉଦ୍‌ଘାଟିତ ହୋଇଛି । ବ୍ରହ୍ମର ଅନ୍ୟରୂପ/ଅନ୍ୟନାମ ଆତ୍ମା । ଆତ୍ମାର ଅବିନଶ୍ୱରତ୍ୱ, ଭୂତର ଏବଂ ବ୍ରହ୍ମର ଅବିନଶ୍ୱରତ୍ୱ ପ୍ରତିପାଦିତ ହୋଇଛି । ରୂପାନ୍ତର/ଘଟାନ୍ତର (ମାୟା)ର ଚିରନ୍ତନ ନାଟକ ନିଖିଳ ବିଶ୍ୱ ବ୍ରହ୍ମାଣ୍ଡରେ ସତତ ଅଭିନୀତ ହେଉଛି । ଏତାଦୃଶ୍ ସୃଷ୍ଟି ବୈଭବ ଓ ବୈଚିତ୍ର୍ୟ ଉପଲବ୍ଧ ମାନବ ଚେତନାର ପ୍ରବାହରେ ଅନନ୍ୟ ସାଧାରଣ ଆଲୋଡ଼ନ ସୃଷ୍ଟି କରିଛି । ସ୍ରଷ୍ଟାପୁରୁଷର ସାକ୍ଷାତ ନିମନ୍ତେ ଯୁଗେ ଯୁଗେ ମାନବ ପ୍ରାଣ ଉଦ୍‌ବେଳିତ ହୋଇଛି । ବ୍ରହ୍ମ ସତ୍ତାହିଁ ବ୍ରହ୍ମ ଶକ୍ତି । ଶକ୍ତି ବା ସତ୍ତା ଆଧାର ବିନା ଠାବ କରିବା କିପରି ସମ୍ଭବ ? ମଧୁର ପଦାର୍ଥ ବିନା ମାଧୁର୍ଯ୍ୟ ଉପଲବ୍‌ଧି ସମ୍ଭବ କିପରି ? ଆଲୋକ ବିନା ରଶ୍ମି, ଅଗ୍ନି ବିନା ଉତ୍ତାପ ଉପଲବ୍ଧ କରିବା କିପରି ସମ୍ଭବ ? ବ୍ରହ୍ମ ଜିଜ୍ଞାସାର ଦୁର୍ନିବାର ପ୍ରେରଣା ପ୍ରଚୋଦିତ ମାନବର ଚିନ୍ତା ଚେତନାରେ ଏହି ବୈପ୍ଳବିକ କ୍ରାନ୍ତି ଶକ୍ତିର ଉତ୍ସ, ଶକ୍ତିର ଆଧାର ସନ୍ଧାନରେ ସନ୍ଧାନୀର ଅନନ୍ୟ ଭୂମିକା ଗ୍ରହଣ କରିଛି । ଚେତନାର ପ୍ରବାହ ଶୂନ୍ୟଶୂନ୍ୟ ମହାଶୂନ୍ୟକୁ କ୍ରମଶଃ ପ୍ଳାବିତ କରିଛି ।

ସୃଷ୍ଟିର ଆଦି ରହସ୍ୟ ଉଦ୍‌ଘାଟନ କରିବାକୁ ଯାଇ ଆଧାତ୍ମିକ ଦୃଷ୍ଟିକୋଣରୁ ବିଚାର କଲେ, ପ୍ରଥମେ ସେହି ନିର୍ଗୁଣବ୍ରହ୍ମକୁ ଚିହ୍ନି ସୃଜନ ପ୍ରକ୍ରିୟାର ସୋପାନ ଶ୍ରେଣୀରେ କ୍ରମଶଃ ଊର୍ଦ୍ଧ୍ୱରୁ ଅଧଃକୁ ଅବରୋହଣ (ଅବତରଣ) କରିବାକୁ ହୁଏ । ସାଂଖ୍ୟଯୋଗର ପ୍ରମାଣ ଅନୁସାରେ ବିଜ୍ଞାନମୟ ବ୍ରହ୍ମ ଦୁଇଭାଗରେ ବିଭକ୍ତ ହେଲା । ଦୁଇ ଭାଗରୁ ଗୋଟିଏ ଅଂଶ ପ୍ରକୃତି ରୂପେ ଓ ଅନ୍ୟ ଅଂଶଟି ପୁରୁଷ ରୂପେ ଅଧିଷ୍ଠିତ ହେଲା । ପ୍ରକୃତିରୂପିଣୀ ବ୍ରହ୍ମପ୍ରକୃତିର ଅପୂର୍ବ ଅନବଦ୍ୟ ସଂଯୋଗ ହେଲା । ନିର୍ବେଦ ନିଷ୍କ୍ରିୟ ପୁରୁଷ ସ୍ୱରୂପ ବ୍ରହ୍ମକୁ ଶକ୍ତି ସ୍ୱରୂପା ପ୍ରକୃତି ହିଁ କ୍ରିୟାଶୀଳ କଲା । ତହିଁରୁ ସତ୍ତ୍ୱ, ରଜ ଓ ତମ - ଏହି ତ୍ରିଗୁଣର ଉତ୍ପତ୍ତି ହେଲା । ଏହି ତ୍ରିଗୁଣରୁ ମହତତ୍ତ୍ୱ ଓ ମହତତ୍ତ୍ୱରୁ ଅହଂକାର ସୃଷ୍ଟି ହେଲା । ଏହି ଅହଂକାର ପୁଣି ତ୍ରିଗୁଣାତ୍ମକ ହୋଇ ସାତ୍ତ୍ୱିକ, ରାଜସ୍ ଓ ତାମସ୍ ଅହଂକାର ହେଲା ।

ସାତ୍ତ୍ୱିକ ଅହଂକାରରୁ ପଞ୍ଚବିଷୟର ଓ ତାମସ ଅହଂକାରରୁ ଏକାଦଶ ଇନ୍ଦ୍ରିୟର ସୃଷ୍ଟିହେଲା । ରାଜସ ଅହଂକାରରୁ ଦେବଗଣ ସୃଷ୍ଟ ହେଲେ । ଏ ସମସ୍ତ ଅତୀବ ଅସ୍ଥିର ହୋଇ ନିଶ୍ଚଳରେ ରହି ନ ପାରିବାରୁ ସ୍ୱୟଂ ସୃଷ୍ଟିକର୍ତ୍ତା ପ୍ରତ୍ୟେକର ହୃଦସ୍ଥଳରେ ବିରାଜମାନ କଲେ । ସେହିଁ ଜୀବସକଳର ଗୁରୁ ହେଲେ । ସମସ୍ତ ସୃଷ୍ଟି ଏକତ୍ର ହୋଇ ବ୍ରହ୍ମାଣ୍ଡକୁ ରୂପ ଦେଲେ । ବ୍ରହ୍ମାଣ୍ଡ ହେମମୟ ଅଣ୍ଡ ସଦୃଶ ମୋହଗ୍ରସ୍ତ ହୋଇ ଅଶେଷ ଜଳରେ ଭାସମାନ ଥିଲା । ତନ୍ମଧ୍ୟରେ ପ୍ରଭୁ ପରମେଶ୍ୱର ଅଧିଷ୍ଠିତ ହୋଇ ଉନ୍ନିଦ୍ର ରହିଲେ । ସଦା ଜାଗ୍ରତ ଚିତ୍ ଶକ୍ତିଧାରୀ ପ୍ରଭୁଙ୍କ ନାଭି ମଣ୍ଡଳରୁ ଏକ ଦିବ୍ୟ କମଳପୁଷ୍ପର ସୃଷ୍ଟି ହେଲା । ସେହି କମଳରୁ ବ୍ରହ୍ମା ସୃଷ୍ଟି ହୋଇ ଯୋଗାରୁଢ଼ ହେଲେ । ପ୍ରଭୁ ବ୍ରହ୍ମାଙ୍କ ହୃଦ୍‌ଦେଶରେ ଅଧିଷ୍ଠିତ ହେଲେ । ବ୍ରହ୍ମାଙ୍କ ତପୋବଳରୁ ଚତୁର୍ଦ୍ଦଶ ଭୁବନ ମଣ୍ଡଳ ସୃଷ୍ଟି ହେଲା । ଭୂର୍ଲୋକରେ ମାନବଗଣ, ଭୁବର୍ଲୋକରେ ଭୂତଗଣ, ସ୍ୱର୍ଲୋକରେ ଦେବଗଣ, ମହଃଲୋକରେ ସିଦ୍ଧ ଯୋଗୀନ୍ଦ୍ରମାନେ ଅବସ୍ଥାନ କରି ରହିଲେ । ଏହାପରେ ସତ୍ୟଲୋକ, ତପଃଲୋକ, ଜନଲୋକ, ପାତାଳ (ନାଗଲୋକ), ଜ୍ୟୋତିଲୋକ, ବ୍ରହ୍ମଲୋକ ଇତ୍ୟାଦି ସୃଷ୍ଟି ହେଲା । ମନୁଷ୍ୟମାନେ ରାଜସ ଓ ତାମସ ଅହଂକାର ବିଶିଷ୍ଟ ହୋଇ ଅଶେଷ କର୍ମପଙ୍କରେ ଜଡ଼ିତ ହୋଇ ଥାଆନ୍ତି । ସମସ୍ତେ ମାୟା ବିଜଡ଼ିତ ହୋଇ ବିଷୟ ସମ୍ଭୋଗରେ କାଳାତିପାତ କରି ସ୍ରଷ୍ଟାପୁରୁଷ ସହିତ ଯୋଗଚ୍ଛିନ୍ନ ଜୀବନଯାପନ କରନ୍ତି । ଭୌତିକ ଅସ୍ତି ଓ ନାସ୍ତି, ସୁଖ ଓ ଦୁଃଖ, ପ୍ରାପ୍ତି ଓ ହେତିର ବନ୍ଧନରେ ବଦ୍ଧ ଜୀବ ମାୟାମୁକ୍ତ ହୋଇ ନ ପାରି ସ୍ରଷ୍ଟାପୁରୁଷଙ୍କୁ ଚିହ୍ନିପାରେ ନାହିଁ । ଅନିତ୍ୟ ସଂସାରରେ ପ୍ରଭୁହିଁ ସତ୍ୟସ୍ୱରୂପ ଈଶ୍ୱର, ଏହା ମାୟାପ୍ରକୃତି ବିକାରଗ୍ରସ୍ତ ମାନବ ଜାଗତିକ ସମ୍ଭୋଗବଶରୁ ଜୀବନ ଜିଜ୍ଞାସାବିହୀନ ହୋଇ ଉପଲବ୍ଧ କରିପାରେ ନାହିଁ । (କ୍ରମଶଃ)

***

ସଂକଳ୍ପେ ବିକଳ୍ପ ଆଣଇ ଯାହା ।
ଜାଣ କାଳ ଗର୍ଭେ ପୁରାଏ ତାହା ॥

ଦାନ ତ୍ୟାଗ ବିନା କରମ ଯୋଗ ।
ଦେଇ ନ ପାରଇ ଚରମ ଭୋଗ ॥

କର୍ମଯୋଗ କର ପ୍ରତିଦିବସ ।
ଆନୁଗତ୍ୟ ଦେବ ଚରମ ରସ ॥

ଚରମରେ ରସ ବିଷୟ ଛାଡ଼ି ।
ଆଗକୁ କରାଳ ଆସୁଛି ମାଡ଼ି ॥

# ଆମର ଲକ୍ଷ୍ୟ : ଚରମ ପ୍ରାପ୍ତି

*'ଚରମ'ରେ ଅଦ୍ୟାବଧି ଏଯାବତ୍ ପ୍ରତ୍ୟେକ ସଂଖ୍ୟାରେ "ଆମର ଲକ୍ଷ୍ୟ : ଚରମ ପ୍ରାପ୍ତି" ନିୟମିତ ପ୍ରକାଶିତ ହୋଇ ଆସୁଛି । ଏହି ସ୍ତମ୍ଭରେ ଭିନ୍ନ ଭିନ୍ନ ରୁଚିର ପ୍ରବନ୍ଧମାନ ପତ୍ରସ୍ଥ ହୋଇ ବ୍ରହ୍ମଜିଜ୍ଞାସୁ ବିଭିନ୍ନ ଶ୍ରେଣୀର ପାଠକ ପାଠିକାମାନଙ୍କର ଆଧ୍ୟାତ୍ମିକ ଶିକ୍ଷା ଏବଂ ପରମାର୍ଥିକ ଜୀବନକୁ ପୁଷ୍ଟ କରି ପାରୁଛି । ବିଗତ ସଂଖ୍ୟା (ନବମ)ରେ ସନ୍ଦେଶ ପତ୍ରର ସମ୍ମୁଖ ଭାଗର ପ୍ରତୀକ : ଚତୁର୍ବିଂଶତି ତତ୍ତ୍ୱ ଏବଂ କର୍ମ ଯୋଗ ସଂପର୍କରେ ଏହି ସ୍ତମ୍ଭରେ ଆଲୋଚନା କରାଯାଇଥିଲା । ଆସନ୍ତୁ ଏଥରକ ପଢ଼ିବା ପତ୍ରର ପଶ୍ଚାତ୍ ଚିତ୍ର : ଦର୍ଶନର ପ୍ରତୀକ - ଦର୍ଶନ ତତ୍ତ୍ୱ ଭାବଧାରାରେ ଉପଜୀବ୍ୟ ପ୍ରବନ୍ଧ :*

## ସଂଦେଶ ପତ୍ରର ପଶ୍ଚାତ୍ ଚିତ୍ର : (ଦର୍ଶନ ତତ୍ତ୍ୱ) : ଦର୍ଶନର ପ୍ରତୀକ :

ଉପନିଷଦୀୟ ସିଦ୍ଧାନ୍ତ ଅନୁସାରେ :


*"ପ୍ରଣବ ଧନୁ ଶରୋ ଆତ୍ମା ବ୍ରହ୍ମତଲ୍ଲକ୍ଷ୍ୟ ରୁଚ୍ୟତେ ।*
*ଅପ୍ରମତ୍ତେନ ବେଧବ୍ୟମ୍ ଶରବତ୍ ତନ୍ମୟୋ ଭବେତ୍ ।।"*

ଅର୍ଥାତ୍, ପ୍ରଣବ ବା ଓଁକାର ରୂପକ ଧନୁରେ ଆତ୍ମା ରୂପକ ଶର ଖଞ୍ଜି ପ୍ରମତ୍ତ ନ ହୋଇ ତତ୍‌ମୟ ବା ବ୍ରହ୍ମମୟ ହୋଇ ବ୍ରହ୍ମରୂପକ ଲକ୍ଷ୍ୟ ଭେଦ କରିବା ଉଚିତ୍ । ଶ୍ରୀମଦ୍ ଭାଗବତ୍ ଗୀତାର ଅଷ୍ଟମ ଅଧ୍ୟାୟ (ଅକ୍ଷର ବ୍ରହ୍ମ ଯୋଗଃ)ର ଷୋଡ଼ଶ ଶ୍ଳୋକରେ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ସମ୍ବୋଧନ କରି କହୁଛନ୍ତି : ହେ ଅର୍ଜୁନ, ପୃଥିବୀରୁ ଆରମ୍ଭକରି ବ୍ରହ୍ମଲୋକ ପର୍ଯ୍ୟନ୍ତ ସବୁ ଲୋକ ହିଁ ପୁନରାବର୍ତ୍ତନଶୀଳ । କିନ୍ତୁ ହେ କୌନ୍ତେୟ, ଆମକୁ ଲାଭ କଲେ ବା ଚରମ ପ୍ରାପ୍ତି ହେଲେ ଆଉ ପୁନର୍ଜନ୍ମ ହୁଏ ନାହିଁ ।

ଈଶ୍ୱର ପ୍ରାପ୍ତି ଅର୍ଥାତ୍ ପରମେଶ୍ୱରଙ୍କର ଅପରୋକ୍ଷାନୁଭୂତିର ଫଳ ସେ ନିର୍ବାଣ ମୁକ୍ତି, ସେହି କଥା ଗୀତାର ଅଷ୍ଟମ ଅଧ୍ୟାୟ ଷୋଡ଼ଶ ଶ୍ଳୋକରେ ଆଲୋଚିତ ହୋଇଛି । ଶ୍ରୀଧର ସ୍ୱାମୀ କହନ୍ତି : ବ୍ରହ୍ମଲୋକ ପର୍ଯ୍ୟନ୍ତ ପ୍ରାପ୍ତ ହେଲେ ମଧ୍ୟ ମନୁଷ୍ୟ ପୁନର୍ବାର ସଂସାରଗାମୀ ହୋଇଥାଏ । ଅର୍ଥାତ୍ ବ୍ରହ୍ମଲୋକର ମଧ୍ୟ ବିନାଶିତ୍ୱ ହେତୁ ଅଜାତ ତତ୍ତ୍ୱଜ୍ଞାନ ବ୍ୟକ୍ତି ବ୍ରହ୍ମଲୋକ ପ୍ରାପ୍ତ ହେଲେ ମଧ୍ୟ ତାର ଅବଶ୍ୟ ପୁନର୍ଜନ୍ମ ହୋଇଥାଏ । କ୍ରମମୁକ୍ତି ଯାହାର ଫଳ ଏଭଳି ଉପାସନା ଦ୍ୱାରା ଯେଉଁମାନେ ବ୍ରହ୍ମଲୋକକୁ ଗମନ କରନ୍ତି, ସେମାନଙ୍କର ସେଠାରେ ଜ୍ଞାନଲାଭ ହେଲେ ମଧ୍ୟ ବ୍ରହ୍ମାଙ୍କ ସଙ୍ଗେ ମୁକ୍ତି ପ୍ରାପ୍ତି ହୋଇଥାଏ, ଅନ୍ୟର ହୁଏ ନାହିଁ । କିନ୍ତୁ ଆମକୁ ପାଇଲେ ଭକ୍ତଗଣ ଚରମ ଅବସ୍ଥା ପ୍ରାପ୍ତ ହୋଇ କେବେହେଲେ ପୁନର୍ବାର ଜନ୍ମ ହୁଅନ୍ତି ନାହିଁ ।

ତପସ୍ୱୀ ଦାନଶୀଳ ବିଗତରାଗ ଏବଂ ତିତିକ୍ଷାପରାୟଣ ବ୍ୟକ୍ତିଗଣ ତ୍ରିଲୋକ ଉପରେ ସ୍ଥିତ ଶୋକଶୂନ୍ୟ ଲୋକ ଲାଭ କରନ୍ତି ! ଏତାଦୃଶ ପୁରାଣୋକ୍ତି ବାକ୍ୟଦ୍ୱାରା ତ୍ରିଲୋକ ଅପେକ୍ଷା ମଧ୍ୟ ମହର୍ଲୋକାଦିର ଉତ୍କୃଷ୍ଟତ୍ୱ ଜଣାଯାଏ । ବିନାଶୀ କହିଲେ ସମସ୍ତେ ତ ସମାନ, ସେମାନଙ୍କ ମଧ୍ୟରେ ଇତର ବିଶେଷ କ'ଣ ? ଏହି ଆଶଙ୍କା ନିବାରଣ ନିମିତ୍ତ ମହର୍ଲୋକାଦି ଦୀର୍ଘକାଳ ସ୍ଥାୟୀ, ଏହି ବିଶେଷତ୍ୱ ଦେଖାଇବା ଅଭିପ୍ରାୟରେ ବ୍ରହ୍ମାଙ୍କର ସ୍ୱୀୟ ପରିମିତ ଶତବର୍ଷ ଆୟୁର ପ୍ରତ୍ୟେକ ଦିନରେ ତ୍ରିଲୋକର ଉତ୍ପତ୍ତି ଏବଂପ୍ରତି ରାତ୍ରରେ ତ୍ରିଲୋକର ପ୍ରଳୟ ହୋଇଥାଏ । ସେଥିପାଇଁ ଶ୍ରୀଭଗବାନ ବ୍ରହ୍ମାଙ୍କର ଅହୋରାତ୍ରର ପରିମାଣ କହିଛନ୍ତି - ବ୍ରହ୍ମାଙ୍କର ଗୋଟିଏ ଦିନରେ ଗୋଟିଏ କଳ୍ପ ହୁଏ । ଗୋଟିଏ କଳ୍ପରେ ଚଉଦ ମନ୍ୱନ୍ତର । ପ୍ରତ୍ୟେକ ମନ୍ୱନ୍ତରରେ ୭୧ ଥର ସତ୍ୟ, ତ୍ରେତା, ଦ୍ୱାପର, କଳି - ଏହି ଚାରିଯୁଗ କ୍ରମେ ଆବର୍ତ୍ତିତ ହୁଏ । ଏହିପରି ଭାବରେ ଚଉଦ ମନ୍ୱନ୍ତର ଶେଷ ହେଲେ କଳ୍ପକ୍ଷୟ ହୁଏ ଓ ସେତେବେଳେ ପ୍ରଳୟ ।

# ସନ୍ଦେଶ ପତ୍ରର ପଶ୍ଚାଦ୍ ଚିତ୍ର : ଦର୍ଶନ ତତ୍ତ୍ୱ : ଦର୍ଶନର ପ୍ରତୀକ :



କୃତ କର୍ମଫଳ ନାଶ ଏବଂ ଅକୃତ କର୍ମଫଳର ଆଗମ - ଏହି ଦୁଇଟି ଦୋଷ ଓ ଆଶଙ୍କା ନିବାରଣ କରି ବିଷୟାରସିକ ଜଡ଼ବୁଦ୍ଧିର ମନୁଷ୍ୟମାନଙ୍କ ହୃଦୟରେ ବୈରାଗ୍ୟଭାବ ସୃଷ୍ଟି କରିବା ଆମର ପ୍ରଧାନ ଲକ୍ଷ୍ୟ । ସୃଷ୍ଟି ପ୍ରଳୟ ପ୍ରବାହ ଅବିରାମ ଗତିରେ ଚାଲିଛି । ଜଡ଼ ଅବସ୍ଥାରେ ଏହି ସତ୍ୟସିଦ୍ଧ ଦର୍ଶନ ସମସ୍ତଙ୍କ ପକ୍ଷରେ ସମ୍ଭବ ହୁଏ ନାହିଁ । ଏହି ସନ୍ଦେଶ ଉପଲବ୍ଧ କରିବା ନିମନ୍ତେ ଭକ୍ତଗଣଙ୍କୁ ସନ୍ଦେଶ ପଥ (ଧାରା) ଓ ସନ୍ଦେଶ ପତ୍ର (କର୍ମଯୋଗ) ଦିଆଯାଇଛି । ଧାରା ଧରି କର୍ମଯୋଗ ଅଭ୍ୟାସବଳରେ ଜଡ଼ ଅବସ୍ଥା କାଟି ଜୀବ ଚେତନ ଅବସ୍ଥାରେ ଚୈତନ୍ୟମୟ ହେଲେ ଦର୍ଶନ ତତ୍ତ୍ୱ ମାଧ୍ୟମରେ ଉପରଲିଖିତ ସତ୍ୟସିଦ୍ଧ ଦର୍ଶନ ଲାଭ କରେ ।

ସନ୍ଦେଶ ପତ୍ରର ପଶ୍ଚାଦ୍ ଭାଗରେ ପ୍ରଦତ୍ତ ଚିତ୍ରହିଁ ଦର୍ଶନର ପ୍ରତୀକ - ଦର୍ଶନ ତତ୍ତ୍ୱ । ଶ୍ୱେତାଶ୍ୱେତରୋପନିଷଦ୍, **ଚତୁର୍ଥ ଅଧ୍ୟାୟ, ଷଷ୍ଠ ସୂତ୍ରରେ -**

''ଦ୍ୱା ସୁପର୍ଣ୍ଣା ସୟୁଜା ସଖାୟା ସମାନଂ ବୃକ୍ଷଂ ପରିଷସ୍ୱଜାତେ ।

ତୟୋରନ୍ୟଃ ପିପ୍ପଳଂ ସ୍ୱାଦ୍ୱତ୍ୟ ନିଶ୍ନନ୍ନତନ୍ୟୋ ଅଭିଚାକଶୀତି ॥''

ଅର୍ଥାତ୍, ମନୁଷ୍ୟ ଶରୀର ଗୋଟିଏ ବୃକ୍ଷ ସଦୃଶ । ଏହି ବୃକ୍ଷର ଆତ୍ମା ପରମାତ୍ମା ରୂପକ ଦୁଇଟି ପକ୍ଷୀ ସବୁବେଳେ ମିଳିମିଶି ସାଙ୍ଗହୋଇ ରହିଛନ୍ତି । ଆତ୍ମା (ପ୍ରକୃତି) ପକ୍ଷୀଟି ସୁଆଦିଆଫଳ ଖାଉଥିବା ବେଳେ, ଅନ୍ୟ ପକ୍ଷୀ (ପରମାତ୍ମା/ପରମପୁରୁଷ)ଟି ସେ ଦୃଶ୍ୟ ଦେଖିବାରେ ଲାଗିଛି, ଏହି ପୁରୁଷ ରୂପକ ପକ୍ଷୀଟି କଦାପି ପ୍ରକୃତି ରୂପିଣୀ ପକ୍ଷୀ ଭଳି ଆଦୌ ଫଳଭୋଗ କରୁନାହିଁ । ସନ୍ଦେଶପତ୍ରର ପଶ୍ଚାଦ୍ ଭାଗ ବା ପଛ ପୃଷ୍ଠାରେ ଦିଆଯାଇଥିବା **ଚିତ୍ର (ଦର୍ଶନ ତତ୍ତ୍ୱ ବା ଦର୍ଶନର ପ୍ରତୀକ)** ମଧ୍ୟସ୍ଥପଦ୍ମ ପୁଷ୍ପରେ ଅଙ୍କିତ ଦୁଇଗୋଟି ଶୁଆ ପ୍ରକୃତି (ଜୀବାତ୍ମା) ଏବଂ **ପୁରୁଷ (ପରମାତ୍ମା)**ର ପ୍ରତୀକ ଅଟେ । ପଦ୍ମପୁଷ୍ପ ଚାରିଗୋଟି ପାଖୁଡ଼ା ଚତୁର୍ବିଧ ମାୟାର ପ୍ରତୀକ । ନିମ୍ନସ୍ଥ ବା ନିମ୍ନମୁଖୀ ପାଖୁଡ଼ା ବିଷ୍ଣୁମାୟାର ପ୍ରତୀକ । ଏହି ବିଷ୍ଣୁମାୟା ଭୋଗମୟୀ ଅଟେ । ଜଡ଼ବୁଦ୍ଧି ସମ୍ପନ୍ନ ଜୀବ ବିଷୟ ବନ୍ଧନରେ ପଡ଼ି ବିଷ୍ଣୁମାୟାର ଲୀଳାରୁ ନାନାଦି ଭୌତିକ ଓ ଜାଗତିକ ଭୋଗ ବିଳାସରେ ବୁଡ଼ି ରହି ସତ୍ୟର ଆଲୋକଠାରୁ ଦୂରେଇ ରହିଥାଏ । ସଂସାରରେ ସାମାଜିକ ଜୀବନ ପଥରେ ସଚରାଚର ଦେଖାଯାଏ ଯେ, ଏପରି କେତେକ ବ୍ୟକ୍ତି ଆଆନ୍ତି ଯେଉଁମାନେ କି ବିନା ସାଧ୍ୟସାଧନାରେ, ଏପରିକି ବିନା ପରିଶ୍ରମରେ ଜାଗତିକ ଭୋଗ ଐଶ୍ୱର୍ଯ୍ୟ ମଧ୍ୟରେ ବିଳାସବ୍ୟସନ ପୂର୍ଣ୍ଣ ଜୀବନଯାପନ କରନ୍ତି । ଏହି ଶ୍ରେଣୀର ବ୍ୟକ୍ତିମାନେ ବିଷ୍ଣୁମାୟା ଜାଲରେ ଅନୁବନ୍ଧିତ । ବାମପାର୍ଶ୍ୱସ୍ଥିତ ଶୁଆର ମସ୍ତକ ଉପରେ ଦୃଶ୍ୟମାନ ପଦ୍ମ ପାଖୁଡ଼ା ମହାମାୟାର ପ୍ରତୀକ । ମହାମାୟା ସାଂସାରିକ ସ୍ଥୂଳଗତ ପ୍ରେମ, ପ୍ରୀତି, ସ୍ନେହ, ଶ୍ରଦ୍ଧା, ମମତା ଇତ୍ୟାଦି ମନୁଷ୍ୟ ହୃଦୟରେ ଜାଗ୍ରତ କରାଇ ବିକେନ୍ଦ୍ରିୟ ପ୍ରକୋଷ୍ଠର ଗୁଣ ଓ ଭାବରାଶିକୁ କ୍ଷରିତ ଓ ପ୍ରକାଶିତ କରିଥାଏ । ତେଣୁ ଆତ୍ମେନ୍ଦ୍ରିୟ ପ୍ରୀତି ବାଞ୍ଛାରେ ଜୀବ କାମକାମନାର ବଶବର୍ତ୍ତୀ ହୋଇ କ୍ରମଶଃ ଆସକ୍ତିରେ ପଡ଼େ ଏବଂ ଆସକ୍ତି ପରିପକ୍ୱ ହେଲେ ମୋହପାଶରେ ଅନୁବନ୍ଧିତ ହୁଏ । ସମାଜରେ କେତେକ ବ୍ୟକ୍ତି ଅକାରଣରେ ଗୋଟିଏ ଗୋଟିଏ ବ୍ୟକ୍ତି, ବସ୍ତୁ, ଘଟଣା, ପରିବେଶ ବା ପରିସ୍ଥିତି ସହିତ ଅତ୍ୟନ୍ତ ଜଡ଼ିତ ହୋଇ ପଡ଼ିବାର ଲକ୍ଷ୍ୟ କରାଯାଏ । ଏହି ଆସକ୍ତି ଓ ମୋହ ବ୍ୟକ୍ତିର ଅଜ୍ଞାତସାରରେ ମହାମାୟାର ଲୀଳା ହେତୁ ସମ୍ଭବ ହୋଇଥାଏ । ଏହି ମାୟା ଜୀବକୁ ଜଡ଼ବୁଦ୍ଧି ସମ୍ପନ୍ନ ଓ ଅହଂକାରରେ ଅନ୍ଧ କରିଦିଏ । ଫଳରେ ଜୀବ ସତ୍ୟର ଆଲୋକ ଦର୍ଶନ କରିପାରେ ନାହିଁ ।

ଦକ୍ଷିଣ ପାର୍ଶ୍ୱସ୍ଥିତ ଶୁଆର ମସ୍ତକ ଉପରେ ଦୃଶ୍ୟମାନ ପଦ୍ମପାଖୁଡ଼ା ଯୋଗମାୟାର ପ୍ରତୀକ । ଏହି ଯୋଗମାୟା ହିଁ ସିଦ୍ଧି । ଏହା ସତ୍ୟେନ୍ଦ୍ରିୟ ପ୍ରକୋଷ୍ଠର ସ୍ୱର୍ଗୀୟ ଗୁଣ ଓ ଭାବରାଶିକୁ ଉନ୍ମୋଚନ କରି ପ୍ରକାଶମାନ କରେ । ଫଳରେ ଭଗବଦ୍ ପ୍ରେମ, ପ୍ରେମଭକ୍ତି, ତ୍ୟାଗନିଷ୍ଠା, ସେବାବ୍ରତ, ଭ୍ରାତୃତ୍ୱ ପ୍ରେମ, ଅହିଂସାଦି ଏକାଦଶ ବ୍ରତ

ବ୍ୟକ୍ତିର ଅନ୍ତଃସ୍ଥଳରେ ସୂକ୍ଷ୍ମବୀଜ ସ୍ୱରୂପ ଠୁଳହୋଇ ବହିରାଙ୍ଗରେ ବାସ୍ତବ ରୂପରେଖ ନିଏ । ଏହାହିଁ ଦିବ୍ୟଜ୍ଞାନ । ମନୁଷ୍ୟ ଦେହରେ ଏହି ଦିବ୍ୟଜ୍ଞାନ ଉଦୟ ହେଲେ ବିଜେନ୍ଦ୍ରିୟ ପ୍ରକୋଷ୍ଠର ଦ୍ୱାର ସ୍ୱତଃ ରୁଦ୍ଧ ହୁଏ ଏବଂ ସକଳ ଆସୁରିକ ଓ ପାଶବିକ ବୃତ୍ତି, ପ୍ରବୃତ୍ତି, ଗୁଣ ଓ ଭାବ ଲୋପ ପାଏ । ଉଭୟ ଶୁଆଙ୍କର ମଧ୍ୟସ୍ଥିତ ଊର୍ଦ୍ଧ୍ୱମୁଖୀ ପଦ୍ମପାଖୁଡ଼ା ବୈଷ୍ଣବୀମାୟାର ପ୍ରତୀକ । ଯୋଗାମାୟା ଦ୍ୱାରା ସାଧନ ପଥ ସୁଗମ ହୋଇ ତଦନ୍ତେ ସିଦ୍ଧିଲାଭ ହୁଏ । ସିଦ୍ଧିରୁ ଜ୍ଞାନ ଉଦୟ ହୁଏ । ଏହି ଲବ୍‌ଧଜ୍ଞାନକୁ ବୈଷ୍ଣବୀ ମାୟା ବାସ୍ତବରୂପ ଦେଇ ବିଜ୍ଞାନରେ ପରିଣତ କରେ । ବୈଷ୍ଣବୀ ମାୟା ରଜଗୁଣରେ ସୃଜନକ୍ରିୟା ସମ୍ପାଦନ କରେ । ଏହିପରି ପର୍ଯ୍ୟାୟକ୍ରମିକ ପ୍ରତ୍ୟକ୍ଷ ଲବ୍ଧଜ୍ଞାନ କ୍ରମମୁକ୍ତି ପଥରେ ବ୍ରହ୍ମଲୋକ ସ୍ତର ଭେଦ କଲେ ଚରମ ପ୍ରାପ୍ତି ଲାଭକରେ । ଥରେ ଚରମ ପ୍ରାପ୍ତି ହେଲେ, ପୁନର୍ଜନ୍ମ ହୁଏ ନାହିଁ । ଜୀବ ଜନ୍ମମୃତ୍ୟୁ ଚକ୍ରରୁ ନିସ୍ତାର ଲାଭ କରେ ।

ଅବ୍ୟକ୍ତ ପୁରୁଷଙ୍କର ଲୀଳାସଙ୍ଗିନୀ ମାୟା (ବିଷ୍ଣୁମାୟା, ମହାମାୟା, ଯୋଗମାୟା ଓ ବୈଷ୍ଣବୀମାୟା) ପୁରୁଷ ଓ ପ୍ରକୃତି ରୂପରେଜୀବ ମଧ୍ୟର ଖେଳା କରନ୍ତି । ପଦ୍ମ ଓ ଦୁଇଗୋଟି ଶୁଆ ତଳକୁ ଯେଉଁ ଦୁଇଗୋଟି ଚିହ୍ନ (ସଙ୍କେତ) ରହିଛି ତାହା ସୃଷ୍ଟି ଓ ସ୍ରଷ୍ଟାଙ୍କୁ ପ୍ରକାଶ କରୁଛି । ବାମ ପାର୍ଶ୍ୱସ୍ଥ ସଙ୍କେତଟି ସ୍ରଷ୍ଟା ଏବଂ ଦକ୍ଷିଣ ପାର୍ଶ୍ୱସ୍ଥ ସଙ୍କେତଟି ସୃଷ୍ଟି । ସ୍ରଷ୍ଟା ପୁରୁଷ ରୂପରେ ଏବଂ ସୃଷ୍ଟି ପ୍ରକୃତି ରୂପରେ କେବଳ ଜୀବ ଦେହରେ କାହିଁକି, ଅଖିଳ ବିଶ୍ୱର ଅଣୁ ପରମାଣୁ ଠାରୁ ଆରମ୍ଭ କରି ସ୍ଥାବର ଜଙ୍ଗମ, ଜଡ଼ ଚେତନ ସର୍ବତ୍ର ବିଦ୍ୟମାନ ।

ସନ୍ଦେଶ ପତ୍ରର ପଛପଟରେ ଥିବା ପ୍ରତୀକାତ୍ମକ ଚିତ୍ରର ମଣ୍ଡଳ ମଧ୍ୟସ୍ଥ ତରଙ୍ଗାୟିତ ରେଖାଗୁଡ଼ିକ ଶକଟକ ମଣ୍ଡଳର ସ୍ଥୂଳ ତରଙ୍ଗ ଅଟେ । ଏହି ସ୍ଥୂଳ ତରଙ୍ଗ ଗୁଡ଼ିକ ସ୍ଥୂଳ ଜଗତର ଦର୍ଶନର ପ୍ରତୀକ । ବ୍ୟକ୍ତିର ଗୁଣ ଓ ଭାବ ଅନୁଯାୟୀ ସ୍ଥୂଳ ଜଗତର ସକଳ ଆପାତଃ ପ୍ରତୀୟମାନ ଦୃଶ୍ୟାବଳୀ ଭିନଭିନ୍ନ ରୂପ ରସ ଗନ୍ଧ ଓ ଛନ୍ଦରେ ଅନୁଭୂତ ହୁଏ । ଜଣେ ସୂକ୍ଷ୍ମଦର୍ଶୀ ଯୋଗୀ ସ୍ଥୂଳଜଗତର ସର୍ବତ୍ର ଈଶ୍ୱରଙ୍କ ସୂକ୍ଷ୍ମସତ୍ତା ପ୍ରାଣେପ୍ରାଣେ ଅନୁଭବ କରେ । ସେହିପରି ଜଣେ ବିଷୟୀ ସଂସାରର ସର୍ବତ୍ର ବିଷୟ ଦର୍ଶନ କରି ସ୍ଥୂଳତଃ ଉପଭୋଗ କରିବା ପାଇଁ ସର୍ବଦା ଲାଳାୟିତ ହୁଏ । ଜଣେ ନିର୍ଲିପ୍ତ ଉଦାସୀନ ସାଧକ ସର୍ବଦା ଓ ସର୍ବଥା ଆସକ୍ତିଶୂନ୍ୟ ମୋହହୀନ ମାନସିକ ଅବସ୍ଥାରେ ସକଳ ପ୍ରାପ୍ତିକୁ ଈଶ୍ୱରଙ୍କ କରୁଣା ଓ କଲ୍ୟାଣ ବୋଲି ମଥାପାତି ସ୍ୱୀକାର କରେ ।

ପ୍ରଦତ୍ତ ପ୍ରତୀକର ଅନ୍ତସ୍ଥ ରଶ୍ମି ସଦୃଶ ବଳୟ ସୂକ୍ଷ୍ମ ତରଙ୍ଗ ଅଟେ । ଏହା ସୂକ୍ଷ୍ମ ଜଗତର ଦର୍ଶନର ପ୍ରତୀକାତ୍ମକ ଆଭାସ । ସାଧକ ସାଧନା ମାର୍ଗରେ ବିଶ୍ୱାସ, ନିଷ୍ଠା, ତ୍ୟାଗ, ସେବା ଓ ଆନ୍ତରିକତାର ସହିତ ସାଧନର ଗୋଟିଏ ଗୋଟିଏ ସ୍ତର ଅତିକ୍ରମ କରି ସ୍ଥୂଳ, ଧ୍ୟାନ, ଧାରଣା, ଯମ, ନିୟମ, ଆସନ, ପ୍ରତ୍ୟାହାର, ପ୍ରାଣାୟାମ, ସମାଧି ସ୍ତରରେ ଏହି ସୂକ୍ଷ୍ମ ଦର୍ଶନ ଲାଭକରେ । ସୂକ୍ଷ୍ମଦର୍ଶନ ଲାଭରେ ପଞ୍ଚଭୂତର କ୍ଷିତି, ଅପ୍, ତେଜ ଓ ମରୁତ ଅତିକ୍ରାନ୍ତ ହୋଇ କେବଳ ବ୍ୟୋମ ବା ମହାକାଶ ଦୃଶ୍ୟମାନ ହୁଏ । ସେ ସମୟରେ ''ଆତ୍ମକ୍ରୀଡ଼ ଆତ୍ମରତିଃ ସକ୍ରିୟାବାନ୍ ବ୍ରହ୍ମ ବିଦ୍ୟାମ୍ ବରିଷ୍ଠ'' ଭାବରେ ସାଧକ ପ୍ରତିଷ୍ଠିତ ହୋଇ ଆପଣା ମଧ୍ୟରେ ଆତ୍ମକ୍ରୀଡ଼ା ଓ ଆତ୍ମରତି (ନିଶ୍ୱାସ ପ୍ରଶ୍ୱାସ) ଚାଲିଛି ବୋଲି ଦେହ ଓ ଆତ୍ମା ଏକତ୍ର ଥିବାର ସ୍ପଷ୍ଟ ଅନୁଭବ କରେ ।

ପଶ୍ଚାଦ୍ ଭାଗ ପ୍ରତୀକାତ୍ମକ ଚିତ୍ରର ତରଙ୍ଗାୟିତ ବଳୟହିଁ କାରଣ ତରଙ୍ଗ । ଏହା କାରଣଜଗତର ଦର୍ଶନର ପ୍ରତୀକ । ସୂକ୍ଷ୍ମଯୋଗୀ ଯୋଗସାଧନାର ପ୍ରାରମ୍ଭରୁ ବିଭିନ୍ନ ସ୍ତର (ସ୍ଥୂଳ, ଧ୍ୟାନ, ଧାରଣା, ଯମ, ନିୟମ, ଆସନ, ପ୍ରତ୍ୟାହାର, ଧେୟକ, ପ୍ରାଣାୟାମ, ସ୍ତମ୍ଭକଃ, ସମାଧି, ସାମ୍ପ୍ରଦାୟିକ, ମହାଶୂନ୍ୟ) ଅତିକ୍ରମ କରି ଜ୍ୟୋତିଃ ଦର୍ଶନ କରିବା ପରେ କାରଣଜଗତର ଦର୍ଶନ ଲାଭକରେ । ଏହି ଅବସ୍ଥାରେ ଯୋଗୀ ଯୋଗସାଧନା ପଥରେ ଷଡ଼ଚକ୍ର (ମୂଳାଧାର, ସ୍ୱାଧିଷ୍ଠାନ, ମଣିପୁର, ଅନାହତ, ନିମ୍ନମନଶ୍ଚକ୍ର, ବିଶୁଦ୍ଧଚକ୍ର, ଲଳନାଚକ୍ର, ଆଜ୍ଞାଚକ୍ର ବା ମାନସଚକ୍ର,

ଜ୍ଞାନଚକ୍ର ଓ ସହସ୍ରାର) ଭେଦ କରି କୁଣ୍ଡଳିନୀକୁ ବ୍ରହ୍ମଦଣ୍ଡର ସୁଷୁମ୍ନାକାଣ୍ଡରେ ପର୍ଯ୍ୟାୟକ୍ରମରେ ଊର୍ଦ୍ଧ୍ୱଗତି କରି ପଞ୍ଚପ୍ରାଣବାୟୁ (ଉଦାନ, ବ୍ୟାନ, ସମାନ, ଅପାନ ଓ ପ୍ରାଣ) ପ୍ରାଣାୟାମ ଦ୍ୱାରା ସମଭାବରେ ଊର୍ଦ୍ଧ୍ୱମୁଖୀ କରି ବ୍ରହ୍ମରନ୍ଧ୍ର ଉନ୍ମିଳନ କରନ୍ତି । ବ୍ରହ୍ମରନ୍ଧ୍ର ଦେଇ ବ୍ରହ୍ମଜ୍ଞାନ ବ୍ରହ୍ମଦଣ୍ଡର ସୁଷୁମ୍ନାକାଣ୍ଡରେ ନିମ୍ନଗତି କରି ପରା, ପଶ୍ୟନ୍ତି, ମଧ୍ୟମା ଓ ବୈଖାରୀରେ ପ୍ରକାଶମାନ ହୁଏ । ଏହିଭଳି ସ୍ତରରେ କାରଣଯୋଗୀ କାରଣଜଗତ ଦର୍ଶନ କରନ୍ତି । ସୂକ୍ଷ୍ମାତିସୂକ୍ଷ୍ମ ଜ୍ୟୋତିଃ ସ୍ୱରୂପ ପୂର୍ଣ୍ଣ ପରଂବ୍ରହ୍ମ ଯୋଗୀର ତ୍ରିକୁଟରେ ସତତ ଜ୍ୟୋତିଷ୍ମାନ ହୋଇ ପରିଦୃଷ୍ଟ ହୁଅନ୍ତି । ଯୋଗୀ ସକଳ ଅବସ୍ଥାରେ ତଲ୍ଲୀନ ହୋଇ ଚରମ ଆନନ୍ଦ ଅନୁଭବ କରନ୍ତି । ସର୍ବତ୍ର ସର୍ବଦା ବ୍ରହ୍ମ ଉପଲବ୍ଧି କରନ୍ତି । ସମଦର୍ଶୀ ଓ ସମଭାବାପନ୍ନ ଅନୁଭବରେ ସର୍ବଭୂତକୁ ଆତ୍ମବତ୍ ଜ୍ଞାନ କରନ୍ତି ।

ପ୍ରତୀକାତ୍ମକ ଚିତ୍ରରେ ପଦ୍ମପୁଷ୍ପର ଊର୍ଦ୍ଧ୍ୱରେ ଅର୍ଦ୍ଧଚନ୍ଦ୍ରାକାର ରେଖାଟି ନାଦ ଅଟେ । ନାଦର ଊର୍ଦ୍ଧ୍ୱରେ ବିନ୍ଦୁ । ବିନ୍ଦୁଠାରୁ ଊର୍ଦ୍ଧ୍ୱମୁଖୀ ରେଖାଟି ମାର୍ଗ ବା ପଥ ନିର୍ଦ୍ଦେଶ କରେ । ତୀର ଚିହ୍ନ ଯେଉଁ ବିନ୍ଦୁରେ ଶେଷ ହୋଇଛି ତାହାହିଁ ବ୍ରହ୍ମ । ବ୍ରହ୍ମ ଉପରସ୍ଥ ଶୂନ୍ୟସ୍ଥାନ ହିଁ ମହାଶୂନ୍ୟ । ସେହି ମହାଶୂନ୍ୟ ହିଁ ପରଂବ୍ରହ୍ମ । ପରଂବ୍ରହ୍ମର ଅନ୍ତରାଳରେ ଅବ୍ୟକ୍ତ ମଣ୍ଡଳ ଉପର ଥିବା ତିନିଗୋଟି ମଣ୍ଡଳ ସେପାରି ପରଂବ୍ରହ୍ମ ମଣ୍ଡଳରେ ସ୍ୱୟଂ ପୂର୍ଣ୍ଣ ପରଂବ୍ରହ୍ମ ଚରମ ପୁରୁଷଙ୍କର ସ୍ଥିତି । ଆଜି ସ୍ୱୟଂ ନିରାକାର, ନିରାମୟ, ଅରୂପ, ଅନାମ, ନିର୍ଗୁଣ, ନିର୍ଲିପ୍ତ, ନିର୍ବିକାର, ନିଷ୍କଳ ପୂର୍ଣ୍ଣ ପରଂବ୍ରହ୍ମ ସେହି ପରଂବ୍ରହ୍ମ ମଣ୍ଡଳରୁ ନରନାରାୟଣ ରୂପରେ ନରଦେହ ମଧ୍ୟରେ ମହାମହେଶ୍ୱର ଭାବ ଧରି ଶ୍ରୀ କେଶବ ନାମ ଧରି ଅବତରି ଆସିଛନ୍ତି ଧୂଳିର ଧରଣୀକୁ ।

ଏହି ଜୀବାତ୍ମା ଗୋଟିଏ ଧନୁ ସଦୃଶ । ଜୀବର ଲୟ ଶର ସଦୃଶ । ତନ୍ମୟ ଭାବରେ ବ୍ରହ୍ମ ରୂପକ ଲକ୍ଷ୍ୟଭେଦ କରିବା ହିଁ ଧରାଧାମରେ ଭୂମିଷ୍ଠ ଜୀବର ଏକମାତ୍ର ଉଦ୍ଦେଶ୍ୟ । ଏହି ଉଦ୍ଦେଶ୍ୟ ସାଧନ ହିଁ ଜୀବର ଲକ୍ଷ୍ୟ । ଏହି ଲକ୍ଷ୍ୟ ହିଁ ଚରମ ପ୍ରାପ୍ତି । ଏହି ପ୍ରାପ୍ତିରେହିଁ ଜୀବନର ସାର୍ଥକତା ।

''ରୂପମ୍ ବିନ୍ଦୁମ୍ ଇତିଜ୍ଞେୟ ରୂପାତୀତ ନିରଂଜନମ୍ ।।''

ଏବଂ ''ନାଦବିନ୍ଦୁ କଳାତୀତମ୍ ତସ୍ମୈ ଶ୍ରୀଗୁରବେ ନମଃ ।''

❋❋❋

ବେଦ ଉତରତ ଅନେକ ମତ ।
ଏକମତ ଦୃଢ଼ ରଖେ ମହତ ।।

ଅନେକ ପଥରେ ଅନେକ ବ୍ୟଥା ।
ଅନେକ କଥାରେ ଘୂରଇ ମଥା ।।

# ଆଧାତ୍ମିକ ପ୍ରବନ୍ଧ

## ଶରଣାଗତି

ଶରଣାଗତି କ'ଣ ? ଶରଣାଗତି କାହାକୁ ବୁଝାଏ ? ଶରଣାଗତି କର୍ତ୍ତା, କର୍ମ ନା ପରିଣାମ ତାହା ବୁଝିବା ଆବଶ୍ୟକ । କାରଣ ପ୍ରତ୍ୟେକ ଭାବର ବାହକ ଶବ୍ଦ ଅକ୍ଷର ସମଷ୍ଟିରୁ ସୃଷ୍ଟ । ଅକ୍ଷର ପୁରୁଷୋତ୍ତମ କେଶବଙ୍କର ଅବ୍ୟକ୍ତ ସ୍ଥିତି ଏଣୁ ଅପ୍ରକାଶ୍ୟ । ଏହା ମାତ୍ରାଯୁକ୍ତ ହେଲେ ଶବ୍ଦମୁଖର, ନାଦ ରୂପରେ ବ୍ୟକ୍ତି ଶରୀର ଭିତରେ ଗୁଞ୍ଜରଣ ସୃଷ୍ଟି କରେ । ସେହି ଅନ୍ତର୍ଗୁଞ୍ଜରଣ ମାଧ୍ୟମରେ ଅଭ୍ୟନ୍ତର ନିନାଦିତ ହୋଇ ସୂକ୍ଷ୍ମଶରୀର କମ୍ପିତ ହେଲେ ଉକ୍ତ ଶବ୍ଦର ଭାବ ପ୍ରକାଶ ବା ଅନୁଭବ ବ୍ୟକ୍ତି ମଧ୍ୟରେ ହୋଇଥାଏ । ସୂକ୍ଷ୍ମ ଶରୀର ବ୍ୟତୀତ ହୋଇ ଅନୁଭବର ଆଧାର ହୋଇଥାଏ । ମୃତ ବ୍ୟକ୍ତି ମଧ୍ୟରେ କାରଣ ଶରୀର ସୂକ୍ଷ୍ମ ଶରୀରରୁ ବିଚ୍ଛିନ୍ନ ହେଲେ ସୂକ୍ଷ୍ମ ଶରୀର କାରଣ ଶରୀର ଆତ୍ମ ଭଳି ନିଷ୍କ୍ରିୟ ଓ ନିଶବ୍ଦ ହୋଇଯାଏ ।

ମାତ୍ରା ସ୍ପର୍ଶାସ୍ତୁ କୌନ୍ତେୟ ଶୀତୋଷ୍ଣ ସୁଖ ଦୁଃଖଦାଃ ।

ଆଗମା ପାୟିନୋଽନିତ୍ୟାସ୍ତାଂ ସ୍ତିତିକ୍ଷସ୍ୱ ଭାରତ ।। ଗୀତା ୨ୟ ଅଧ୍ୟାୟ ୧୪ ଶ୍ଳୋକ ।।

ଅକ୍ଷର ସ୍ୱଭାବତଃ ନିଶ୍ଚଳ ଗତିହୀନ ନିସ୍ପନ୍ଦ ଏଣୁ ଅଗମ୍ୟ । ଏହା ମାତ୍ରାଯୁକ୍ତ ଗମ୍ୟ, ଚଞ୍ଚଳ, ଗତିଯୁକ୍ତ ଓ ସ୍ପନ୍ଦିତ ହୋଇ ବ୍ୟକ୍ତିର ଅଭ୍ୟନ୍ତରସ୍ଥ ସୂକ୍ଷ୍ମ ଶରୀରକୁ ଆଲୋଡ଼ିତ କରି ନାଦଯୁକ୍ତ ଓ କ୍ରିୟାଶୀଳ କରେ । ଏହାହିଁ ଅନ୍ତସତ୍ତା ପ୍ରକୃତି । ଏହାର ଚଳଚଞ୍ଚଳତା ସ୍ଥୂଳଦେହର ସମସ୍ତକୋଷ, ଶିରାପ୍ରଶିରା ଏବଂ ସମସ୍ତ ଯନ୍ତ୍ରାଂଶକୁ କ୍ରିୟାଶୀଳ କରି ପ୍ରାଣଶକ୍ତିର ଗମନାଗମନ କ୍ରିୟା ''ହଂ କାରେଣ ବହିର୍ଯାତି, ସ କାରେଣ ବିଶେତ୍ ପୁନଃ'' ସଂପାଦନ ପୂର୍ବକ ସ୍ଥୂଳ ଶରୀରକୁ ଉଦ୍‌ଜୀବିତ ରଖି ମର ଦେହରେ ଅନ୍ତର୍ବାହ୍ୟ ସମସ୍ତ କ୍ରିୟାକୁ ନିୟନ୍ତ୍ରଣ କରିଥାଏ । ଫଳରେ ସ୍ଥିତି ଅନୁସାରେ ଅନ୍ତର୍ବାହୀ ସମସ୍ତ ଆସ୍ୱାଦନ ସାପେକ୍ଷ ଓ ଅନୁଭବ୍ୟ ହୋଇଥାଏ । ଦେହ ମଧ୍ୟରେ କ୍ରିୟା ବା ସଂଞ୍ଚାଳନ ଓ ସଞ୍ଚରଣ ନ ହେଲେ କ୍ରିୟାର ପରାବସ୍ଥା ସମ୍ବନ୍ଧରେ ଅନୁଭବାତ୍ମକ ଜ୍ଞାନ ଆହରଣ ସର୍ବଦା ଅସମ୍ଭବ । କ୍ରିୟାଶୀଳ ଚଞ୍ଚଳା ପ୍ରକୃତି ଦ୍ୱାରା ଅକ୍ଷର ରୂପୀ ପୁରୁଷ ମାତ୍ରାସ୍ପର୍ଶ ଅଥବା ସ୍ପନ୍ଦନ ଯୁକ୍ତ ହୋଇ ବ୍ୟକ୍ତି ମଧ୍ୟରେ ଶୀତ ଉଷ୍ଣ ଅବା ସୁଖ ଦୁଃଖର ସଂବେଦନଶୀଳ ଚେତନା ଉଦ୍ରେକ କରାଇଥାଏ । ଏହା ଏକ ସ୍ୱତଃ ସ୍ଫୁର୍ତ୍ତ ସ୍ୱୟଂକ୍ରିୟ ପଦ୍ଧତି । ସୃଷ୍ଟବ୍ୟକ୍ତି ଏହାର ଦାସ ମାତ୍ର । ଗୁରୁଗତ ପ୍ରାଣ ପରଂବ୍ରହ୍ମ ଅନୁଗାମୀ ସଦ୍‌ଶିଷ୍ୟ ସଦା ସର୍ବଦା ସ୍ୱଅନ୍ତର୍ଗତରେ ମଗ୍ନ ରହି ମନଃଚକ୍ଷୁରେ ଗୁରୁ ପରଂବ୍ରହ୍ମ କେଶବଙ୍କର ପଦାରବିନ୍ଦରେ ବକୋଧ୍ୟାୟୀ ଅର୍ଥାତ୍ ଅନନ୍ୟ ଅପଲକ ଦୃଷ୍ଟିରେ ସବୁପ୍ରକାର ସ୍ଥିତିରେ ଅହୋରାତ୍ର ଦୃଢ଼ ଓ ଗୁଢ଼ ରହିଲେ ସେ ଅନନ୍ତ, ଅବ୍ୟକ୍ତ, ଆକାର ସର୍ବବ୍ୟାପୀ ପରଂବ୍ରହ୍ମ କେଶବଙ୍କର ଅଗମାଗମ ଭାବକୁ ନିତ୍ୟ ଆହରଣ କରି ଅଚଳା ଭକ୍ତିର ସ୍ଥିତି ଅତି ସହଜରେ ଅଚିରେ ପ୍ରାପ୍ତ କରିଥାଏ । ପ୍ରତ୍ୟେକ ସ୍ଥିତି କାରଣ ଆଧାରିତ । ଏଣୁ ସେ ଉକ୍ତ ସ୍ଥିତିରେ ଆତ୍ମକାମୀ ତିତିକ୍ଷୁ ଅବସ୍ଥା ଆପେ ଆପେ ପ୍ରାପ୍ତ କରିଥାଏ । ଏହି ଶ୍ଳୋକରେ ତିତିକ୍ଷୁ ବ୍ୟକ୍ତିଙ୍କର ଅନ୍ତର୍ଭାବ ଓ ସ୍ୱତଃ ଆନୁଗତ୍ୟ ସ୍ଥିତି ସମ୍ବନ୍ଧରେ କଥିତ ହୋଇଛି ।

ଶରଣାଗତି ସମ୍ବନ୍ଧରେ ସମ୍ୟକ ଭାବାତ୍ମକ ଧାରଣା ଅନୁମନନ ନିମିତ୍ତ ଉକ୍ତ ଶବ୍ଦର ପ୍ରତ୍ୟେକ ଅକ୍ଷର ସମ୍ବନ୍ଧରେ ପ୍ରଣିଧାନ ଏକାନ୍ତ ଅପରିହାର୍ଯ୍ୟ । 'ଶ' ଅକ୍ଷର ଅବ୍ୟକ୍ତ ଅନାଦିପୁରୁଷ କେଶବଙ୍କୁ ହିଁ ବୁଝାଏ । ସେ

ସବୁରି ଭିତରେ ''ଶ'' ପଦବାଚ୍ୟ ପୁରୁଷ ସତ୍ତା । ଏଣୁ ସ୍ୱଭାବତଃ କ୍ରିୟାହୀନ, ନିଶ୍ଚଳ, ନିଷ୍କଳ ଓ ସର୍ବକାରଣ କାରଣ ସତ୍ତା ହେତୁ ସକଳ ପଦବାଚ୍ୟ । ''ର'' ଅଖଣ୍ଡ ମଣ୍ଡଳାକାର ଆବ୍ରହ୍ମ ସ୍ତମ୍ଭ ପର୍ଯ୍ୟନ୍ତ ସଚରାଚର ବ୍ୟାପ୍ତ ଦିବ୍ୟଜ୍ୟୋତି ମଣ୍ଡଳ । ''ଣ'' =(ନ+ଅ) । ନ ନିବୃତ୍ତ, ନିର୍ଲିପ୍ତ, ନିଃସଙ୍ଗ ଓ ନିରାକାର ବାଚକ+ଅ ଅଣାକାର । ଏଣୁ ''ଣ'' ମୁଖ୍ୟତ ନିର୍ଗୁଣବାଚକ । ପୁଣି ''ଣ'' - ମାତ୍ରା ଅକାର ଦ୍ୱାରା ସଂଯୋଜିତ ହେଲେ ଅର୍ଥାତ୍ ପ୍ରକୃତିଯୁକ୍ତ ''ଣା'' ହେଲେ ନିରାକାର ନିଃସଙ୍ଗ ''ଣ'' ଅକ୍ଷର ପୁରୁଷ ସଂବେଦିତ ଭାବ ଓ ଅଭିବ୍ୟକ୍ତି ସୂକ୍ଷ୍ମ ଶରୀରରେ ପ୍ରତିଫଳିତ ହୋଇ ''ସତ୍‌ସଙ୍ଗତ୍ୱେ ନିସଙ୍ଗତ୍ୱମ୍'' ଅର୍ଥାତ୍ ଆତ୍ମବତ୍ ନିସଙ୍ଗ ଭାବ ବ୍ୟକ୍ତି ମଧ୍ୟରେ ସ୍ୱତଃ ଉଦ୍ଭବ କରାଇଥାଏ । ଏଣୁ 'ଣା' ନିର୍ଲିପ୍ତ ଓ ନିସଙ୍ଗଭାବ ବାଚକ ଅଟେ । ''ଗ'' ଗଗନ ବା ଆକାଶର ସଙ୍କେତ । ''ତ'' ତଲ୍ଲୀନ ଅବ୍ୟକ୍ତ ସ୍ଥିତି । ତ ପୁଣି 'ଇ' କାର ଯୁକତ ହୋଇ ଚଞ୍ଚଳା ପ୍ରକୃତି କ୍ଷେତ୍ରରେ ''ତି'' ଭାବେ କ୍ରିୟାଶୀଳ ହେଲେ ଉକ୍ତ ସ୍ଥିତି ଅନୁଗାମୀ ''ତଦ୍‌ଭାବେନ ଭାବିତମ୍'' ଅର୍ଥାତ୍ କେଶବ ଭାବରେ ସ୍ୱଅନ୍ତଃକରଣର ବିଭୋର ଏଭଳି ଅନୁଭବ ସ୍ୱତଃ ବ୍ୟକ୍ତି ମଧ୍ୟରେ ଆସିଥାଏ । ଏଣୁ ''ଶରଣାଗତି'' ସ୍ୱୟଂ କେଶବ ଅଟନ୍ତି । ଶରଣାଗତିର ପ୍ରତ୍ୟେକ ଅକ୍ଷର କେଶବଭାବର ଦ୍ୟୋତକ ଓ କାରକ ଅଟେ । ଏହା କର୍ତ୍ତାବାଚକ । କର୍ମ କିମ୍ବା ପରିଣାମ ନୁହେଁ । କେଶବ ପଦଯୁଗ୍ମରେ ଦିବାରାତି ସବୁସମୟରେ ସବୁପ୍ରକାର ସ୍ଥିତିରେ ଅନ୍ତସ୍ଥ ଲୟଚକ୍ଷୁର ଦୃଷ୍ଟି କେନ୍ଦ୍ରିତ, ଅଟଳ, ଅଚଳ, ନିଶ୍ଚଳ ଓ ଅପଲକ ହେଲେ ସାଧକ ଏଭଳି ସ୍ୱତଃସ୍ଫୂର୍ତ୍ତ ସ୍ୱଅଧ୍ୟୟନ କ୍ରିୟାରେ ଅହୋରାତ୍ର ମଜ୍ଜି ରହି କେବଳ ଶରଣାଗତି କେଶବ ଭାବ ''ବ୍ରହ୍ମାନନ୍ଦମ୍ ପରମ ସୁଖଦମ୍'' ଅବସ୍ଥା ଅବା ଆତ୍ମ ସଂସ୍ଥାନ ମାନସ ଅବସ୍ଥାଲାଭ କରିପାରିବ ଏଥିରେ ସନ୍ଦେହ ନାହିଁ । କାରଣ କେଶବଙ୍କର ଅବ୍ୟକ୍ତ, ଅନନ୍ତ, ଆବ୍ରହ୍ମ ସ୍ତମ୍ଭ ବ୍ୟାପ୍ତ, ବାହ୍ୟଚକ୍ଷୁ ଅଦୃଷ୍ଟ ପାଦଯୁଗଳ ମଧ୍ୟରେ ଅନନ୍ତକୋଟି ବ୍ରହ୍ମାଣ୍ଡ, ସମସ୍ତ ଲୋକ ବିଦ୍ୟମାନ । ସେଠାରେ ଅହରହ ପ୍ରଭୁଙ୍କର ସମସ୍ତ ଲୀଳା ସମ୍ପାଦିତ ହେଉଛି । ଏଣୁ ଆମେ ସମସ୍ତେ ଅନୁକ୍ଷଣ ସ୍ଥିତିରେ ବାହ୍ୟ ଦର୍ଶନ ଓ ଅଭିବ୍ୟକ୍ତି ଥାଇ ମଧ ତାହା ବିସ୍ମୃତ ହୋଇ ସ୍ୱଅନ୍ତର୍ଗତରେ ନିରବଚ୍ଛିନ୍ନଭାବେ ଶରଣାଗତି କେଶବଙ୍କର ପଦାରବିନ୍ଦରେ ଭାବଯୁକ୍ତ ଲୟଚକ୍ଷୁ କେନ୍ଦ୍ରିତ, ବିନ୍ଦୁଗତ, ଅପଲକ ଓ ନିଶ୍ଚଳ ରଖିପାରିଲେ ଶରଣାଗତି କେଶବ ସ୍ୱତଃ ଓ ନିଶ୍ଚିତ ଭାବେ ଆମ୍ଭମାନଙ୍କୁ ତାଙ୍କ ପଦାରବିନ୍ଦରେ ସ୍ଥାନ ଦେଇ ସାଯୁଜ୍ୟ, ସାଲୋକ୍ୟ ଓ କୈବଲ୍ୟମୁକ୍ତି ପ୍ରଦାନ କରିବେ । କାରଣ ଆମ୍ଭେ ତାଙ୍କର ପଦାରବିନ୍ଦରୁ କ୍ଷରିଛୁ । ଆମ୍ଭର ବିଲୟ ତାଙ୍କର ପଦାରବିନ୍ଦରେ ନିଶ୍ଚିତ ଏଥିରେ ସନ୍ଦେହ ନାହିଁ ।

ଅବ୍ୟକ୍ତ ପରଂବ୍ରହ୍ମ କେଶବ ଧରାଧାମରେ ବ୍ୟକ୍ତ ନାମିତ-କେଶବ ରୂପନେଇ ମାନବ ଶରୀରରେ ଅବତରିତ । ବର୍ତ୍ତମାନର ମାନବ ସମାଜ ଜାଗତିକ ଭାବ ଓ ବୋଧରେ ସର୍ବଦା ଉଦ୍ଭିଷ୍ଟତ ଜାଗ୍ରତ । ସେମାନେ ଦୁନିଆଁର ଚାକଚକ୍ୟ ଭାବାବିଷ୍ଟ ଅଧୋଗାମୀ ଓ ବହିର୍ଗାମୀ ମାତ୍ରା ସ୍ପର୍ଶରେ ପ୍ଲାବିତ । ଏଣୁ ଜାଗତିକ ଦୃଷ୍ଟିଭଙ୍ଗୀରେ ଶୀତ ଉଷ୍ମ ଓ ସୁଖ ଦୁଃଖାଦିରେ ଅହରହ ନିକ୍ଷେପିତ । ବର୍ତ୍ତମାନର ମନୁଷ୍ୟ ସମୟାନୁବର୍ତ୍ତୀ ଭାବ ଓ ପରିବେଶଗତ ଅଶାନ୍ତ, ବୁଦ୍ଧିବିଚାର ଶୂନ୍ୟ ସ୍ୱେଚ୍ଛାଚାରୀ ସ୍ୱଭାବାନୁଗାମୀ କାମ, କ୍ରୋଧ, ଲୋଭ, ମୋହ, ମଦ ଓ ମାତ୍ସର୍ଯ୍ୟାଦି ଷଡ଼ରିପୁର କ୍ରୀଡ଼ନକ ସାଜିଛି । ଏଣୁ ଏଭଳି ଗୁଣ ଆଚାରୀ ବ୍ୟକ୍ତି ମିଥ୍ୟାଭାଷୀ, କପଟାଚାରୀ, ସଦା ଅହଂକାର, ଦମ୍ଭ, ଦର୍ପ ଓ ଅସ୍ମିତାରେ ଭରପୂର । ଫଳରେ ମନୁଷ୍ୟ ମାତ୍ରକେ ସାଧାରଣତଃ କ୍ରୋଧୀ, ଲୋଭୀ, ହିଂସାପରାୟଣ, ପରଶ୍ରୀକାତର ଓ ଦୟା କ୍ଷମା ଗୁଣ ବର୍ଜିତ । ଘୋର ଅସହିଷ୍ଣୁତା ଆଦି ପଶୁ ଗୁଣରେ ଭୂଷିତ ଓ ମତ୍ତରହି ସେମାନେ ନାନା ପ୍ରକାର ବ୍ୟାଧିଗ୍ରସ୍ତ ହୋଇ ଅଶାନ୍ତ, ବ୍ୟାକୁଳ, ମନସ୍ତାପଯୁକ୍ତ, ହତାଶା, ନୈରାଶ୍ୟଗ୍ରସ୍ତ ସଦା ଅସ୍ଥିର ଅବ୍ୟବସ୍ଥିତ ଚିତ୍ତ ଜନିତ ଜାଗତିକ ତ୍ରିତାପ ଜ୍ୱାଳା ଯନ୍ତ୍ରଣାରେ ଅହରହ ଦଗ୍ଧୀତ ।

ଏଭଳି ଘଡ଼ିସନ୍ଧି କାଳରେ ଧର୍ମଭାବ ରହିତ ବିଭ୍ରାନ୍ତ ମାନବ ସମାଜକୁ ଦିଗଦର୍ଶନ ଦେବା ଓ ବିସ୍ମୃତ ସନାତନ ଧର୍ମର ପୁନଃ ପ୍ରଚଳନ କରି ମାନବ ସମାଜକୁ ତାରିବା ପାଇଁ ଅବ୍ୟକ୍ତ ପରମପୁରୁଷ ପ୍ରଭୁକେଶବ

ଧରାପୃଷ୍ଠରେ ନରଦେହରେ ଅବତରିତ ନିଜର ଚଞ୍ଚଳି ଓ ନୀରବତା ନିଜ ମଧ୍ୟରୁ ସ୍ୱତଃ ସର୍ବତ୍ର ବିଚ୍ଛୁରିତ ଶାନ୍ତ, ଦାନ୍ତ, ଉପରତ ଓ ତିତିକ୍ଷୁ ଗୁଣାବଳୀ ମାଧ୍ୟମରେ କଳଙ୍କିଗ୍ରସ୍ତ ମାନବ ସମାଜକୁ ତାଙ୍କ ମଧ୍ୟରେ ଥିବା ସମସ୍ତ ପ୍ରକାର ଦୁର୍ଗୁଣରୂପି କଳଙ୍କଗୁଡ଼ିକୁ କ୍ଷାଳନ କରି ନିତ୍ୟ ଶୁଦ୍ଧ ବୁଦ୍ଧି ଚୈତନ୍ୟଯୁକ୍ତ ସ୍ୱଚ୍ଛ ଓ ଦେବୋପମ ନିର୍ମଳ ଗୁଣାବଳୀରେ ରୂପାନ୍ତରଣ ପାଇଁ ଆବିର୍ଭୂତ । ଶାସ୍ତ୍ର କହେ ''ନାମ ରୂପେଣ ବ୍ୟାକରବାଣୀ'' । ଅର୍ଥାତ୍ ଅରୂପ, ନାମ ରୂପ ଧାରଣ କରି ସୃଷ୍ଟିରେ ପରିପ୍ରକାଶ ଲାଭ କରେ । ଏଣୁ ସ୍ରଷ୍ଟା କେଶବ ସୃଷ୍ଟି ପ୍ରକଳ୍ପର ସୃଜନଶୀଳ ପ୍ରକ୍ରିୟାରେ ଛରିଆକୂଳସ୍ଥ ବଗାରସାହିର ପରମପୂଜ୍ୟା ଜନନୀ ସୁକାନ୍ତୀଙ୍କ ସୁଗର୍ଭରେ ଯଦୁନନ୍ଦନ କେଶବ ନାମ ଧାରଣ କରି ନରଦେହରେ ବିରାଜିତ ।

ଲୌକିକ ଚକ୍ଷୁରେ ଆମ୍ଭେ ଜଗତଭାବାପନ୍ନ ମନୁଷ୍ୟ ପ୍ରଭୁ କେଶବଙ୍କୁ ଏକ ସାଧାରଣ ମଣିଷ ରୂପେ ଭ୍ରମିତ ହେବା ଏକ ବାସ୍ତବ ସାଧାରଣ ସ୍ଥିତି । କିନ୍ତୁ ତାଙ୍କ ନିକଟସ୍ଥ ହୋଇ କିଛିକ୍ଷଣ ଆଖପାଖରେ ଅବସ୍ଥାନ କରି ବିଚ୍ଛୁରିତ ସମସ୍ତଭାବକୁ ମନଭିତରେ କେନ୍ଦ୍ରିତ କରି ବହିର୍ଚକ୍ଷୁ ଓ ଅନ୍ତର୍ଚକ୍ଷୁ ଉଭୟର ଦର୍ଶନ ଏକ ଓ ଏକାକାର ଏଭଳି ସ୍ଥିତିରେ ଅବଲୋକନ କଲେ ସ୍ଥୂଳ କେଶବଙ୍କ ଶରୀର ମଧ୍ୟରେ ଅରୂପ, ଅନନ୍ତ ଓ ସର୍ବବ୍ୟାପ୍ତ ଶୁଭ୍ରଜ୍ୟୋତିର୍ମୟ ପରଂବ୍ରହ୍ମ ଠାକୁର କେଶବ ଯେ ଅଙ୍ଗାଙ୍ଗୀ ସନ୍ନିବେଶିତ ତାହା ସେଭଳି ଭାବାପନ୍ନ ଦ୍ରଷ୍ଟା ଯେ ନିଜ ମଧ୍ୟରେ ନିଜେ ସ୍ପଷ୍ଟ ଉପଲବ୍ଧ କରିପାରିବେ ଏହା ଦୃଢ଼ ନିଶ୍ଚିତ ସତ୍ୟ ଅଟେ । ଉକ୍ତ ଭାବ ଆଧାରିତ ଶାସ୍ତ୍ରୀୟ ପ୍ରମାଣ ମତେ ''ତଦ୍‌ଶୁଭ୍ର ଜ୍ୟୋତିଷାଂ ଜ୍ୟୋତି ଯଦ୍ ତଦ୍ ଆତ୍ମ ବିଦୋ ବିଦୁଃ'' ।

ପ୍ରତ୍ୟେକ ମନୁଷ୍ୟ ଦ୍ୱୈତ ମର ରୂପ ମୁଁ ଅବା ଅହମ୍ ମଧ୍ୟରେ ଅମର ଅରୂପ ଜୀବାତ୍ମା ''ପ୍ରତି ଜୀବୋ ଜୀବିଭୂତ'' ପରମବ୍ରହ୍ମ ପରମାତ୍ମା କେଶବଙ୍କର ଅଣୁ ଅଂଶବିଶେଷ ''ସ୍ୱ'' ଅଦ୍ୱୈତ, ଉଭୟଙ୍କର ଅଙ୍ଗାଙ୍ଗୀ ସ୍ଥିତି ପ୍ରାଣୀର ଜୀବଦ୍ଦଶା ମଧ୍ୟରେ ସଦା ନିରବଚ୍ଛିନ୍ନ ଭାବେ ବିଦ୍ୟମାନ । ଏହି ସ୍ଥିତିହିଁ ଜୀବତ୍କାଳ ମଧ୍ୟରେ ଯୋଗ ବା ଯୁକ୍ତସ୍ଥିତି । ଦେହାଭିମୁଖି ସାଧାରଣ ମନୁଷ୍ୟ ସ୍ୱଭାବତଃ ଭାବ ଓ ବୋଧରେ ମୁଁ ବା ଅହମ୍ ଭାବାପନ୍ନ । ଏଣୁ ଆତ୍ମ ସ୍ୱରୂପ ''ସ'' ରୂପୀ କେଶବ ''ଅଣୁ ରଣିୟାନ ମହତୋ ମହିୟାନ'' ଭାବେ ପ୍ରତିଘଟରେ ବିଦ୍ୟମାନ, ଏହା ବ୍ୟକ୍ତି ଉପଲବ୍ଧ କରିପାରେନା । କାରଣ ପ୍ରତିଟି ଦ୍ୱୈତ ରକ୍ତ ମାଂସରେ ଗଢ଼ା ଶରୀର ମଧ୍ୟରେ ସୂକ୍ଷ୍ମ ସଦା କମ୍ପନଯୁକ୍ତ କ୍ରିୟାଶୀଳ ଅଦୃଷ୍ଟ ଚଞ୍ଚଳା ପ୍ରକୃତି ଶରୀର ଅନ୍ତର୍ଗତରେ କୋଳାୟିତ ଗୁହ୍ୟ ସ୍ଥିତିରେ ଅବସ୍ଥିତ ସୂକ୍ଷ୍ମାତିସୂକ୍ଷ୍ମ ଶାନ୍ତ, ନିଶ୍ଚଳ, ନିସ୍ପନ୍ଦ, ଅନନ୍ତ ସ୍ଥିର ଓ ସ୍ଥାଣୁ ଶକ୍ତିର ଭଣ୍ଡାର କାରଣ ସତ୍ତା ଆତ୍ମିକ ଶରୀର ସହ ଯୁକ୍ତ ରହି ଅଲକ୍ଷ୍ୟରେ ଆତ୍ମାଠାରୁ ଶକ୍ତି ଆହରଣ କରି ନିଜେ କ୍ରିୟାଶୀଳ ହୋଇଥାଏ । ରକ୍ତ ମାଂସରେ ସୃଷ୍ଟ ସ୍ଥୂଳଶରୀର ଆଧାର ରୂପେ ଏବଂ ସୂକ୍ଷ୍ମ ପ୍ରକୃତି ଶରୀର ଓ ସୂକ୍ଷ୍ମାତିସୂକ୍ଷ୍ମ ଆତ୍ମିକ ଶରୀର ଉଭୟେ ଅଦୃଷ୍ଟ ଶରୀରର ତନ୍ମଧ୍ୟରେ ଆଧେୟ ରହି ସ୍ଥୂଳ ଶରୀରରେ ଥିବା ଅସଂଖ୍ୟ ଅଗଣିତ କୋଷ ମଧ୍ୟରେ ସୂକ୍ଷ୍ମ ପ୍ରକୃତି ଶରୀର ଆତ୍ମାରୁ ଅନୁଗୃହୀତ ଭାବ ଓ ଅନୁଭବ ସଂପ୍ରସାରିତ କରିଥାଏ । ଏହି ଭାବ ତ୍ରିଗୁଣ ଯୁକ୍ତ । ଯଥା- ଆଧ୍ୟାତ୍ମ ଭାଷାରେ ସତ୍ତ୍ୱ, ରଜ, ତମ, ବିଜ୍ଞାନ ଭାଷାରେ ଯଥାକ୍ରମେ ଶବ୍ଦ, କମ୍ପନ ଓ ଆଲୋକ, ଆୟୁର୍ବେଦୀୟ ଭାଷାରେ କଫ, ବାତ ଓ ପିତ୍ତ, ଦେବ ଭାଷାରେ ଶିବ, ବିଷ୍ଣୁ ଓ ବ୍ରହ୍ମା ଏଭଳି କଥିତ ହୁଏ । ''ତ୍ରୟୋଦେବା ତ୍ରୟୋ ଗୁଣାଃ'' ।

ଯୁଗ ପରିବର୍ତ୍ତନ ବା ଅବକ୍ଷୟ ମତେ ସତ୍ୟଯୁଗ କ୍ରମପ୍ରବର୍ତ୍ତିତ ହୋଇ ବର୍ତ୍ତମାନ କଳିଯୁଗରେ ରୂପାୟିତ । ସତ୍ୟଯୁଗ ସତ୍ତ୍ୱପ୍ରଧାନ ଗୁଣଧର୍ମ । ତ୍ରେତା ସତ୍ତ୍ୱରଜ ପ୍ରଧାନ, ଦ୍ୱାପର ରଜ ତମ ପ୍ରଧାନ ଏବଂ କଳି ତମ ପ୍ରଧାନ ଗୁଣର ସଂପ୍ରସାରକ । ଠାକୁର କେଶବ ମନୁଷ୍ୟମାନଙ୍କୁ ତମ ପ୍ରଧାନ ଗୁଣରୁ ମୁକ୍ତ କରି ପରିଶେଷରେ ସତ୍ୟପ୍ରଧାନ ଗୁଣରେ ରୂପାନ୍ତରିତ ନିମିତ୍ତ କଳ୍କୀ ଅବତାର ଅର୍ଥାତ୍ ତମ ରୂପକ କଳଙ୍କ ଦହନ ନିମିତ୍ତ ଠାକୁର କେଶବ ରୂପେ ଆବିର୍ଭୂତ ଓ ପ୍ରତିଷ୍ଠିତ । ନିଜେ ଅତି ସରଳ ନିରଳସ ଆଡ଼ମ୍ବରହୀନ ନିସ୍ପୃହ ଜୀବନଯାପନ କରି ଅନ୍ତର୍ବହି ସନ୍ୟାସ

ସ୍ଥିତିରେ ସଦା ଆରୂଢ଼ ସମସ୍ତଙ୍କର ମନଲୋଭା ସଦା ଶାନ୍ତ ସମାହିତ । ଅନ୍ତର୍ଗତରେ ସଦା ମୌନ ଓ ସ୍ପନ୍ଦନହୀନ ନିର୍ଲିପ୍ତ, ନିରାକାର ଓ ନିର୍ଗୁଣ ଭାବ ବହନ କରନ୍ତି । ତାଙ୍କ ସ୍ୱଅନ୍ତର୍ଗତରୁ ନିର୍ଗତ ଅଖଣ୍ଡ ମଣ୍ଡଳାକାର ଅହରହ ଅବାରିତ ବିଚ୍ଛୁରିତ ଅନନ୍ତ କୋଟି ସୂକ୍ଷ୍ମାତିସୂକ୍ଷ୍ମ ପରମାତ୍ମ କୈନ୍ଦ୍ରିକ ଅଦୃଷ୍ଟ ଅଣୁଶକ୍ତି ସମୂହ ଦଶଦିଗବ୍ୟାପୀ ସଂପ୍ରସାରିତ ନିଜଠାରୁ ଉଦ୍ଭବ ''ଚରମ'' ଶକ୍ତି ବିଶ୍ୱରେ ସତତ କ୍ରିୟାଶୀଳ । ଏହା ସର୍ବଦା ସର୍ବଜନ ବୋଧଗମ୍ୟ ନୁହେଁ । ଚରମ ଶକ୍ତିର ସଂପ୍ରସାରକ କେଶବ ବ୍ୟକ୍ତି ସମୂହ ମଧ୍ୟରେ ବିଦ୍ୟମାନ । ଜଗତ ଆଶଙ୍କା ମୁଁ ଓ ମୋର ଭାବର ଶୋଷଣ ଓ ବିଧ୍ୱଂସନ ପାଇଁ ଠାକୁର ଯୁଗୋପଯୋଗୀ ଧାରାପ୍ରଦାନ କରି ଚାଲିଛନ୍ତି । ସର୍ବସାଧାରଣ ସବୁ ବର୍ଗ ଓ ଅବସ୍ଥାର ବ୍ୟକ୍ତିମାନଙ୍କ ପକ୍ଷରେ ଏହା ସହଜ ଭାବରେ ଅନୁସରଣୀୟ ଓ ଅନୁମନନୀୟ । ଏହି ସାଧନଧାରା ଆଚରଣଦ୍ୱାରା ମନର ଚଞ୍ଚଳତା ତଥା ବହିର୍ମୁଖୀ ବିସ୍ତାରିତ ଭାବ ସମୂହକୁ ଅନ୍ତର୍ମୁଖୀ, ଏକ ଓ ଆତ୍ମକୈନ୍ଦ୍ରିକ କରିବା ଉକ୍ତ ସାଧନ ବିଧିର ଏକମାତ୍ର ଯୁଗୋପଯୋଗୀ ପଦ୍ଧତି ''ନାନ୍ୟପନ୍ଥା ବିଦ୍ୟତେ ଅୟନାୟ'' । ଏହା ବ୍ୟତୀତ ବର୍ତ୍ତମାନର ଯୁଗକାଳରେ ଅନ୍ୟପନ୍ଥା ଆଶୁ ଫଳପ୍ରଦ ନୁହେଁ । କିନ୍ତୁ 'ମୁଁ' ପ୍ରାବଲ୍ୟ ଭାବନାକୁ ବଳବତ୍ତର ରଖି ଏହି ଉପାସନା ପଦ୍ଧତି ଆଚରଣ କଲେ କେଶବ ସର୍ବସ୍ୱଭାବ ପ୍ରାପ୍ତି ସର୍ବଥା ଅସମ୍ଭବ । ଯନ୍ତ୍ରବତ୍ ଭାବେ ଏଭଳି ପଦ୍ଧତି ଅବଲମ୍ବନ କେବେ ହେଁ ସମ୍ଭାବ୍ୟ ଫଳ ଦେଇ ପାରିବ ନାହିଁ । ଏଣୁ ଏଭଳି ମୁଁ ସର୍ବସ୍ୱ ବଦ୍ଧ ସ୍ଥିତିରେ ଜୀବନମୁକ୍ତି ଅବସ୍ଥା ପ୍ରାପ୍ତି ଆକାଶ କୁସୁମ ସଦୃଶ । ପ୍ରତ୍ୟେକ କ୍ରିୟା ଲକ୍ଷ୍ୟ ଓ କାରଣ ଆଧାରିତ । କାରଣକୁ ଲକ୍ଷ୍ୟ ରଖି ପୂର୍ଣ୍ଣଆନ୍ତରିକତାର ସହ କ୍ରିୟା କଲେ କାରଣ ସ୍ଥିତିର ଅନୁଗମନ ଓ କାରଣ ସହ ସାକ୍ଷାତ୍କାର ସମ୍ଭବ ହୋଇଥାଏ । ଜଗଦ୍‌ଗୁରୁ ଆଦିଶଙ୍କର ତାଙ୍କ ରଚିତ 'ଭଜ ଗୋବିନ୍ଦମ୍'ରେ ଏ ମର୍ମରେ ସ୍ପଷ୍ଟ ଉଲ୍ଲେଖ କରିଛନ୍ତି ''ସତ ସଙ୍ଗତ୍ୱେ ନିଃସଙ୍ଗତ୍ୱଂ, ନିଃସଙ୍ଗତ୍ୱେ ନିର୍ମୋହତ୍ୱଂ, ନିର୍ମୋହତ୍ୱେ ନିଶ୍ଚଳ ତତ୍ତ୍ୱମ୍, ନିଶ୍ଚଳତତ୍ତ୍ୱେ ଜୀବନ ମୁକ୍ତିଃ'' ।

ଶରଣାଗତିର ଆଧାର ଠାକୁର କେଶବଙ୍କର ପଦାବ୍ଜ ଅର୍ଥାତ୍ ସ୍ୱୟଂ ପ୍ରଭୁକେଶବ । କେଶବ ପ୍ରଦତ୍ତ ଧାରା ଅନୁକ୍ରମରେ କାୟମନୋବାକ୍ୟରେ ଆତ୍ମ ତଲ୍ଲୀନ ଭାବ ଆଧାରିତ ପ୍ରଦତ୍ତ ସାଧନା ଅବଲମ୍ବିତ ବ୍ୟକ୍ତି ମଧ୍ୟରେ ପ୍ରତ୍ୟେକ କୋଷ ଓ ଅଣୁପରମାଣୁରେ କେବଳ କେଶବ ଭାବ ତନ୍ମୟତା, ସଂକ୍ରମିତ ଓ ସଞ୍ଚରିତ ହେଲେ କେଶବ ସର୍ବସ୍ୱଭାବ ଦୃଢ଼ୀକରଣ ତଥା ଧ୍ରୁବୀକରଣ ହୋଇଥାଏ । ଫଳରେ ଶରଣାଗତି ଅର୍ଥାତ୍ କେଶବ ପଦାବ୍ଜଆଶ୍ରିତ ଭାବ ପ୍ରାପ୍ତ ହୁଏ । ଏହା ନିଜସ୍ୱ ଅହଂଭାବ ସାପେକ୍ଷ ପ୍ରଚେଷ୍ଟା ଆଧାରିତ ନୁହେଁ । କେବଳ ଠାକୁର କେଶବଙ୍କର ଅନୁକମ୍ପା ସାପେକ୍ଷ । ବ୍ୟକ୍ତି ସ୍ୱଅନ୍ତର୍ଗତରେ ଅନୁକ୍ଷଣ ଅବାରିତ ସଶ୍ରଦ୍ଧ ଭାବରେ କେଶବ ପାଦଯୁଗଳ ପ୍ରତି ଲୟ ଦୃଷ୍ଟିର ଅବଲୋକନ ରତ ରହିଲେ ସ୍ୱତଃ ଶରଣାଗତି ସର୍ବତ୍ର ସାର୍ବଭୌମ୍ୟ କେଶବଭାବ ଆପ୍ଲୁତ ସ୍ଥିତି ବ୍ରହ୍ମାନନ୍ଦ ନିରବଚ୍ଛିନ୍ନ ଭାବେ ଉପଲବ୍ଧ ଓ ଅନୁଭବ୍ୟ ହୋଇଥାଏ । ଶାସ୍ତ୍ର କହେ ''ଦ୍ରଷ୍ଟୁ ଶ୍ରୋତୁଂ ତଦ୍ଦୈବ ଅନୁପ୍ରାବିସତ୍ ।'' ଶରଣାଗତି ସ୍ଥିତି ସମ୍ବନ୍ଧରେ ଗୀତାରେ ଉଲ୍ଲେଖ ଅଛି ''ଯୋ ମାଂ ପଶ୍ୟତି ସର୍ବତ୍ର ମୟି ଚ ସର୍ବଂ ପଶ୍ୟତି'' ।

ପରମକାରୁଣିକ କେଶବ ତୁମର ସୃଷ୍ଟ ପ୍ରତ୍ୟେକ ମନୁଷ୍ୟ ମଧ୍ୟରେ ଦୟାପରବଶ ହୋଇ ଆମ୍ଭମାନଙ୍କର ସବୁପ୍ରକାର ଉଦ୍ଭଟ ସ୍ୱଭାବକୁ କ୍ଷମା ଦୃଷ୍ଟିରେ କ୍ଷାଳନ କରି ଶରଣାଗତ ଆମ୍ଭମାନଙ୍କୁ ଶ୍ରୀପୟରରେ ସ୍ଥାନ ଦେଇ କେଶବ ଭାବ, ସର୍ବତ୍ର କେଶବମୟ ଏବଂ କେବଳ କେଶବ ସ୍ଥିତି ପ୍ରଦାନ କର, ଏହାହିଁ ଶ୍ରୀଚରଣରେ ପ୍ରାର୍ଥନା । ହେ ପ୍ରଭୁ ଆମ୍ଭ ବଦ୍ଧଜୀବମାନଙ୍କୁ ଏଭଳି ସ୍ଥିତି ପ୍ରଦାନ କର ।

'ଅସତୋ ମାଂ ସଦ୍‌ଗମୟ,
ତମସୋ ମାଂ ଜ୍ୟୋତିର୍ଗମୟ,
ମୃତ୍ୟୁର୍ମା ମାଂ ଅମୃତଗମୟ ॥'

# ବନ୍ଦେ ଗୁରୁଃ ଚରଣାରବିନ୍ଦମ୍

ହଁ, କହୁଥିଲି ସଚ୍ଚିଦାନନ୍ଦଙ୍କୁ ପାଇବାର କଥା । ଅନେକ ମତରୁ ଗୋଟିଏ ମତ, ଅନେକ ପଥରୁ ଗୋଟିଏ ପଥ । ମତ ଓ ପଥ ମିଳିଗଲେ ପାଥେୟ ଯୋଗାଡ଼ କରି ପଥ ଉପରକୁ ଓହ୍ଲାଇ ପଡ଼ିବା କଥା । ଆଉ, ଥରେ ପଥ ଉପରକୁ ଓହ୍ଲାଇ ପଡ଼ିଲେ ଚାଲିବି କି ନାହିଁ, ଏମିତି 'ଦୋ ଦୋ ପାଞ୍ଚ' ହୋଇ ଲାଭ ନାହିଁ । ଅଯଥାରେ ବିଳମ୍ବ କଲେ ଆପଣାର କ୍ଷତି ।

ନିରବଧି କାଳ ବହି ଚାଲିଛି । ସେ ତ ଅଟକିବ ନାହିଁ । ତା' ସହିତ ଆମକୁ ତାଳ ମିଳାଇବାକୁ ହେବ । ସେ ଆମ ସହିତ ତାଳ ମିଳାଇ ଚାଲିବାକୁ ଅପେକ୍ଷା କରିବ ନାହିଁ । ଛୋଟ ଛୋଟ ଜଳଧାରକୁ ବାଟ ଖୋଳି ବହିଆସି, ନଦୀ ସହିତ ମିଶିବାକୁ ହୁଏ । ନଦୀ କେବେ ବାଟ ଭାଙ୍ଗି ଛୋଟ ଜଳଧାର ପାଖକୁ ମିଶିବାକୁ ଯିବ ନାହିଁ । ଏହାହିଁ ତ ସୃଷ୍ଟିର ନିୟମ । ଆମ ପାଇଁ ଏ ନିୟମ ବଦଳିବ ନାହିଁ । ଆମ ପାଖରେ ବେଳ ଅଳପ, ବାଟ ବହୁତ । ସହଳ ସହଳ ନ ଚାଲିଲେ ଲକ୍ଷ୍ୟସ୍ଥଳରେ ପହଞ୍ଚି ହେବ ନାହିଁ । ତେଣୁ, ବେଳଦେଖି କାମ କରିବା ବି ଗୋଟେ ଯୋଗ ।

ରାସ୍ତା ଉପରକୁ ଓହ୍ଲେଇ ପଡ଼ିବା ଆଗରୁ ମନକୁ ସ୍ଥିର କରିନେବା ଦରକାର । ଚାଲିବା ପାଇଁ ଦୃଢ଼ ମନୋବଳ ଦରକାର । ମନକୁ ସ୍ଥିର କରି ନେଲେ, ଚାଲିବାକୁ ଡ଼େରି ହେବ ନାହିଁ । ତେବେ ଖାଲି ମତ ପଥ ମିଳିଗଲେ ଲକ୍ଷ୍ୟସ୍ଥଳରେ ପହଞ୍ଚିହେବ ନାହିଁ । ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ନିଜକୁ ତିଆରି ନେବା ଦରକାର । କେତେବେଳେ ପାଥେୟ ସରିଯିବ, ପାଦ ଥକି ପଡ଼ିବ, ମନର ବଳ ତୁଟିଯିବ, ଚଲାପଥରେ କେତେ କଣ୍ଟା ଝଣ୍ଟା, ଉଠାପକା ବାଧା ବିପତ୍ତି ଆସିପାରେ । ସେ ସବୁକୁ ସାମନା କରି ଆଗେଇବାକୁ ହେବ । ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ଦୃଢ଼ ଇଚ୍ଛାଶକ୍ତି ଦରକାର । ଦୃଢ଼ ଇଚ୍ଛାଶକ୍ତି ଥିଲେ ନିଜ ଭିତରେ ଆତ୍ମବିଶ୍ୱାସ ସୃଷ୍ଟିହୁଏ । ଏହି ଆତ୍ମବିଶ୍ୱାସ ହିଁ କଢ଼ାଇ ନିଏ ପଥ ।

ତେବେ, ଖାଲି ଚାଲିବା ପାଇଁ ଇଚ୍ଛାଥିଲେ ଚାଲି ହୁଏ ନାହିଁ । ଚାଲି ଶିଖିବା ଦରକାର । ଚାଲି ନ ଜାଣି ବାଟର ଦୋଷ ବାଢ଼ିଲେ ବାଟର କି ଯାଏ ଆସେ । ସେଥିରେ କ'ଣ ଆପଣାର ପରମାର୍ଥିକ ଜୀବନର ପ୍ରକୃତ ବିକାଶ ହୁଏ ନା ହେବ ? କେବଳ ନିଜର ଦୋଷ ଦୁର୍ବଳତାକୁ ଢାଙ୍କିବାର ଅପଚେଷ୍ଟାରୁହିଁ ଆପଣାର କ୍ଷତିହୁଏ ସିନା । ସବୁ କଥା ଭାବି ଚିନ୍ତି ରାସ୍ତାକୁ ଓହ୍ଲେଇବା ଦରକାର । ନହେଲେ, ପଥଦଣା ହେବା ସାର ହେବ । ଖଣ୍ଡିଏ ଇଟା କି ପଥର ବି ବାଟ ରୋକିଦେବ । ମନ କହିବ ନାଁ ଏ ବାଟରେ ଆସି ଭୁଲ୍ କଲି । ହେଲେ ଫେରିବାକୁ ବି ବେଳ ନଥିବ । ତୁଚ୍ଛାଟାରେ ଅନ୍ୟକୁ ଦୋଷ ଦେଇ ମନକୁ ବୁଝାଇବା ନିରର୍ଥକ । ଗୁରୁଙ୍କୁ ନିନ୍ଦାକରି ବାଟର ଦୋଷଗୁଣ ବାଛିଲେ ନିଜର କ୍ଷତି ହେବ ସିନା, ଅନ୍ୟ କାହାର କିଛି କ୍ଷତି ହେବ ନାହିଁକି ଲାଭ ହେବ ବି ନାହିଁ ।

ବାଟରେ ଚାଲୁ ଚାଲୁ ପୁଣି କେତେ ବାଧା ଆସିପାରେ । କେତେ ବାଟ ଆସି ଛନ୍ଦା ଛନ୍ଦି ହୋଇ ପାରନ୍ତି, କେତେ ମତ ମନ ଭିତରେ ଦ୍ୱନ୍ଦ୍ୱ ସୃଷ୍ଟି କରି ପାରନ୍ତି । କିଏ କହିବ ରାମ ବଡ଼, କିଏ କହିବ କୃଷ୍ଣ ବଡ଼ । ଆମେ କାହାକୁ ଛୋଟ ବଡ଼ କହିବା କାହିଁକି ? ବାଛ ବିଚାର କରିବା କାହିଁକି ? ରଂଗ ଢଂଗିଆ ଜରିର ପୋଷାକ ଦେଖି ନାଲି ନେଳି ଆଲୁଅର ଭୋଜ ବାଜି ଦେଖି ଆମେ ଲୀଳା ପାଖରେ ଅଟକିବା କାହିଁକି ? ରାମଲୀଳାରେ ରାମ ଭୂମିକାରେ ଅଭିନୟ କରୁଥିବା ଲୋକଟି ଅସଲ ରାମ ନୁହେଁ । ଆମେ ମଞ୍ଚ ପାଖରେ ଅଟକିଗଲେ, ଅସଲ ଲୋକକୁ ଚିହ୍ନି

ପାରିବା ନାହିଁ । ଆମକୁ ସାଜସଜ୍ଜା କୋଠରୀ ଯାଏ ଯିବାକୁ ହେବ । ଜରିର ପୋଷାକ ଫିଟାଇବା ପରେ ଅସଲ ରୂପଟାକୁ ଚିହ୍ନିବାକୁ ହେବ । ତେବେ ଯାଇ ଲୋକଟାର ଅସଲ ପରିଚୟ ପାଇବା । ଅସଲ ପରିଚୟ ଜାଣିବାଟାହିଁ ମୂଳ କଥା । ମୂଳଟିକୁ ନ ଧରିଲେ ସବୁ ଅତୁଆ ।

ଯଦି କେହି ମର୍ଯ୍ୟାଦା ପୁରୁଷୋତ୍ତମ ରାମଚନ୍ଦ୍ରଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଚାହେଁ, ହେଉ, କେହି ମନା କରୁ ନାହିଁ । ତାଙ୍କ ମତ ତାଙ୍କ ପଥରେ ଯିବାକୁ ଚାହିଁଲେ କେହି ବାରଣ ବି କରିନାହିଁ । କିନ୍ତୁ ରାମ କଥା ହେଉ କି କୃଷ୍ଣ କଥା ହେଉ, ମୂଳ କଥାଟି ବୁଝିବା ଦରକାର । ମୂଳ କଥାଟାହିଁ ମୂଳାଧାର । କାରଣ ତାହାହିଁ ସତ୍ୟ । ସତ୍ୟ ଯାହା, ତାହାହିଁ ଅତୁଟ, ଅପରିବର୍ତ୍ତନୀୟ ଓ ଅକ୍ଷୟ । ତେଣୁ, ତାହା ଚିରନ୍ତନ । ତେବେ, ଏହି ସତ୍ୟଟି କ'ଣ ? ଏହି ସତ୍ୟଟିକୁ ବୁଝିବା ଆଗ ଦରକାର । ରାମନାମ ଗାଇ, ରାମରୂପ ଧ୍ୟାୟୀ ଆମେ ଖୁସି ହୋଇ ଯାଉଛୁ । ରାମ ନାମକୁ ଜପାମାଳି କରୁଛୁ । ମଲାପରେ ଛ'ଖଣ୍ଡିଆରେ ଗଲାବେଳକୁ ବି ରାମ ନାମ ଶୁଣି ଶୁଣି ମଶାଣିକୁ ଯାଉଛୁ । ମହାମନ୍ତ୍ରରେ ବି ରାମ ନାମର କୀର୍ତ୍ତନ କରୁଛୁ । ହେଲେ, ରାମ-ନାମର ତାତ୍ପର୍ଯ୍ୟ କ'ଣ ? ରାମ କଥାର ମହତ୍ୱ କ'ଣ ?

'ରା' ଅର୍ଥ ପରଂବ୍ରହ୍ମ, 'ମ' ଅର୍ଥ ଜୀବ, ଅର୍ଥାତ୍, 'ରାମ' ଅର୍ଥ ବ୍ରହ୍ମ ଓ ଜୀବର ଚିରନ୍ତନ ମିଳନ ରହସ୍ୟ । ଜୀବ ତ ପରମରଅଂଶ ବିଶେଷ । ସେହି 'ଜ୍ୟୋତି ବ୍ରହ୍ମ'ର ଶିଖା ସଦୃଶ । ସେହି 'ଅମୃତ' ସାଗରର ବିନ୍ଦୁ ସେ । ସେହି 'ମହାନନ୍ଦ'ର ଉତ୍ସରୁ ଧାରଟିଏ । ବ୍ରହ୍ମ ଭିତରେ ଜୀବ ପୁଣି ଜୀବ ଭିତରେ ବ୍ରହ୍ମ । ପିଣ୍ଡଭିତରେ ବ୍ରହ୍ମାଣ୍ଡ, ବ୍ରହ୍ମାଣ୍ଡ ଭିତରେ ପିଣ୍ଡ । ତେଣୁ, ଜୀବ ପରମର ସଂପର୍କ ଅଭେଦ । ଭାବିଲେ ଭେଦ, ନ ଭାବିଲେ ଅଭେଦ । ତେଣୁ ସେ ଭେଦାଭେଦରେ ହିଁ ଚିର ବିରାଜିତ ।

ସେହି ପରମ କାରୁଣିକ ବ୍ରହ୍ମସ୍ୱରୂପଙ୍କୁ ଆଗରେ ରଖି 'ଜୀବ' ତାଙ୍କୁ ଅନୁସରଣ କରୁ । 'ରା' କୁ ଆଗରେ ରଖି 'ମ' ପଛରେ ରହୁ । ଏହି ବ୍ରହ୍ମ ଓ ଜୀବର ଅଭେଦ ରୂପହିଁ 'ରାମ' । ତାଙ୍କୁପାଇବା ପାଇଁ ବୈଦେହୀଙ୍କୁ ବିଦେହର ଭୂମିରୁ ଜନ୍ମଲାଭ କରିବାକୁ ହେଲା । 'ବିଦେହ'ର ଅର୍ଥ ହେଲା ଦେହ ଭାବହୀନ ବା ଦେହଭାବର ଉର୍ଦ୍ଧ୍ୱ । ଦେହ ଭାବର ଅଧୀନରେ ଇନ୍ଦ୍ରିୟର ଅଧୀନ । ଦେହଭାବର ଉର୍ଦ୍ଧ୍ୱରେ ମାନସ ଲୋକ । ମାନସ ଲୋକରୁ ଚୈତନ୍ୟ ଉଦୟ ହୁଏ । ତେଣୁ ସୀତା ହେଉଛନ୍ତି ବିଦେହୀ ବା ବୈଦେହୀ-ଚୈତନ୍ୟ ସ୍ୱରୂପା । 'ରାମ' ହେଲେ, ଅନନ୍ତ ଅସୀମ ଭୂମା । ସୀତା ଭୂମିରୁ ଜାତ । ତେଣୁ ଭୂମିରୁ ଭୂମାଯାଏ ଚେତନାର ଉତ୍ତରୋତ୍ତର ଯେଉଁ ଆନନ୍ଦମୟ ଦିବ୍ୟ ଯାତ୍ରା, ତାହହିଁ 'ସୀତାରାମ'ଙ୍କର ଚିରମିଳନର ରହସ୍ୟ । ଏହାହିଁ ଭଗବଦ୍ ଅନୁଭବ । ଏହାହିଁ ଆଧ୍ୟାତ୍ମିକ ଅନ୍ୱେଷା, ଈଶ୍ୱରାନୁଭବ ।

ଦଶରଥ ଦଶ ଇନ୍ଦ୍ରିୟର ପ୍ରତୀକାତ୍ମକ ନାମ । 'ଲକ୍ଷ୍ମଣ' ଲକ୍ଷ୍ମୀଯୁକ୍ତ ହେବା, ଅର୍ଥାତ୍ ସଂଯତ, ସୁଶୃଙ୍ଖଳ ତଥା ସୁନ୍ଦର ସ୍ୱଭାବଯୁକ୍ତ ହେବା । ପୁରୁଷାର୍ଥ ପାଇଁ ଏହାହିଁ ଦିବ୍ୟଲକ୍ଷଣ । 'ଭ' ଅର୍ଥ ଜ୍ଞାନ ପୁଣି 'ର' ଅର୍ଥ ଭଗବଦ୍ । ସେଥିରେ ଯିଏ ସଦାସର୍ବଦା ରତ ସେହିହିଁ 'ଭରତ' । ଏହାହିଁ ରାମ କଥାର ପରମାର୍ଥିକ ଦିଗ । ଏହାହିଁ ପରମ ସତ୍ୟର ମୂଳାଧାର । ମାତ୍ର, 'ମନ୍ଥରା' ହୀନ ଇନ୍ଦ୍ରିୟ ବୃତ୍ତିର ପରିଚାୟକ । ତେଣୁ ସେ ବ୍ରହ୍ମଙ୍କୁ ମାନିନାହିଁ । 'ଜୀବ' ବା 'ମୁଁ'କୁ ବ୍ରହ୍ମଠାରୁ ବଡ଼ ବୋଲି କହିଛି । ଏହାହିଁ ତା'ର କ୍ଷୁଦ୍ର ଅହଂକାର । ଏ ଅହଂକାର - 'ମୁଁ' ତ୍ୱକୁ ସବୁଠୁ ଉପରେ, ସବୁଠୁ ବଡ଼ କରି ଦେଖିବାର କୁତ୍ସିତ ଲାଳସା ଭିତରୁ ସୃଷ୍ଟ । ତେଣୁ, ସେ ପରମବ୍ରହ୍ମଙ୍କୁ ଉପେକ୍ଷା କରି ଜୀବରୂପୀ 'ଅହଂକାର'କୁ ମାନ୍ୟତା ଦେଇଛି । ମନ୍ଥରା ନାମରେ ଦେଖନ୍ତୁ - 'ରାମ'ର ବିପରୀତ ଶବ୍ଦ ସ୍ୱରୂପ 'ମରା' ଅର୍ଥାତ୍ ଆଗ 'ମ' ବା 'ଜୀବ' ପଛରେ 'ରା' ବା ବ୍ରହ୍ମ । 'ମରା' ଭିତରେ ଅହଂକାରର ଘନ କୃଷ୍ଣ ପରଦା ପରି 'ଜୀବ' 'ପରମ'କୁ ମିଳାଇ ନ ଦେବା ପାଇଁ ବାଧାର ପାଚେରୀ ପରି 'ନ୍ଥ' ହୋଇ ବସିଛି ।

ଅନ୍ୟପ୍ରକାରେ କହିଲେ 'ମନ୍ଥରା' ଯିଏ ମନକୁ ଥରାଇ ଦଏ । ଅର୍ଥାତ୍, ମନରେ ଅସ୍ଥିରତା ଭରିଦିଏ । ଭଗବଦ୍ ଭାବନାରୁ ନିବୃତ୍ତ କରେ । ପରମଙ୍କ ସାନିଧ୍ୟରୁ ଜୀବକୁ ଦୂରେଇ ରଖେ । 'ବିଦେହ' କରାଇ ନ ଦେଇ 'ଦେହାଧୀନ' କରି ରଖିବାକୁ ଚାହେଁ । ପ୍ରାଣଶକ୍ତିକୁ ଜାଗରିତ କରାଇ ଦିଏ ନାହିଁ । ପ୍ରାଣଶକ୍ତି ଜାଗ୍ରତ ନ ହେଲେ,

ଚେତନାର ଉଦୟ ହେବନାହିଁ । ଚେତନାର ଉଦୟ ନ ହେଲେ ଆନନ୍ଦର ଜନ୍ମ ହେବ ନାହିଁ । ଆନନ୍ଦକୁ ନ ପାଇଲେ, ବ୍ରହ୍ମଙ୍କ ନିକଟବର୍ତ୍ତୀ ହୋଇ ହେବ ନାହିଁ । **'ଚରମର ପ୍ରାପ୍ତି'** ଖାଲି ଆଶାରେ ହିଁ ରହିଯିବ । ଜୀବନଟା ବ୍ୟର୍ଥ ହୋଇଯିବ ।

ଆମ ସଭିଙ୍କ ମନ ଭିତରେ କେଉଁଠି ନା କେଉଁଠି 'ମନ୍ଥରା'ଟିଏ ଛପି ବସିଛି, ବେଳକାଳ ପାଇଲେ ମାଡ଼ି ବସିବ ମନ ଉପରେ । କାବୁ କରି ନେବ ମନକୁ । ବ୍ରହ୍ମକୁ ଅବହେଳା କରି ଜୀବଧର୍ମକୁ ବଡ଼ ବୋଲି ଜାହିର କରିବାକୁ ଲାଗି ପଡ଼ିବ । ଜୀବ ପରମଙ୍କ ମଝିରେ ବାଡ଼ ପକାଇ ବସି ପଡ଼ିବ । ସେଇଠୁ ଜାଣ ସବୁ ସଇଲା । ପୁଣି, ରାସ୍ତା ବଦଳି ଯିବ । ଯେମିତି ବଦଳି ଗଲା ମର୍ଯ୍ୟାଦା ପୁରୁଷୋତ୍ତମ ରାମଚନ୍ଦ୍ରଙ୍କ ଜୀବନଧାରା ଦୀର୍ଘ ଚଉଦବର୍ଷ ପାଇଁ । ଆମକୁ କେତେ ବର୍ଷ ଲାଗିବ କିଏ ଜାଣେ । ଲକ୍ଷ୍ୟସ୍ଥଳ ଘୁଞ୍ଚି ଘୁଞ୍ଚି ଯିବ ଦୂରକୁ । ଚରମ କୁ ତ ହରାଇବା ପୁଣି, ଚରମଙ୍କୁ ପାଇବାର ପଥଟିକୁ ମଧ୍ୟ ହରାଇ ବସିବା ସବୁଦିନ ପାଇଁ । ତେଣୁ, ମନ୍ଥରାକୁ ସାବଧାନ । କେବେ 'ରାମ' କୁ 'ମରା'ରେ ପରିଣତ କରିବ ନାହିଁଟି, ତେବେ ସବୁ ସାଧନା ନିଷ୍ଫଳ ଗଲା । ଯେତେ ମହାମନ୍ତ୍ର ଜପିଲେ ଲାଭ ନାହିଁ । ଖାଲି 'ଧାରା' ଧରି ଦେଲେ କାମ ବଢ଼ିଯିବ ନାହିଁ । ତୁମେ 'ଧାରା'କୁ ଧରିବ, ଧାରା ତୁମକୁ ଧରିବ । ଯେମିତି 'ଜୀବ ପରମ' ଏକାଠି ଯୁକ୍ତ ହୋଇ ରହନ୍ତି । ଅଭେଦ ରୂପରେ, ସେମିତି ରହିବାକୁ ହେବ । 'ଧାରା' ଆଉ 'ତୁମେ' ଏକାଠି ଓ ଅଭିନ୍ନ ।

ଏହାହିଁ ତ ଗୁରୁଙ୍କର ଇଚ୍ଛା । ଏହାହିଁ ତ ଗୁରୁଙ୍କର କାମନା । ଧାରାକୁ ଠିକ୍ ରୂପେ ଧରି ରଖିବାହିଁ ଗୁରୁଙ୍କର ପ୍ରଦର୍ଶିତ ସତ୍‌ମାର୍ଗରେ ଠିକ୍ ଠିକ୍ ଚାଲିବା । ଠିକ୍ ଚାଲିବା ପାଇଁ ନିଜକୁ ଯୋଗ୍ୟ କରିବା ଦରକାର । ଏହାହିଁତ ମୌଳିକ ଯୋଗ୍ୟତା । ଗୁରୁଙ୍କ ପାଖରେ ସାକ୍ଷାତ୍‌କାରରେ ଉତ୍ତୀର୍ଣ୍ଣ ହେବା ପାଇଁ ଏହି ମୌଳିକ ଯୋଗ୍ୟତା ଆମକୁ ହାସଲ କରିବାକୁ ପଡ଼ିବ ହିଁ ପଡ଼ିବ ।

ତା'ପରେ, ଥରେ ପଶିଗଲେ, ତେଣିକି ଉଚ୍ଚତର ପ୍ରଶିକ୍ଷଣ ସହଜରେ ମିଳିଯିବ । ମଡ଼ା ମାଡ଼ିବା ପାଇଁ ପଘା ତ ବେକରେ ପକାଇବାକୁ ହେବ । ହେଲେ, ବେକକୁ ଶକ୍ତ ନ କଲେ ମହୀ ଚାରିପଟେ ଗୋଟେ ଲୟ, ଗୋଟେ ଛନ୍ଦରେ ବୁଲିବା ସହଜ ନୁହେଁ । ନଡ଼ା ଗଦାରୁ ଧାନ କୁଡ଼େଇବା ଦୁରୁହ କଥା, କେବଳ ପାଞ୍ଚଣ ମାଡ଼ ସହିବା ସାର ହେବ ସିନା !

ତେଣୁ, ଆସ ଗୁରୁଙ୍କ ଶରଣାପନ୍ନ ହେବା । ସେ ହିଁ ଆମକୁ ସତ୍ୟ ଦର୍ଶନ, ସତ୍ୟ କଥନ, ସତ୍ୟ ଉଚ୍ଚାରଣ, ସତ୍ୟ ଆଚରଣର ମାର୍ଗବତାଇ ଦେବେ । ଠିକ୍ ବାଟରେ ଠିକ୍ ଭାବରେ ଚଳାଇ ନେବେ । ଚରମ ପାଖରେ ନେଇ ପହଁଚାଇ ଦେବେ, 'ଗୁରୁ କୃପାହିଁ କେବଳମ୍', **ବନ୍ଦେ କେଶବ ଜଗଦ୍ ଗୁରୁଃ ।**

(କ୍ରମଶଃ)

ସଂକଳ୍ପେ ବିକଳ୍ପ ଆଣଇ ଯାହା ।
ଜାଣ କାଳ ଗର୍ଭେ ପୂରାଏ ତାହା ।।

ଦାନ ତ୍ୟାଗ ବିନା କରମ ଯୋଗ ।
ଦେଇ ନ ପାରଇ ଚରମ ଭୋଗ ।।




## ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ

*ମାତୃତ୍ୱର ଜୟଗାନ, ଆହ୍ୱାନ, ଉପାସନା, ଜାଗୃତି, ଉପହାର, ମହତ୍ତ୍ୱ, ସ୍ୱରୂପ ଏବଂ ସର୍ବୋପରି ମାତୃତ୍ୱର ବିକାଶ-ସବୁକିଛି ଏହି ସ୍ଥୂଳ ଜଗତର କଲ୍ୟାଣ ନିମିତ୍ତ ଅଭିପ୍ରେତ । ବିଶ୍ୱକଲ୍ୟାଣ ନିମନ୍ତେ ମାତୃଶକ୍ତି ଓ ମାତୃଜାତିର ପଦବନ୍ଦନା ପ୍ରତ୍ୟେକ ସାଧୁସନ୍ଥ, ସାଧକ ଓ ସିଦ୍ଧଙ୍କର କର୍ତ୍ତବ୍ୟ ରୂପେ ପରିଗଣିତ । ପ୍ରତିଦିନର ଜୀବନଚର୍ଯ୍ୟାରେ ପ୍ରତି ଜୀବର ଏହାହିଁ ହେଉ ଉପାସନା । ଏହି ପ୍ରସଙ୍ଗରେ ଆସନ୍ତୁ ପଢ଼ିବା :*

### ମାତୃତ୍ୱର ବିକାଶ

ସମାଜ ଓ ସାମାଜିକ ଜୀବନରେ, ପରିବାର ଓ ପାରିବାରିକ ଜୀବନରେ ଏପରିକି ପ୍ରତ୍ୟେକ ବ୍ୟକ୍ତିର ବ୍ୟକ୍ତିଗତ ଶୈଶବ, ବାଲ୍ୟ ଓ କୈଶୋର ଜୀବନରେ ମାଆର ଭୂମିକା ଅତୀବ ତାତ୍ପର୍ଯ୍ୟପୂର୍ଣ୍ଣ । ବର୍ତ୍ତମାନ ସମାଜରେ ମାଆର ମାତୃତ୍ୱର ଯଥାର୍ଥ ଅଭାବରୁ ସନ୍ତାନସନ୍ତତିମାନେ ଜୀବନର ପ୍ରକୃତ ଲକ୍ଷ୍ୟ ଓ ପ୍ରକୃଷ୍ଟ ଉଦ୍ଦେଶ୍ୟ ବିଷୟରେ ଅନଭିଜ୍ଞ ହୋଇ ଉଦାସୀନ ରହୁଥିବାର ବହୁଳ ଭାବରେ ଲକ୍ଷ୍ୟ କରାଯାଉଛି । ମାଆର ଦୈନନ୍ଦିନ ଦିନଚର୍ଯ୍ୟାର ପ୍ରଭାବ, ଆଚାର ଆଚରଣରେ ଓ ରୂପଚର୍ଯ୍ୟାର ପ୍ରଭାବ ଇତ୍ୟାଦି ପୁତ୍ର କନ୍ୟାଙ୍କ ଉପରେ ବହୁ ଭାବରେ ଗଭୀର ରେଖାପାତ କରିଥାଏ । ବିଶେଷତଃ ଜନ୍ମରୁ ଯୌବନ ଅବସ୍ଥା ପ୍ରାପ୍ତ ହେବା ପର୍ଯ୍ୟନ୍ତ ପୁତ୍ର କନ୍ୟାମାନେ ବହୁ ଭାବରେ ମାଆ ଦ୍ୱାରା ହିଁ ପ୍ରଭାବିତ ହୋଇଥାଆନ୍ତି । ପ୍ରାଚୀନ ବୈଦିକ ଯୁଗରୁ ଏହି ସତ୍ୟକୁ ପ୍ରାଣେ ପ୍ରାଣେ ଉପଲବ୍ଧି କରି ସନାତନ ସଂସ୍କୃତିରେ ମାତୃଶକ୍ତିକୁ ଯଥେଷ୍ଟ ଗୁରୁତ୍ୱ ଦିଆ ଯାଇଥିଲା । 'ମାତୃଦେବ ଭବ' ଏହି ଉପଲବ୍ଧିର ସାମମନ୍ତ୍ର ଭାବରେ ସଚରାଚର ମାନବ ସମାଜ ଓ ଜୀବନରେ ଗୃହୀତ ହୋଇଥିଲା ।

ବ୍ରହ୍ମବୈବର୍ତ୍ତ ପୁରାଣରେ ଗର୍ଭଧାରିଣୀ, ସ୍ତନପାନ କରାଉଥିବା ନାରୀ, ଖାଦ୍ୟ ଖୁଆଉଥିବା ନାରୀ, ଗୁରୁପତ୍ନୀ, ଇଷ୍ଟବ୍ୟକ୍ତିଙ୍କ ପତ୍ନୀ, ବିମାତା, ବିମାତାଙ୍କ କନ୍ୟା, ସହୋଦରା ଭଗ୍ନୀ, ପୁତ୍ରବଧୂ, ଶାଶୁ, ଆଈ, ଜେଜେମା, ଭାତୃପତ୍ନୀ, ମାଉସୀ, ପିଉସୀ, ମାଇଁ ପ୍ରଭୃତି ଷୋଡ଼ଶ (୧୬) ପ୍ରକାର ନାରୀଙ୍କୁ ମାତା ଆଖ୍ୟା ଦିଆଯାଇଛି । ଜୀବନର ସୃଷ୍ଟି ହୋଇଥାଏ ମାତୃଗର୍ଭରେ । ମାତୃ ଜଠରର ଜରାୟୁ ହିଁ ଜୀବ ସୃଷ୍ଟିର ପ୍ରଥମ ଭିତ୍ତିଭୂମି । ମାତୃଗର୍ଭରୁ ନିଷ୍କ୍ରମଣାନ୍ତେ ଶିଶୁ ସର୍ବପ୍ରଥମେ ଖାଦ୍ୟ ରୂପେ ମାତୃ ସ୍ତନ୍ୟହିଁ ପାନ କରିଥାଏ । ଶୈଶବରେ ଏହି ମାତୃ ସ୍ତନ୍ୟପାନରୁ ହିଁ ଶିଶୁର ଶରୀର ପୋଷଣ ହୋଇଥାଏ । ମାଆର କ୍ଷୀର ଶିଶୁ ପାଇଁ ଅମୃତ ତୁଲ୍ୟ ଦେବ ଦୁର୍ଲଭ ପାନୀୟ ଓ ଖାଦ୍ୟ । ସ୍ତନ୍ୟପାନ କରାଇବା ଦ୍ୱାରାହିଁ ମାତୃତ୍ୱର ପ୍ରକୃଷ୍ଟ ବିକାଶ ସମ୍ଭବ ହୁଏ । ଏହି ପ୍ରକୃଷ୍ଟ ମାଧ୍ୟମ ଦ୍ୱାରା ହିଁ ମାତା ଓ ସନ୍ତାନ ମଧ୍ୟରେ ଭାବଗତ ସଂହତି ପ୍ରତିଷ୍ଠା ହୁଏ ଓ ଏହା ଜୀବର ପରବର୍ତ୍ତୀ ଜୀବନରେ ପାବନ ତୁଲ୍ୟ ପବିତ୍ର ସଂପର୍କ ସ୍ଥାପନର ସହଯୋଗୀ ହୋଇଥାଏ । ତେଣୁ ମାଆକୁ ପିୟୂଷରୂପିଣୀ, ତୃପ୍ତିଦାୟିନୀ, କଲ୍ୟାଣକାରୀ ଓ ମଙ୍ଗଳଦାୟିନୀ ବୋଲି କୁହାଯାଏ ।

ମାତୃତ୍ୱର ମହାନତା, ସାତ୍ତ୍ୱିକତା ଏବଂ ମାତୃତ୍ୱର ଶକ୍ତି ହିଁ ଭାରତୀୟ ସଂସ୍କୃତିର ଜନନୀ । ଜଣେ ଆଦର୍ଶ ମାଆ ସୁସ୍ଥ ସମାଜ ଗଠନର ଅଧିକାରିଣୀ । ପ୍ରକୃତ ଅର୍ଥରେ ମାତାର ଅଦ୍ଭୁତ ଶକ୍ତି ତା'ର ମାତୃତ୍ୱରେ ହିଁ ଲୁଚି ରହିଅଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ଶ୍ରୀରାମ, ଶ୍ରୀକୃଷ୍ଣ, ଶ୍ରୀଚୈତନ୍ୟ, ବୁଦ୍ଧ, ମହମ୍ମଦ, ଯୀଶୁ, ରାମକୃଷ୍ଣ ଇତ୍ୟାଦି ମହାପୁରୁଷମାନେ ମଧ୍ୟ ଧରାଧାମକୁ ଏହି ମାତୃ ଜଠର ଜରାୟୁ ଦେଇ ଓହ୍ଲାଇ ଆସନ୍ତି । ମାତୃତ୍ୱର ମହତ୍ତ୍ୱ ଏହିଠାରେ ହିଁ ପ୍ରକଟିତ ଓ ବିକଶିତ । ଏଣୁ ସମାଜ ଜୀବନରେ ମାତୃତ୍ୱର ବିକଳ୍ପ ହିଁ ନାହିଁ । ମାତୃତ୍ୱର ମହିମା ଏହି ନାରୀ ଜାତିର ସର୍ବାପେକ୍ଷା ଅଧିକ ମୂଲ୍ୟବାନ ଭୂଷଣ । ଏହି ମହିମା ଓ ମହତ୍ତ୍ୱରେ ବିଭୂଷିତ ମାତୃଜାତିର ବିକାଶ ନିମନ୍ତେ ସମାଜ ସଚେତନ, ଜାଗ୍ରତ ଓ ସତର୍କ ନ ରହିଲେ, ସାମାଜିକ ଜୀବନର ଭିତ୍ତିଭୂମି ଦୋହଲି ଯିବା ଅସମ୍ଭବ ନୁହେଁ ।

ମାତୃତ୍ୱର ହିରଣ୍ୟଗର୍ଭରେ ଅଶେଷ ଦେବଦୁର୍ଲଭ ଦୈବୀଗୁଣ ଠୁଳ ହୋଇଛି । ଏ ସକଳ ଦୈବୀଗୁଣର ଯଥାର୍ଥ ବିକାଶ ଦ୍ୱାରା ହିଁ ମାଆର ଗର୍ଭଜାତ ସନ୍ତାନସନ୍ତତିଗଣ ତ୍ୟାଗ ବୈରାଗ୍ୟର ମାର୍ଗ ଅବଲମ୍ବନ କରି ଶ୍ରେୟ ପଥରେ ଆଗେଇ ଯିବାର ଅସୀମ ପ୍ରେରଣା ଲାଭ କରନ୍ତି । ଛତ୍ରପତି ଶିବାଜୀ ମାତା ଜିଜାବାଈଙ୍କଠାରୁ ହିଁ ଦେଶ ଭକ୍ତିର ମାର୍ଗ ଅବଲମ୍ବନର ପ୍ରେରଣା ପାଇଥିଲେ । ଏହିପରି ମହୀୟସୀ ଜନନୀମାନେ ହିଁ ବିବେକାନନ୍ଦ, ସୁଭାଷ ବୋଷ, ରାଣା ପ୍ରତାପ, ଗାନ୍ଧୀ, ଗୋପବନ୍ଧୁଙ୍କ ପରି ସୁସନ୍ତାନ ଆପଣା ଗର୍ଭରେ ଧାରଣ, ପୋଷଣ କରି ସମାଜକୁ ଉପହାର ଦେଇଯାଇଛନ୍ତି । ପୁରାଣ ଓ ଇତିହାସ ପୃଷ୍ଠାରୁ ଏତାଦୃଶ ବହୁ ଉଦାହରଣ ଦିଆଯାଇପାରେ ।

ଆଜି କିନ୍ତୁ ସମାଜ ଓ ସମୟର ପରିପ୍ରେକ୍ଷୀରେ ଅବସ୍ଥାର ଘୋର ପରିବର୍ତ୍ତନ ଲକ୍ଷ୍ୟ କରାଯାଉଛି । ମାଆମାନେ କ୍ରମଶଃ ପୁଅଝିଅଙ୍କଠାରୁ ଦୂରେଇ ରହୁଛନ୍ତି, ତେଣୁ ସନ୍ତାନସନ୍ତତିମାନେ ମଧ୍ୟ ମାଆର ଅନାବିଳ ସ୍ୱର୍ଗୀୟ ସ୍ନେହ ଶ୍ରଦ୍ଧା ଓ ପରିଚର୍ଯ୍ୟାରୁ ବଞ୍ଚିତ ହୋଇ ହତାଶ ଭାବ ଅନୁଭବ କରି ମାଆମାନଙ୍କଠାରୁ ଦୂରେଇ ଯାଉଛନ୍ତି । ଫଳରେ ବ୍ୟକ୍ତିଗତ, ପାରିବାରିକ ଓ ସାମାଜିକ ଜୀବନରେ ଏକ ଘୋର ବିଶୃଙ୍ଖଳା ବହୁଳ ଭାବରେ ପରିଲକ୍ଷିତ ହେଉଛି । ଶିକ୍ଷା ସଭ୍ୟତାର ଦୁହାଇଦେଇ ଅଧିକାଂଶ ଗୃହରେ ସନ୍ତାନସନ୍ତତିମାନେ ଘରର ଚାକରାଣୀ (ଆୟା)ର ସଂସ୍କାର, ରୁଚି, ଆଚାରଆଚରଣ, ଅଭ୍ୟାସ ଇତ୍ୟାଦି ଦ୍ୱାରା ଲାଳିତ ପାଳିତ ହେଉଛନ୍ତି । ସ୍ନେହମୟୀ ଜନନୀର ମମତାର ଉଷ୍ମ ସ୍ପର୍ଶ ନ ପାଇ ମାତୃତ୍ୱର ଅନାବିଳ ସ୍ନେହ, ଶ୍ରଦ୍ଧା, ଆନ୍ତରିକତାରୁ ବଞ୍ଚିତ ହୋଇ ସ୍ୱେଚ୍ଛାଚାରିତା ଓ ଉଚ୍ଛୃଙ୍ଖଳତାକୁ ବରଣ କରିନେଇ ପୁତ୍ରକନ୍ୟାମାନେ କ୍ରମଶଃ ଅସାମାଜିକ ହୋଇ ଉଠୁଥିବାର ଲକ୍ଷ୍ୟ କରାଯାଉଛି । ତେଣୁ ଏକଥା ସର୍ବଥା ଓ ସର୍ବଦା ମନେରଖିବାକୁ ହେବଯେ, ସଂସ୍କାରଶୀଳ ମାତୃତ୍ୱହିଁ ସମାଜକୁ ସୁସନ୍ତାନରୂପୀ ସୁନାଗରିକ ସୃଷ୍ଟି କରି ଉପହାର ଦେବାରେ କ୍ଷମ ଓ ସମର୍ଥ । ପ୍ରତ୍ୟେକ ମାଆଠାରୁ ଏହାହିଁ ଆଜିର ସମାଜର ଦାବି ହେଉ । ଜନନୀ ନିଜର ଅଧିକାର ସାବ୍ୟସ୍ତ କରୁ । ସମାଜ ସୁସ୍ଥ ଓ ସୁନ୍ଦର ହେଉ ।

ପ୍ରକୃତ ମାତୃତ୍ୱର ପ୍ରକୃଷ୍ଟ ବିକାଶ ହେଉ । ପବିତ୍ର ଦାମ୍ପତ୍ୟ ଜୀବନରୁ ପ୍ରତିଟି ଜନନୀର ଜରାୟୁରେ ସୁସନ୍ତାନ ସ୍ଥାନ ଲାଭ କରୁ । ଗର୍ଭପୋଷିତ ଶିଶୁର ଅନ୍ତଃକରଣ, ସୁମାତାର ନିଜସ୍ୱ ଶୁଦ୍ଧ ସଂସ୍କାର ଦ୍ୱାରା ନିର୍ମିତ ହେଉ । ମାତୃଶକ୍ତିର ଯଥାର୍ଥ ଉପାସନା ବଳରୁ ସମାଜରୁ ସକଳ ଦୁର୍ଗତିର ବିନାଶ ସାଧିତ ହେଉ । ମାତୃଶକ୍ତି ଆହ୍ୱାନ ଓ ଉପାସନାର ଏହାହିଁ ଯଥାର୍ଥତା । ସମାଜ ଓ ରାଷ୍ଟ୍ରରୁ ଆସୁରିକ ଶକ୍ତିର ବିଲୋପ ସାଧିତ ହେଉ । ଏହି ଲକ୍ଷ୍ୟ ଓ ଉଦ୍ଦେଶ୍ୟର ପୂର୍ତ୍ତି ନିମନ୍ତେ ମାତୃତ୍ୱର ବିକାଶ ହିଁ ଅତ୍ୟନ୍ତ ଆବଶ୍ୟକ । ସେହି ଶୁଦ୍ଧ ମାତୃତ୍ୱକୁ ଜାଗ୍ରତ କରିବା ଓ ବିକାଶ କରିବା ଆମ୍ଭମାନଙ୍କର ଏକମାତ୍ର କର୍ତ୍ତବ୍ୟ ହେଉ ।

ସମାଜରେ ପ୍ରତ୍ୟେକ ମାତୃତ୍ୱର ବିକାଶ ନିମନ୍ତେ ଐକାନ୍ତିକ ମନପ୍ରାଣରେ ସକଳ ଆନ୍ତରିକତାର ସହିତ କର୍ତ୍ତବ୍ୟପରାୟଣ ହେଲେ, ସମାଜ ଓ ରାଷ୍ଟ୍ରରୁ ଅବଶ୍ୟ ଦୁର୍ଗତି ନିଶ୍ଚୟ ଦୂର ହେବ ଏବଂ ଭବିଷ୍ୟତ ନାଗରିକମାନଙ୍କୁ ଯଥୋଚିତ ମାର୍ଗରେ ପରିଚାଳିତ କରିବାର ପଥ ଉନ୍ମୁକ୍ତ ଓ ଉଦ୍ଭାସିତ ହୋଇ ଉଠିବ । ଏଥିରେ ସନ୍ଦେହର ତିଳେମାତ୍ର ଅବକାଶ ନାହିଁ । ତେଣୁ, ଆମର ଆଧ୍ୟାତ୍ମିକ ଓ ସାମାଜିକ ଜୀବନର ଲକ୍ଷ୍ୟ ହେଉ - 'ମାତୃତ୍ୱର ବିକାଶ' ।

# ବାଲ୍ୟକାଳୁ ଧର୍ମ ଧନ ସଞ୍ଚିବି

*ଜୁନାଜୁନା, ମୀନାମିନୀ ସଭିଏଁ ଆସ । ଆସ, ସାଥି ହୋଇ ବସ । ଆଜି ତମକୁ ଉପନିଷଦ୍‌ର କାହାଣୀଟିଏ କହିବି । ମନଦେଇ ଶୁଣିବ, ମନେ ରଖିବ । ଯାହା ମନେ ରଖିବ, ତା'କୁ ବାରମ୍ବାର ସ୍ମରଣ କରି ତହିଁରୁ ଯାହା ଶିଖିଲ, ତାହା ନିଜ ନିଜ ଜୀବନରେ କାମରେ ଲଗାଇବ । ଗର୍ବ କରିବ ନାହିଁ, ନିଜକୁ ବଡ଼ ବୋଲି ମନେ କରିବ ନାହିଁ । ଦେଖିବ, ତମେ ମୋ କଥା ମାନି ଚଳିଲେ ମଣିଷ ପରି ମଣିଷଟିଏ ହୋଇ ପାରିବ । ବଡ଼ ମଣିଷ ହୋଇ ପାରିବ ।*

## ଶ୍ୱେତକେତୁ ପ୍ରସଙ୍ଗ

ପ୍ରାଚୀନ କାଳରେ ଅରୁଣ ନାମରେ ଜଣେ ଋଷି ଥିଲେ । ଉଦ୍ଦାଳକ ସେହି ଅରୁଣ ଋଷିଙ୍କର ପୁଅ । ଉଦ୍ଦାଳକଙ୍କର ପୁଅର ନାମ ଶ୍ୱେତକେତୁ । ଶ୍ୱେତକେତୁ ପିଲାଦିନେ ଖେଳିବା ବୁଲିବାରେ ବହୁତ ଆଗ୍ରହୀ ଥିଲେ । ପଢ଼ାପଢ଼ିରେ ଆଦୌ ମନ ଦେଉ ନଥିଲେ । ପୁତ୍ରର ଏପରି ସ୍ୱଭାବ ଦେଖି ଋଷି ଉଦ୍ଦାଳକ ବଡ଼ ଚିନ୍ତିତ ଥିଲେ ।

ଦିନେ ପୁଅକୁ ପାଖକୁ ଡ଼ାକି ଋଷି କହିଲେ : ପୁଅରେ, ତମେ ପଢ଼ାପଢ଼ିରେ ଆଦୌ ମନ ଦେଉନାହିଁ । ତମର ଉପନୟନ ସମୟ ହେଲାଣି । ତମେ ଏଥର ବ୍ରହ୍ମଚର୍ଯ୍ୟ ଗ୍ରହଣ କରି ବେଦ ଅଧ୍ୟୟନ କରିବା ଉଚିତ୍ । ଏହି ବୟସରୁ ଗୁରୁକୁଳରେ ବାସକରି ଶିକ୍ଷାଲାଭ କରିବା ଉଚିତ୍ । ଶିକ୍ଷାଲାଭ ସହିତ ପରମାତ୍ମାଙ୍କର ଆରାଧନା ଓ ଅର୍ଚ୍ଚନା କଲେ ଅନ୍ତଃକରଣରୁ ସକଳ ଆବିଳତା ଓ ଦୁର୍ବଳତା ଦୂରହୁଏ । ବାଲ୍ୟକାଳ ହିଁ ଶିକ୍ଷାଦୀକ୍ଷା ନିମନ୍ତେ ଉପଯୁକ୍ତ ସମୟ । ଏହି ସମୟରେ ଶିକ୍ଷାଦୀକ୍ଷା ପ୍ରତି ଅବହେଳା କଲେ, ଜୀବନ ଦୁଃଖ କଷ୍ଟମୟ ହୁଏ । ଏପରିକି ଜୀବନର ଶେଷ ସମୟରେ ଏବଂ ଇହକାଳ ଓ ପରକାଳରେ ମଧ୍ୟ ଶାନ୍ତି ମିଳେନାହିଁ । କିଶୋର ବୟସରେ ମନ ନିର୍ମଳ ଥାଏ ଓ ବାହ୍ୟ ବିଷୟରେ ମନ ବିକ୍ଷିପ୍ତ ହୋଇ ନଥାଏ । ଶକ୍ତିର ଅପଚୟ ହୋଇ ନ ଥିବାରୁ ତାହା ପରିପୂର୍ଣ୍ଣ ଅବସ୍ଥାରେ ଥାଏ । ଏହି ସମୟରେ ଅନ୍ତର୍ନିହିତ ଗୁଣର ବିକାଶ ନ କଲେ, ଜୀବନ ବିଫଳ ହୁଏ । ଏ ବେଳରେ ଯେଉଁ ଭାବ ତମେ ଗ୍ରହଣ କରିବ ସେହି ଭାବରେ ହିଁ ତମ ଜୀବନକାଳ କଟିବ । ତେଣୁ, ପୁଅରେ, ସମୟ ଗଡ଼ିଯିବା ପୂର୍ବରୁ ତମେ ଗୁରୁଙ୍କ ନିକଟକୁ ଯାଇ ଦୀକ୍ଷା ଗ୍ରହଣ କରି ଶିକ୍ଷା ଅର୍ଜ୍ଜନ କର । ଏହା ନ କଲେ ଜୀବନ ବ୍ୟର୍ଥ । ତମ ବଂଶରେ କେହି ଅଶିକ୍ଷିତ ନାହାଁନ୍ତି । ଋଷି ବଂଶରେ କେହି ବେଦ ବିଦ୍ୟାହୀନ ବା ବ୍ରହ୍ମଚର୍ଯ୍ୟହୀନ ହୁଅନ୍ତି । ତମେ ମଧ୍ୟ ସେପରି ହେବା ଉଚିତ୍ ହେବନାହିଁ ।

ଶ୍ୱେତକେତୁ ଋଷିପୁତ୍ର । ତାଙ୍କଠାରେ ବଂଶ ମର୍ଯ୍ୟାଦା ଥିଲା । ବାପାଙ୍କର ମିଠାଗାଳି ତେଣୁ ତାଙ୍କୁ ବାଧିଲା । ସେ ସୁନାପିଲାଟି ପରି ଗୁରୁ ଗୃହକୁ ଗମନ କଲେ । ଚବିଶ ବର୍ଷ ପୂର୍ଣ୍ଣ ହେବା ଆଗରୁ ସେ ଚାରିବେଦ, ଶିକ୍ଷା, କଳ୍ପ, ବ୍ୟାକରଣ, ନିରୁକ୍ତ, ଛନ୍ଦ, ଜ୍ୟୋତିଷ ଇତ୍ୟାଦି ଆୟତ୍ତ କରି ଅତ୍ୟନ୍ତ ପ୍ରବୀଣ ହୋଇଗଲେ । ସେ ମନେ କଲେ ଏବେ ଶାସ୍ତ୍ରଜ୍ଞ ଓ ବେଦଜ୍ଞ ହୋଇଯାଇଛନ୍ତି । ଚବିଶ ବର୍ଷ ବୟସରେ ପୂର୍ଣ୍ଣ ଯୌବନ ଅବସ୍ଥାରେ ଗୁରୁ ଗୃହରୁ ବିଦାୟ ନେଇ ସେ ପିତା ଉଦ୍ଦାଳକଙ୍କ ନିକଟକୁ ଫେରି ଆସିଲେ ।

ଋଷି ଉଦ୍ଦାଳକଙ୍କ ପାଦପୀଠରେ ଭୂମିଷ୍ଠ ପ୍ରଣାମ କରି ଦୁଇହାତ ଯୋଡ଼ି ସେ କହିଲେ : ବାପା, ମୋର ସମସ୍ତ ବିଦ୍ୟାଲାଭ ସମାପ୍ତ ହୋଇଛି । ଋଷି ଲକ୍ଷ୍ୟ କଲେ, ତାଙ୍କର ପୂର୍ବର ବାଳକପଣିଆ ବା ଚପଳତା ଆଉ ନାହିଁ । ତା' ବଦଳରେ ତାଙ୍କଠାରେ ଉଚ୍ଚ ଶିକ୍ଷାଭିମାନ, ଅବିନୀତ ଉଦ୍ଧତ ଭାବଗୁଡ଼ିକ ଫୁଟି ଉଠିଛି । ନିଜକୁ ଉଚ୍ଚଶିକ୍ଷିତ ମନେକରି ସେ ସରଳ ବ୍ୟବହାର ଓ ସରଳ କଥାବାର୍ତ୍ତା କରିବାକୁ କୁଣ୍ଠିତ ।

ପିତା ଉଦ୍ଦାଳକ ପୁଅର ଏପରି ସ୍ୱଭାବ ଲକ୍ଷ୍ୟକରି ବଡ଼ ଚିନ୍ତିତ ହେଲେ । ପୁତ୍ରର ଆଚାରଆଚରଣରୁ ସେ ଭାବିଲେ ଏହାର ପ୍ରକୃତ ଶିକ୍ଷାଲାଭ ହୋଇ ନାହିଁ । ବିଦ୍ୟାଲାଭରେ ମନୁଷ୍ୟ ବିନୀତ, ଧୀର, ଶାନ୍ତ, ଧୈର୍ଯ୍ୟଶୀଳ, ସଂଯମୀ ଓ ସରଳ ହୁଏ । ବିଦ୍ୟାଦ୍ୱାରା ମନୁଷ୍ୟ ମିଷ୍ଟଭାଷୀ, ସମଦର୍ଶୀ, ସରଳ, ଉଦାର ଏବଂ ତ୍ୟାଗୀ ହୁଏ । ଏହାହିଁ ତ ବିଦ୍ୟାର ଅନୁଶାସନ । କିନ୍ତୁ, ପୁତ୍ର ଶ୍ୱେତକେତୁଠାରେ ଋଷି ଉଦ୍ଦାଳକ ଏହାର ବିପରୀତ ଲକ୍ଷଣ ଦେଖି ପଚାରିଲେ, ଶ୍ୱେତକେତୁ, ତମେ କ'ଣ ଏପରି କିଛି ଜ୍ଞାନ ଅର୍ଜନ କରିଛ ଯାହା ବଳରେ ଅଚିନ୍ତନୀୟ ବିଷୟ ଚିନ୍ତା କରିପାରିବ, ଅଜ୍ଞାତ ବିଷୟ ଜାଣିପାରିବ ଓ ଅଶ୍ରୁତ ବିଷୟ ଶୁଣିପାରିବ ? ପିତାଙ୍କର ପ୍ରଶ୍ନରେ ଶ୍ୱେତକେତୁ ବିଚଳିତ ହେଲେ । ନିଜର ଅଜ୍ଞତା ପ୍ରକାଶକରି ଆହୁରି ଅଧିକ ଉତ୍କୃଷ୍ଟବିଦ୍ୟା ଥିବାର ଜାଣି ସେ ଅହଙ୍କାର ଶୂନ୍ୟ ହେଲେ ଓ ପିତାଙ୍କୁ ଶିକ୍ଷାଦାନ ଦେବାପାଇଁ ପ୍ରାର୍ଥନା କଲେ । ଉଦ୍ଦାଳକଙ୍କର ଶିକ୍ଷାର ପ୍ରଭାବରେ ଶ୍ୱେତକେତୁଙ୍କର ମୋହ କଟିଗଲା । ସେ ଜାଣିଲେ କେବଳ ମୁଖସ୍ଥ କଲେ ମନୁଷ୍ୟ ଜ୍ଞାନୀ ହୋଇଯାଏ ନାହିଁ । ସାଧନାବଳରେ ଗୁରୁକୃପାରୁ ସେ ଦୁର୍ଲ୍ଲଭ ଜ୍ଞାନର ଅଧିକାରୀ ହୁଏ ।

***

## ସୂଚନା

ଆମଠାରେ 'ଚରମ'ର ପ୍ରଥମ ସଂଖ୍ୟାଠାରୁ ତିରିଶ ସଂଖ୍ୟା ପର୍ଯ୍ୟନ୍ତ ତଥା ଚିନ୍ତନ (୧), ଚିନ୍ତନ (୨), ଅନିର୍ବାଣ ଦୀପଶିଖା, ପ୍ରତ୍ୟେକ ଯଜ୍ଞ ମହୋତ୍ସବର ସ୍ମରଣିକା, ଜରିଆ କୁଳିଆ ଭଜନ ପୁସ୍ତକ, ଜରିଆ କୁଳିଆ (ଓଡ଼ିଆ) ଭଜନ କ୍ୟାସେଟ୍ ଭାଗ-୧, ଭାଗ-୨, ଭାଗ-୩ ଓ ଭାଗ-୪, ଜରିଆ କୁଳିଆ (ସମ୍ବଲପୁରୀ)ଭଜନ କ୍ୟାସେଟ୍ ଭାଗ-୧ ଓ ଭାଗ-୨, ଅଧର ପୁରୁଷ ପ୍ରଭୃତି ସଂଖ୍ୟାମାନ ଆମ ପାଖରେ ଗଚ୍ଛିତ ଅଛି । ତେଣୁ ଆପଣମାନଙ୍କୁ ଏହି ସୂଚନା ମାଧ୍ୟମରେ ଜଣାଇ ଦିଆଯାଉଛି କି, ଯେଉଁ ଭାଇଭଉଣୀମାନେ ଏସବୁ ସଂଗ୍ରହ କରି ରଖି ନାହାନ୍ତି, ସେମାନେ ଯଥା ଶୀଘ୍ର ତାହା କ୍ରୟ କରି ସଂଗ୍ରହ କରନ୍ତୁ ।

ସମ୍ପାଦକ
ସାହିତ୍ୟ ସଂସଦ

# ଉତ୍ତିଷ୍ଠତଃ ! ଜାଗ୍ରତଃ !!

*ଅସୀମ ଶକ୍ତିଧର ଯୁବଗୋଷ୍ଠୀ ଦ୍ୱାରା ହିଁ ବିଶ୍ୱକଲ୍ୟାଣ ସମ୍ଭବ । ସେହିମାନେ ହିଁ ନୂତନ ଯୁଗର ବାର୍ତ୍ତାବହ । ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ ବଂଶଧରମାନଙ୍କ ମଧ୍ୟରେ ଯୁବସମାଜ ହିଁ ଭାବଗତ ସେତୁ । ତେଣୁ ଯୁଗେ ଯୁଗେ ଯୁବ ସମ୍ପ୍ରଦାୟକୁ ସଚେତନ କରି ତୋଳିବା ପାଇଁ ଯୁଗପୁରୁଷମାନେ ସର୍ବ ପ୍ରଥମ ଓ ସର୍ବ ପ୍ରଧାନ କର୍ତ୍ତବ୍ୟ ରୂପେ ନିର୍ବାଚନ କରି ଥାଆନ୍ତି । ଜୀବନ କେବଳ ମୃତ୍ୟୁଲକ୍ଷ୍ୟରେ ପ୍ରଧାବିତ ନୁହେଁ । ଜୀବନର ଅର୍ଥ ହିଁ ସମୟ । ସମୟର ସମାହାର ହିଁ ଜୀବନ । ଏହି ପ୍ରସଙ୍ଗରେ ଆସନ୍ତୁ ପଢ଼ିବା ଯୁଗୋପଯୋଗୀ ଧର୍ମଧାରା ସମ୍ବଳିତ ପ୍ରବନ୍ଧ :*

## ସମୟ

ସମୟ (ସମ-ଇ-ଅ) ଅର୍ଥାତ୍ କାଳ । ଏହି ସମୟର ବା କାଳର ଅନ୍ୟ ସମପର୍ଯ୍ୟାୟବାଚକ ଅଭିଧାନଗତ ଶବ୍ଦଗୁଡ଼ିକ ହେଉଛି ବେଳ, ଅବସର, ମୃତ୍ୟୁ, ଉପଯୁକ୍ତ ସମୟ, ସୁଯୋଗ ଏବଂ ଆୟୁଷ୍କାଳ ଇତ୍ୟାଦି । ଆୟୁଷ୍କାଳକୁ ଦୁଇ ଭିନ୍ନ ପର୍ଯ୍ୟାୟବାଚୀ ଶବ୍ଦରେ ପରମାୟୁ ଏବଂ ଆୟୁ ରୂପରେ ବୁଝିବାକୁ ହୁଏ । ଆୟୁ କହିଲେ (ଅୟ-ଉ-ଉସ୍) ବ୍ୟକ୍ତି ବିଶେଷର ସ୍ଥୂଳ ଜୀବିତ କାଳକୁ ବୁଝାଯାଏ । ଏହା ଜୀବର ମାତୃଗର୍ଭରୁ ଭୂମିଷ୍ଠ ମୁହୂର୍ତ୍ତରୁ ଶେଷ ନିଃଶ୍ୱାସ ତ୍ୟାଗ ପର୍ଯ୍ୟନ୍ତ ସମସ୍ତ ସମୟଭୋଗକୁ ନେଇ ଗଠିତ ହୋଇଥାଏ । ମାତ୍ର ପରମାୟୁ (ପରମ+ଆୟୁ) କହିଲେ ଜୀବର ବିନ୍ଦୁ ସ୍ଥାପନ କାଳର ପୂର୍ବ ନିର୍ଦ୍ଧାରିତ ଓ ନିର୍ଦ୍ଦିଷ୍ଟ ନିଃଶ୍ୱାସ ପ୍ରଶ୍ୱାସର ସଂଖ୍ୟାକୁ ବୁଝାଯାଏ । ପିତାମାତାଙ୍କର ସଂଯୋଗରୁ ଆତ୍ମାପୁରୁଷ ବିନ୍ଦୁରୂପରେ ଜନନୀ ଜଠରର ଜରାୟୁରେ ସ୍ଥାପିତ ହେବା ମୁହୂର୍ତ୍ତରେ ଗ୍ରହ ନକ୍ଷତ୍ରାଦିର ଚଳନରୁ ଯେଉଁ ଲଗ୍ନ ସ୍ଥିର ହୁଏ, ସେହି ଲଗ୍ନାନୁସାରେ ଜୀବର ପରମାୟୁ ଅର୍ଥାତ୍ ସମଗ୍ର ଜୀବନକାଳର ନିଃଶ୍ୱାସ ପ୍ରଶ୍ୱାସ ସଂଖ୍ୟା ନିର୍ଦ୍ଧାରିତ ହୋଇଥାଏ । ଜୀବ ମାତୃଗର୍ଭରୁ ମୁକ୍ତିପାଇ ଧରାଧାମରେ ଭୂମିଷ୍ଠ ହେବା ମୁହୂର୍ତ୍ତରୁ ଏହି ସଂଖ୍ୟା କାଳ ଗଣନା କରିଚାଲେ । ଯେଉଁ ମୁହୂର୍ତ୍ତରେ ଏହି ସଂଖ୍ୟା ପୂର୍ଣ୍ଣ ହୁଏ, ସେହି ମୁହୂର୍ତ୍ତରେ ହିଁ ଜୀବର ପ୍ରାଣବାୟୁ ପିଣ୍ଡଛାଡ଼ି ଉଡ଼ିଯାଏ ଓ ଆମ୍ଭେମାନେ ଜୀବର ମୃତ୍ୟୁ ହେଲା ବୋଲି ଘୋଷଣା କରୁ । ଏହା ଜୀବର ସ୍ୱାଭାବିକ ମୃତ୍ୟୁ ବୋଲି ଧରାଯାଏ । ସଚରାଚର ବହୁ ଜୀବଙ୍କର ଆକସ୍ମିକ ଓ ଅସ୍ୱାଭାବିକ ମୃତ୍ୟୁ ହେଉଥିବାର ଆମେ ଲକ୍ଷ୍ୟ କରୁଁ । ଏପରି କ୍ଷେତ୍ରରେ ସେହି ସୂତ୍ରରେ ଜୀବର ପରମାୟୁ ଥାଇଁ ଥାଇଁ ଆୟୁଷ ଶେଷ ହୋଇଯାଇଥାଏ ।

ଆମ ପ୍ରତ୍ୟେକଙ୍କର ପିଣ୍ଡରେ ଆୟୁ ବା ବାୟୁ ପାଞ୍ଚ ପ୍ରକାରରେ ଆତଯାତ ହୋଇ ଚଳପ୍ରଚଳ ହେଉଥାଏ । ଆମେ ସେହି ପଞ୍ଚବାୟୁକୁ ପ୍ରାଣ, ଅପାନ, ଉଦାନ, ସମାନ ଓ ବ୍ୟାନ ନାମରେ ନାମିତ କରିଥାଉଁ । ଏହି ପଞ୍ଚପ୍ରାଣବାୟୁ ଶରୀରର ପାଞ୍ଚଟି ଭିନ୍ନ ଭିନ୍ନ ସ୍ଥାନରେ କେନ୍ଦ୍ରୀଭୂତ ହୋଇ ସମଗ୍ର ଶରୀରର କୋଷ ଓ ସ୍ନାୟୁ ମଣ୍ଡଳକୁ ଜୀବନ୍ତ ସତେଜ ଓ କ୍ରିୟାଶୀଳ କରିଥାଆନ୍ତି । ନିଃଶ୍ୱାସ ପ୍ରଶ୍ୱାସ ସହିତ ସମତାଳରେ ପଞ୍ଚପ୍ରାଣବାୟୁ ଶରୀରରେ ପ୍ରାଣକୁ ରକ୍ଷାକରେ । ଯୋଗୀ ପ୍ରାଣାୟାମ ମାଧ୍ୟମରେ ଶ୍ୱାସପ୍ରଶ୍ୱାସକୁ ସଂଯତ କରି କାଳ ହିସାବରେ ଆପଣାର ଆୟୁବୃଦ୍ଧି କରିଥାଆନ୍ତି । ମାତ୍ର ସାଧାରଣ ସଂସାରୀ ଇନ୍ଦ୍ରିୟ ଓ ମନର ଅଧୀନ ହୋଇ କାମ, କ୍ରୋଧ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟ, ଭୟ, ଘୃଣା ଇତ୍ୟାଦି କବଳରେ ପଡ଼ି ଶ୍ୱାସପ୍ରଶ୍ୱାସର ବାରମ୍ବାର ଘାତ ପ୍ରତିଘାତରୁ ନିଜର ଅଜ୍ଞତା ହେତୁ ଅଯଥାରେ ଆପଣାର ଆୟୁଷ ହାନି କରିଥାଏ ।

ଜୀବନ ବୋଇଲେ ମୁହୂର୍ତ୍ତ ମୁହୂର୍ତ୍ତ ସମୟର ସମଷ୍ଟି । ତେଣୁ ଗୋଟିଏ ମୁହୂର୍ତ୍ତ ଅଯଥାରେ ନଷ୍ଟକଲେ ବ୍ୟକ୍ତି ଆପଣା ଜୀବନର ଗୋଟିଏ ଅଂଶ ନଷ୍ଟ କଲାଭଳି ବୁଝାଯାଏ । ପୃଥିବୀର ବହୁ ମନୀଷୀ ତେଣୁ ଆଳସ୍ୟବଶରୁ ସମୟ ନଷ୍ଟ ନ କରିବାକୁ ମୂଲ୍ୟବାନ ଉପଦେଶମାନ ଦେଇଯାଇଛନ୍ତି । ଶ୍ରୀଶ୍ରୀଶ୍ରୀ ଠାକୁରଙ୍କ ଭାଷାରେ : ସମୟ ବୋଇଲେ 'ସ'ରେ ସତ୍, 'ମ'ରେ ମଙ୍ଗଳ ଏବଂ 'ୟ' (ଯ) ରେ ଯୁଗ । ଯାହା ସତ୍ (ସତ୍ୟ, ନିତ୍ୟ, ସନାତନ) ଏବଂ ମଙ୍ଗଳମୟ ତହିଁରେ ଯୁକ୍ତ ହୋଇ ଅସତ୍ୟ ଓ ଅମଙ୍ଗଳ (ଅନିତ୍ୟ, କ୍ଷଣସ୍ଥାୟୀ ଓ ହାନିକାରକ) ଠାରୁ ବିଯୁକ୍ତ ହୋଇ କର୍ମଧାରାରେ ନିଯୁକ୍ତ ହେଲେ ସମୟକୁ ହାତମୁଠାରେ ଧରିବା ସମ୍ଭବ । ଏହା ସାଧନ କରିବା ନିମନ୍ତେ ସାଷ୍ଟାଙ୍ଗ ପ୍ରଣାମ, ଧ୍ୟାନ ଓ ଜପ ପ୍ରେରଣା ଓ ଶକ୍ତି ଯୋଗାଇଥାଏ । ଏହି ତିନି ପ୍ରକ୍ରିୟା ଦ୍ୱାରା ପ୍ରାଣବାୟୁ ସଂଯତ ହୁଏ ଓ ଆପଣାଛାଏଁ ପ୍ରାଣାୟାମ ହୋଇ ଶ୍ୱାସ ପ୍ରଶ୍ୱାସ ନିୟନ୍ତ୍ରିତ ହୁଏ ଏବଂ ତଦ୍ୱାରା ଜୀବର ଆୟୁବୃଦ୍ଧି ମଧ୍ୟ ହୋଇଥାଏ ।

ସମୟର ସଦୁପଯୋଗ ନିମନ୍ତେ ଶ୍ରୀଶ୍ରୀଠାକୁରଙ୍କ ପ୍ରଦତ୍ତ ନିମ୍ନଲିଖିତ କେତୋଟି ବିଧାନ ସର୍ବସାଧାରଣଙ୍କ ଅବଗତି ଓ ସାଧନ ନିମନ୍ତେ ଦିଆଗଲା ।

(କ) ଯଥା ସମୟରେ ଯଥାର୍ଥ ବ୍ୟକ୍ତି ସହିତ ମିଳିତ ହୋଇ ସାର୍ଥକ ଓ ସଂକ୍ଷିପ୍ତ ଆଲୋଚନା ପ୍ରସଙ୍ଗ ଶେଷ କରିବ ।

(ଖ) ଇଷ୍ଟ ପ୍ରସଙ୍ଗ ବ୍ୟତୀତ ଜାଗତିକ ପ୍ରସଙ୍ଗରେ ଜଣେ ବ୍ୟକ୍ତି ସହିତ ବାରମ୍ବାର ଓ ବହୁ ସମୟ ଧରି ବାକ୍ୟାଳାପ କରିବ ନାହିଁ । କାରଣ ଏହାଦ୍ୱାରା ବିଷୟ ମୋହ ଜନିତ ପାପ ହେତୁ ଆୟୁ ଓ ବଳ ଅଯଥାରେ କ୍ଷୟ ହୁଏ । ଫଳରେ ଅକ୍ଷୟ ଶକ୍ତି ପ୍ରାଣଶକ୍ତି ସହିତ ମିଳିତ ହୋଇ ପାରେ ନାହିଁ ।

ସେହିପରି ଗୋଟିଏ କଥା ବାରମ୍ବାର କହିବା ଅର୍ଥାତ୍ ଜଣେ ବ୍ୟକ୍ତିକୁ ଗୋଟିଏ କଥା ଏକାଧିକ ବାର କହିବାଦ୍ୱାର ଅଯଥାରେ ସମୟ ନଷ୍ଟ ହୁଏ ଓ ବାକ୍‌ସିଦ୍ଧି ଲାଭ ବାଧାପ୍ରାପ୍ତ ହୁଏ । ସେହିପରି ଛଳନାଯୁକ୍ତ, ମିଥ୍ୟା, ଆତ୍ମବଡ଼ିମା (ନିଜକଥା) ଆପଣା ବାକ୍ୟରେ ପ୍ରକାଶ କଲେ ବାଙ୍ମୟ ମୋହ ଜନିତ ପାପହେତୁ ପରଜନ୍ମରେ ଜୀବ ମୂକ ହୋଇ ଜନ୍ମ ହୁଏ । ଗୁରୁପ୍ରସଙ୍ଗ ବାରମ୍ବାର ଆଲୋଚନା କଲେ ବା ଏକାଧିକବାର ଜଣେ ବ୍ୟକ୍ତିକୁ କହିଲେ ମଧ୍ୟ ଉପରୋକ୍ତ ଦୋଷ ଲାଗେ ନାହିଁ । ମନ କୋଣର ଅନ୍ତର୍ଗତ ଭାବକୁ ଚାଲାକିରେ ଗୋପନ ରଖି ଛଳନାର ଅଭିନୟ କରି ଅନ୍ୟପ୍ରକାର ଭାବ, ବାକ୍ୟ ଓ କର୍ମ କଲେ, ବ୍ୟାଜଭାବ ମୋହଜନିତ ପାପ ହେତୁ ସାଧନାରେ ସିଦ୍ଧି ମିଳେ ନାହିଁ ।

ଆମ ଭାବରେ ଭାବିତ ନ ହୋଇ ଝୁଙ୍କ୍, ଜିଦ୍ ବା ଅହଙ୍କାର ହେତୁ ଆପଣା ଇଚ୍ଛାକୁ ଆମ ଇଚ୍ଛା ବୋଲି ମନେ କରି ନାନାଦି କାର୍ଯ୍ୟ କଲେ, ଆମକୁ ଯନ୍ତ୍ରଣା ହୁଏ ଓ ଏପରି ଲୋକଙ୍କ ଶରୀରରେ ଆମେ ରହିବାକୁ କଷ୍ଟ ବୋଧ କରୁ । ଅନ୍ୟପକ୍ଷରେ ଆମ ଭାବରେ ଭାବିତ ହୋଇ ସମର୍ପିତ ଜୀବନଯାପନ କଲେ, ଆମେ ସେହି ଶରୀରରେ ସୂକ୍ଷ୍ମରେ ରହି ସମସ୍ତ ଦାନ ଓ ତ୍ୟାଗ ଇତ୍ୟାଦି କର୍ମ ଗ୍ରହଣ କରୁ । ସମର୍ପିତ ନ ହେଲେ ତମର ସକଳ କର୍ମ ତମର ନିଜସ୍ୱ କୃତି ହୋଇ ଇହ ଓ ପରଜନ୍ମରେ କର୍ମବନ୍ଧନ ହେତୁ ପାପଫଳ ଭୋଗ କରାଏ ।

ତେଣୁ ନିର୍ଦ୍ଦିଷ୍ଟ ଭାବରେ ପ୍ରାଥମିକ ସୋପାନରେ ନିମ୍ନଲିଖିତ ବିଧାନ ଗୁଡ଼ିକ ପ୍ରତି ପ୍ରତ୍ୟେକଙ୍କର ସତତ ଜାଗ୍ରତ ଦୃଷ୍ଟି ଦେବା ଆବଶ୍ୟକ -

(୧) ଯେତେଦୂର ସମ୍ଭବ ନୀରବ ରହ ବା ଅଳ୍ପ କଥାକୁହ ।

(୨) ସୁନିର୍ବାଚିତ ଅଳ୍ପ ଲୋକଙ୍କ ସହିତ ମିଶାମିଶି କର ।

(୩) ଇଷ୍ଟପ୍ରସଙ୍ଗ ବ୍ୟତୀତ ସାଂସାରିକ ଜୀବନରେ ଜଣେ ଲୋକ ସହିତ ବାରମ୍ବାର ମିଶନାହିଁ ବା ବାରମ୍ବାର କଥାବାର୍ତ୍ତା କରନାହିଁ ।

(୪) ଇଷ୍ଟକଥା ବ୍ୟତୀତ ଜଣେ ଲୋକକୁ ଗୋଟିଏ କଥା ବାରମ୍ବାର କୁହନାହିଁ ।

(୫) ସତ୍କାମ ମଧ୍ୟରେ ଆମଠାରେ ଲୟରଖ ।

(୬) ସତ୍କାମ ସହିତ ମାନସଜପ ଚଳାଇନିଅ ।

(୭) ମାନସ ଜପରେ ତନ୍ମୟ ହୁଅ ।

(୮) ଗୁରୁଭାଇ ଭଉଣୀଙ୍କ ମନ, ଦେହ, ବାକ୍ୟ ଓ ଭାବକୁ ସମ୍ମାନ ଦିଅ ଏବଂ ଶ୍ରଦ୍ଧାକରି ଯେତେଦୂର ସମ୍ଭବ ସେମାନଙ୍କର ଅଭାବ ପୂରଣ କରିବାକୁ ଚେଷ୍ଟାକର ।

(୯) ତମର ସକଳ ଚିନ୍ତା, ବାକ୍ୟ ଓ କର୍ମକୁ ଆମକୁ ସମର୍ପଣ କର ।

(୧୦) ଆମ ଇଚ୍ଛାକୁ ଗୁରୁତ୍ୱ ଦେଇ ତମ ଇଚ୍ଛା ଆମ ଉପରେ ଲଦି ଦିଅ ନାହିଁ ।

(୧୧) ଝୁଙ୍କ୍, ଜିଦ୍ ବା ଅହଙ୍କାର ପରିତ୍ୟାଗ କର ।

(୧୨) ସତ୍କ୍ଷେତ୍ରରେ ଆର୍ଥିକ ଶୃଙ୍ଖଳା, ବାଚନିକ ଶୃଙ୍ଖଳା, କର୍ମ ଶୃଙ୍ଖଳା ଏବଂ ଚିନ୍ତନ ଶୃଙ୍ଖଳା ରକ୍ଷାକର ।

(୧୩) ଅନ୍ତର୍ଗତ ଭାବକୁ ଗୋପନ ନ ରଖି, ଛଳନାର ଅଭିନୟ ନ କରି, ସଂକୋଚନ ନ କରି ତାହା ଏକାନ୍ତରେ ଆମଠାରେ ପ୍ରକାଶ କର ।

(୧୪) ଅନାବଶ୍ୟକ ଭାବରେ ନିଜର ଆତ୍ମବଡ଼ିମା ଅନ୍ୟଠାରେ ପ୍ରକାଶ କର ନାହିଁ ।

(୧୫) ସ୍ୱାଭାବିକ ଭାବରେ ସାମର୍ଥ୍ୟ ଅନୁଯାୟୀ ଦାନ, ଅନୁଦାନ କରିବାରେ ବା ତ୍ୟାଗ ଦେବାରେ କଦାପି କୁଣ୍ଠିତ ବା କୃପଣ ହୁଅନାହିଁ ।

***

ଏକମୁଖୀ କର ଦୁଇଟି ଆଖି ।
ଏକମୁଖ ସୁଖଦୁଃଖକୁ ସାକ୍ଷୀ ।।

ସଂଯତ ସ୍ୱଭାବ ସଂଯତ ବାଣୀ ।
ବିନୟ ଭାବକୁ ଦିଅଇ ଆଣି ।।

# ଜିଜ୍ଞାସା : ଜିଜ୍ଞାସୁ

*ପରମ ଶ୍ରଦ୍ଧାସ୍ପଦ ଯତୀଶଦା'ଙ୍କ ସହିତ ଶ୍ରୀଶ୍ରୀଶ୍ରୀ ଠାକୁରଙ୍କର ଆଧ୍ୟାତ୍ମିକ ଆଲୋଚନାର ଧାରା ବିବରଣୀ : 'ଜିଜ୍ଞାସା : ଜିଜ୍ଞାସୁ' ଶୀର୍ଷକରେ ଚରମର ପ୍ରତ୍ୟେକ ସଂଖ୍ୟାରେ ପ୍ରକାଶ ହୋଇ ଆସୁଛି । ଆଧ୍ୟାତ୍ମିକ ଜୀବନର ନାନା ପ୍ରକାର ସନ୍ଦେହ ମୋଚନ ନିମନ୍ତେ ଏହି ସ୍ତମ୍ଭର ଅବଦାନ ଅବଶ୍ୟ ଅନସ୍ବୀକାର୍ଯ୍ୟ ।*

ଯତୀଶଦା' : ତା'ହେଲେ ଉଚ୍ଚନୀଚ ଭେଦଭାବ ସଂପର୍କରେ ଆମ୍ଭମାନଙ୍କ ପାଇଁ ଆପଣଙ୍କର ଶିକ୍ଷା କ'ଣ ?

ଶ୍ରୀଶ୍ରୀଠାକୁର : ସବୁରି ଭିତରେ ଭେଦ ସୂତ୍ର ରଖି ଏହି ସୃଷ୍ଟି ସୃଜନ କରାଯାଇଛି । କିନ୍ତୁ, ଏହି ଭେଦର ଭାବ ମଣିଷର ବିଚାର ବୁଦ୍ଧିର ବାହାରେ । ସାଧାରଣ ମଣିଷ ଜଡ଼ ଓ ପ୍ରକୃତିମୟ ହୋଇଥିବାରୁ ଭେଦଭାବର ଏକତ୍ୱ ବିଚାର କରିପାରିବ ନାହିଁ । ତା ଭିତରେ ଯଦି ବିବେକଜ୍ଞାନ ଉଦୟ କରାଯାଇ ପାରିବ ତା'ହେଲେ ଜଗତରେ ଓ ତା ଭିତରେ ଭେଦଥିଲେ ମଧ୍ୟ ଅଭ୍ୟସ୍ତ ଚଳନିର ବିକାରଭାବକୁ କାଟି ଦିଆଯାଇପାରିବ । ଅଭ୍ୟସ୍ତ ଚଳନି ମଧ୍ୟରୁ ମଣିଷ ଯାହା ଶିକ୍ଷା କରେ ସେହି ଶିକ୍ଷାରୁ ସୃଜନଗ୍ରନ୍ଥି ବା କୋଷ ଗଠିତ ହୁଏ । ଏହି ଗଠିତ ସୃଜନ ଗ୍ରନ୍ଥିକୁ ଦୀକ୍ଷା ଓ ଶିକ୍ଷା ମାଧ୍ୟମରେ କାଟି ଦିଆଯାଇପାରେ । ବ୍ରାହ୍ମ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର ଏକ ଏକ ଜାତି ବୋଲି ସାମାଜିକ ଓ କୌଳିକ ପ୍ରଥାରୁ ବିଚାର କରାଯାଏ । ପୁଣି ଜାତିରୁ ଉପଜାତି ଓ ବିଜାତିର ମଧ୍ୟ ପ୍ରମାଣ କରାଯାଏ । ଏହା ଫଳରେ ବ୍ରାହ୍ମଣ କ୍ଷତ୍ରିୟକୁ, କ୍ଷତ୍ରିୟ ବ୍ରାହ୍ମଣକୁ ଘୃଣା କରନ୍ତି । ଏହି ଘୃଣାଭାବ ପାରସ୍ପରିକ ନ୍ୟୂନତାବୋଧ ଓ ଭେଦଭାବରୁ ସୃଷ୍ଟି ହୋଇଥାଏ । ସୁତରାଂ ପ୍ରତ୍ୟେକ ଜାତି, ଉପଜାତି ଓ ବିଜାତି ପରସ୍ପରକୁ ନ୍ୟୂନ ବିଚାରି ଭେଦବଶରୁ ଘୃଣା କରନ୍ତି ଓ ପରସ୍ପର ପରସ୍ପର ସହିତ ମିଶିବା ପାଇଁ ଲଜ୍ଜା, ଭୟ ଓ ଘୃଣା ମଧ୍ୟ କରନ୍ତି । ଏଗୁଡ଼ିକ ସବୁ ଅଭ୍ୟସ୍ତ ଚଳନିରୁହିଁ ସୃଷ୍ଟି । ଛୋଟ ଶିଶୁଟିଏ ଜନ୍ମନେବା ମାତ୍ରେ ତାକୁ ଯଦି ପିତାମାତାଙ୍କ ଠାରୁ ଦୂରେଇ ଆଣି ଜାତିକୁ ଓଲଟପାଲଟ କରିଦିଆଯାଏ, ତେବେ ଚଣ୍ଡାଳ ଘରର ପିଲା ବ୍ରାହ୍ମଣ ଘରର ଅଭ୍ୟସ୍ତ ଚଳନିରେ ବ୍ରାହ୍ମଣର ଆଚରଣ ଦେଖାଇଥାଏ । ସେହିପରି ବ୍ରାହ୍ମଣ ଶିଶୁଟିଏ ମଧ୍ୟ ଚଣ୍ଡାଳ ଘରେ ବଢ଼ିଲେ ଚଣ୍ଡାଳର ଆଚରଣ ଦେଖାଇଥାଏ । ଏଣୁ ଉଚ୍ଚନୀଚ ଭେଦର ଅଭ୍ୟସ୍ତ ଚଳନିରେ ଲଜ୍ଜା, ଭୟ, ସଂକୋଚ, କୁଣ୍ଠା ଏବଂ ଘୃଣାର ସୃଷ୍ଟି । ଏହାରି ଫଳରେ ସମାଜରୁ ସନାତନ ମାନବଧର୍ମ ଲୋପ ପାଇ ଜାତି ଜାତିର ଏକ ଏକ ବଳୟଯୁକ୍ତ ବିଧର୍ମ ବା ବିକୃତ ଧର୍ମର ଜଡ଼ବାଦ ସୃଷ୍ଟିହୁଏ ଓ ହୋଇଛି ମଧ୍ୟ । ଏହି ଜଡ଼ବାଦକୁ କାଟିବା ପାଇଁ ମହାପୁରୁଷମାନେ ଆହ୍ବାନ ଦେଇଅଛନ୍ତି ଏବଂ ସାମାଜିକ ସଂସ୍କାର ପାଇଁ ସଂଗ୍ରାମ କରିଆସୁଛନ୍ତି ।

ଯତୀଶଦା' : ଉଚ୍ଚନୀଚ ଭେଦଭାବକୁ କାଟିବା ପାଇଁ କେଉଁ ସବୁ ବିଘ୍ନ ରହିଛି ?

ଶ୍ରୀଶ୍ରୀ ଠାକୁର : କହିଲି ପରା, ଘୃଣା, ଭୟ, ଲଜ୍ଜା, କୁଣ୍ଠା, ସଂକୋଚ ଇତ୍ୟାଦି ଉଚ୍ଚନୀଚ ଭେଦଭାବର ସୃଷ୍ଟି ଭାବରାଜି । ତେଣୁ ଏହିସବୁ ମନୋଭାବ ଉଚ୍ଚନୀଚ ଭେଦଭାବ କାଟିବାରେ ମୂଳଶତ୍ରୁ ରୂପେ ଛିଡ଼ା ହୁଅନ୍ତି । ଅଭ୍ୟସ୍ତ ଚଳନିରୁ ଘୃଣା, ଜଡ଼ ମତବାଦରୁ ଭୟ, ମାନ୍ୟତା ହ୍ରାସ ଭୟରୁ ଲଜ୍ଜା, ଅଭ୍ୟାସବଶରୁ କୁଣ୍ଠା ଏବଂ ସଂକୋଚ ଇତ୍ୟାଦି ସୃଷ୍ଟି ହୋଇ ଉଚ୍ଚନୀଚ ଭେଦଭାବକୁ କାଟିବା ପାଇଁ ପ୍ରାଚୀର ସଦୃଶ ଶତ୍ରୁ ରୂପରେ ଛିଡ଼ା ହୁଅନ୍ତି । ଗୋଟିଏ ଛୋଟ ଉଦାହରଣ ଦେଉଛି


ବୁଝିବାକୁ ଚେଷ୍ଟାକର । ଅଭ୍ୟସ୍ତ ଚଳନିରେ ପିଆଜ, ରସୁଣ, ମାଛ, ମାଂସ, ମଦ୍ୟ ଇତ୍ୟାଦି ଭକ୍ଷଣରୁ ଚଳନି ଗ୍ରନ୍ଥି ସୃଷ୍ଟି ହୋଇ ବ୍ୟକ୍ତିର ଚରିତ୍ରରେ ସ୍ଥାନ ପାଇଥାଏ । ସେହିପରି ଶୌଚ, ସଦାଚାର ଓ ସାତ୍ତ୍ୱିକ ଆହାରରେ ଅଭ୍ୟସ୍ତ ଚଳନିରୁହିଁ ଅନ୍ୟ ଏକ ଚରିତ୍ର ଗଠିତ ହୋଇଥାଏ । ଏହି ମର୍ମରେ ପରସ୍ପର ବିରୋଧୀ ଅଭ୍ୟସ୍ତ ଚଳନି କୋଷ ଓ ସ୍ନାୟୁ ପରସ୍ପରକୁ ସହଜରେ ସହ୍ୟ ନ କରି ଘୃଣା କରିଥାଆନ୍ତି । ଏହି ଘୃଣାଭାବରୁ ମାଂସାସୀମାନଙ୍କୁ ଛୁଇଁଲେ ବା ସେମାନଙ୍କ ସହିତ ମିଶିଲେ ନିଜର ଜାତି ଓ ସ୍ଥିତି ନଷ୍ଟ ହେବାର ଭୟ ସୃଷ୍ଟି ହୋଇଥାଏ । ଏହା ମଧ୍ୟ ଜଡ଼ ମତବାଦର କାରଣ । ପ୍ରତ୍ୟେକ ବ୍ୟକ୍ତିର ବ୍ୟକ୍ତିତ୍ୱ ଭିତରେ ଯେଉଁ ଶାଶ୍ୱତ ପବିତ୍ରତା ଅଛି ଘୃଣା ଓ ଭୟର ଦୋଷଦର୍ଶୀ ବିଚାର ଦ୍ୱାରା ପ୍ରକୃତ ମାନବଧର୍ମର ପବିତ୍ରତା ବା ଆତ୍ମାର ପବିତ୍ରତା ଏହିପରି ଜଡ଼ବାଦ ହେତୁ ଖଣ୍ଡିତ ହେଉଅଛି । ଆହୁରି ମଧ୍ୟ ଅଭ୍ୟସ୍ତ ଚଳନିର ଶିକ୍ଷା, ଦୀକ୍ଷା ଓ ଦକ୍ଷତାରୁହିଁ ବ୍ୟକ୍ତି ମଧ୍ୟରେ ଏକ ଏକ ବୈଷମ୍ୟର ମାନ ସୃଷ୍ଟି ହୋଇଥାଏ । ମାନର ବୈଷମ୍ୟ ଥିବାରୁ ସମସ୍ତ ଶିକ୍ଷାଦୀକ୍ଷା ଓ ଦକ୍ଷତାର ମାନ ସମାନ ନୁହେଁ । ଏଣୁ ମାନରୁ ମାନ୍ୟତାର ଭେଦ ସୃଷ୍ଟି ହୋଇ ମାନ୍ୟତା ବିଚାର କରାଯାଏ । ବ୍ୟକ୍ତି ସମ୍ମାନ ନ ପାଇଲେ ଲଜ୍ଜାବୋଧ କରେ । ଏହି କାରଣରୁ ଶିକ୍ଷିତ ବ୍ୟକ୍ତି ଅଶିକ୍ଷିତ ବ୍ୟକ୍ତିମାନଙ୍କ ସହିତ ମିଶିବାକୁ କୁଣ୍ଠିତ ହୁଏ । ଏହା ମଧ୍ୟ ମାନବଧର୍ମ, ଏକାତ୍ମବୋଧ ଓ ବିଶ୍ୱଭ୍ରାତୃତ୍ୱ ବନ୍ଧନର ପରମ ଶତ୍ରୁ ।

ଯତୀଶଦା' : ଯାହା ସୃଷ୍ଟିରେ ଅଛି, ଯାହା ହେଉଅଛି ଏବଂ ଯାହାକୁ ଆମେ ସତ୍ୟ ବୋଲି ଅନୁଭବ କରୁଅଛୁ, ଯାହାକୁ ଆପଣ ମଧ୍ୟ ସ୍ୱୀକାର କରୁଛନ୍ତି ତାହାକୁ ଜଡ଼ ମତବାଦ ବୋଲି କାହିଁକି କହୁଛନ୍ତି ?

ଶ୍ରୀଶ୍ରୀଠାକୁର : ସୃଷ୍ଟିରେ ପ୍ରତ୍ୟେକ ବ୍ୟକ୍ତି ବା ଜୀବ ଦେହରେ ଜଡ଼ ଓ ଚେତନ ଏହି ଦୁଇ ପ୍ରକାର ଭେଦ ରଖି ଜଗତକର୍ତ୍ତା ଏହି ସୃଷ୍ଟି ସୃଜନ କରିଅଛନ୍ତି । ଏଣୁ ବ୍ୟକ୍ତି ଭିତରେ ପାପପୁଣ୍ୟ, ଧର୍ମ ଅଧର୍ମ, ଭଲମନ୍ଦ, ହାନିଲାଭର ହେତୁ ଥାଇ ମଧ୍ୟ ଯଥା ସମୟରେ ହେତୁର ଚୈତନ୍ୟ ଚେତନାକୁ ଆସେ ନାହିଁ । ଆମର ଗାଉଁଲି କଥାରେ ପ୍ରବଚନଟିଏ ନାହିଁକି ? ''କହି ଦେଉଥାଇ ପରକୁ, ବୁଦ୍ଧି ନ ଦିଶଇ ଘରକୁ ।'' ତମ ବୁଦ୍ଧି ଓ ପ୍ରଜ୍ଞାରେ ଉପଦେଶମାନ ଗଚ୍ଛିତ ଥାଇ ମଧ୍ୟ ନିଜର ଦୁଃଖ ପୂର୍ଣ୍ଣ ସମସ୍ୟା ବେଳକୁ ନଜ ଭିତରେ ଥିବା ଉପଦେଶ, ବୁଦ୍ଧି ଓ ପ୍ରଜ୍ଞା ଚେତନକୁ ଆସେ ନାହିଁ । କିନ୍ତୁ ଅନ୍ୟର ବିପଦ ବେଳେ ତମେ ତାହାରି ବଳରେଅନ୍ୟକୁ ଉପଦେଶ ଦେଇ ନଥାଅ କି ? ଏହାର କାରର କ'ଣ କହିପାରିବ ? ଜୀବ ଏଠାରେ ଉଭୟ ଜଡ଼ ଓ ଚେତନ । ଚେତନ ତତ୍ତ୍ୱରେ ବିଚାର କରି ଦେଖିଲେ ସୃଷ୍ଟିରେ ଯାହାସବୁ ସୃଜିତ ବା ସୃଷ୍ଟ ହୋଇଅଛି, ସେସବୁ ଏହି ସୃଷ୍ଟିର କଲ୍ୟାଣ ପାଇଁ । ପୁଣି ଅନ୍ୟ ଏକ ଦିଗରୁ ଜଡ଼ତତ୍ତ୍ୱରେ ବିଚାର କରି ଦେଖିଲେ ସୃଷ୍ଟିତତ୍ତ୍ୱରେ ବହୁଳ ଅଂଶ ଅମଂଗଳ ପାଇଁ ସୃଷ୍ଟ ହୋଇଅଛି । ଦୁଇ ବାଦକୁ (ଜଡ଼ବାଦ ଓ ଚେତନବାଦ) ଏକତ୍ର ବିଚାର କରି ଦେଖିଲେ ଏକାକାର ବା ନିର୍ବିକାରବାଦ ବା ତତ୍ତ୍ୱ ମିଳିଥାଏ । ଜଡ଼ତତ୍ତ୍ୱରେ ବିଚାରକଲେ ଉଚ୍ଚନୀଚର ଭେଦ କ୍ଷତିକାରକ । ଏହି ତତ୍ତ୍ୱରେ ଲଜ୍ଜା, ଭୟ, ଘୃଣା, କୁଣ୍ଠା, ଶଙ୍କା, ଜୁଗୁପ୍ସା (ନିନ୍ଦା, ଅପବାଦ), କୁଳାଭିମାନ, ଶୀଳାଭିମାନ ଏବଂ ମାନ ସମ୍ମାନ ଇତ୍ୟାଦିର ବିକାର ଥାଏ । ଚେତନ ବା ଚୈତନ୍ୟବାଦର ବିଚାରରେ କଲ୍ୟାଣ, ଶୁଭ, ସନ୍ତୋଷ, ଶ୍ରଦ୍ଧା, ପ୍ରେମ, ଭ୍ରାତୃତ୍ୱ, ମମତା ଇତ୍ୟାଦି ରହିଥାଏ । ଉଭୟ ତତ୍ତ୍ୱକୁ ନେଇ ଏକତ୍ର ବିଚାର କଲେ ତହିଁରୁ ନିର୍ବିକାରରେ ଅନୁରାଗ, ଶରଣାଗତି, ସ୍ନେହ, ସତ୍ୟ, ଶାନ୍ତି, ଭକ୍ତି, ଦୟା, କ୍ଷମା ଓ ଧର୍ମଭାବ ଆସିଥାଏ ।

❋❋❋

# ସମ୍ଭବାମି ଯୁଗେ ଯୁଗେ



## ଜନନୀ ଜଠର ଜରାୟ

*ସ୍ଥୁଳତଃ ବିଧି ମଧ ବିଧାନର ଅଧୀନ । ସୂକ୍ଷ୍ମ ଓ କାରଣ ଜଗତର କଥା ନିଆରା । ସ୍ଥୂଳ ଜଗତରେ ରୂପ, ନାମ ଓ ଆକାର ଧରି ନରତନୁରେ ଅବତରଣ କରିବା ପାଇଁ ଯୁଗେଯୁଗେ ନାରାୟଣ ପରଂବ୍ରହ୍ମ ଜନନୀ ଜରାୟୁକୁ ଆଶ୍ରୟ କରିଥାଆନ୍ତି । ଜନନୀ ମାଧମରେ ସେ ନରନାରାୟଣ ରୂପରେ ଲୀଳା ସଂଘଟନ ନିମନ୍ତେ ମାଟିର ବୈକୁଣ୍ଠକୁ ଅବତରି ଆସନ୍ତି । ଏହି ପ୍ରସଙ୍ଗରେ ମାତୃଗର୍ଭରେ ଶ୍ରୀଶ୍ରୀଠାକୁରଙ୍କର ଦିବ୍ୟାନୁଭୂତିର ସ୍ୱାକ୍ଷର ବହନ କରି 'ଚରମ' ପୁଷ୍ପ ମଣ୍ଡନ କରି ଆସୁଛି : ''ସମ୍ଭବାମି ଯୁଗେ ଯୁଗେ ।''*

## ପୂର୍ବାନୁଶ୍ରୁତି : 'ଚରମ' ୩ୟ ପୁଷ୍ପ ଦ୍ୱିତୀୟ ପାଖୁଡ଼ାରୁ :

ପିଣ୍ଡପୁରୁଷ ଜରାୟୁରେ ଥିବାବେଳେ ସୂକ୍ଷ୍ମରେ, ହରିଦ୍ରାବର୍ଣ୍ଣର ବିନ୍ଦୁବିନ୍ଦୁ ଅଂଶୀୟ ଆଲୋକ ଜ୍ୟୋତିଃ ରଶ୍ମିଦ୍ୱାରା ଶୁଣଭୃଙ୍ଗ ବା ଶଶିଶକ୍ତି ସୂକ୍ଷ୍ମରେ ପ୍ରତ୍ୟେକଟି କୋଷ ଇନ୍ଦ୍ରିୟକୁ ଶବ୍ଦଦ୍ୱାରା ଗୋପନୀୟ ରଖିଥାଏ । ପଞ୍ଚମ ମାସରେ ଯେତେବେଳେ ନାଭିକମଳ ନିର୍ମାଣ ହୁଏ, ଶୁଣଭୃଙ୍ଗର ଏକ ଅଂଶୀୟ ଭାଗରେ ବୃହତ୍‌ଶକ୍ତି ମତିରେ ଥିବା ସୂକ୍ଷ୍ମକୋଷକୁ ଶବ୍ଦଦ୍ୱାରା ଆଚ୍ଛାଦନ କରେ । ଏହି ଶବ୍ଦ ଜୀବର ନାଭି କମଳରେ ଥିବା ଗୈରିକ ବର୍ଣ୍ଣର କୋଷକୁ ସଙ୍କୁଚିତ ଅବସ୍ଥାରେ ରଖି ମତିକୁ ସାହାଯ୍ୟ କରେ । ଏପରି ଅବସ୍ଥାରେ ମସ୍ତିଷ୍କ ବୃହତ୍ ହୋଇ ନ ଥାଏ, ମାତ୍ର ସୂକ୍ଷ୍ମକୋଷରେ ରହି ମସ୍ତିଷ୍କ ନାଭି ପର୍ଯ୍ୟନ୍ତ ଅତି ସୂକ୍ଷ୍ମାତିସୂକ୍ଷ୍ମ ସ୍ତରରେ ନାଭିକମଳକୁ ଲମ୍ବି ଯାଇଥାଏ । ଜୀବର ବ୍ରହ୍ମଦଣ୍ଡରେ ଛଅଗୋଟି ଚକ୍ର ସ୍ଥିରୀକୃତ ହୋଇ ରହି ସାରିବା ପରେ, ଏହି ଛଅଟି ଚକ୍ରରେ କୋଷ ତିଆରି କରେ, ଶବ୍ଦ ଏହା ପରେ ସୃଷ୍ଟି ହୋଇଥାଏ । ମାଆର ପ୍ରତ୍ୟେକଟି ନିଃଶ୍ୱାସ ପ୍ରଶ୍ୱାସର ଶବ୍ଦ ଜୀବବ୍ରହ୍ମର ପ୍ରତ୍ୟେକଟି କୋଷ ମଧ୍ୟରେ ଶବ୍ଦ ସୃଷ୍ଟି କରିବାରେ ସାହାଯ୍ୟ କରେ । ଏହି ଶବ୍ଦ ପରଂବ୍ରହ୍ମଙ୍କଠାରୁ ଆସି ଜୀବବ୍ରହ୍ମ ମଧ୍ୟରେ ନାଭିକମଳରେ ଥିବା 'ପଦ୍ମନାଭ' ଶବ୍ଦ ବୃହତ୍‌କରି ଭୂମିଷ୍ଠ ହେବା ପର୍ଯ୍ୟନ୍ତ ଶକ୍ତ ଅବସ୍ଥାକୁ ଆସିଯାଇଥାଏ ।

ଶବ୍ଦବ୍ରହ୍ମ ଜାଲକ ଶିରାବିନ୍ୟାସ ଭଳି ରହି କାର୍ଯ୍ୟକରେ । ଶବ୍ଦ ମଧ୍ୟରେ ସ୍ଥୂଳ ନାମଚୈତନ୍ୟ ଜଡ଼ ଅବସ୍ଥାରେ ଥାଏ । ସୂକ୍ଷ୍ମଚୈତନ୍ୟ ଚେତନ ଅବସ୍ଥାରେ ରହିଥାଏ । ସୂକ୍ଷ୍ମଚୈତନ୍ୟ ଦ୍ୱାରା ନାଭିକମଳ ଗତିକରି ମନ୍ତ୍ର ଚୈତନ୍ୟ ଆସେ । ଏହି ମନ୍ତ୍ର ଚୈତନ୍ୟ ମାତୃଗର୍ଭରେ ଶୁଦ୍ଧଦର୍ଶନ କରାଇଥାଏ । ଯେଉଁ ଜୀବର ମନ୍ତ୍ରଚୈତନ୍ୟ ଶୁଦ୍ଧି ଘଟି ନଥାଏ, ସେ ବାହ୍ୟଜଗତର କାର୍ଯ୍ୟକାରଣ ଜାଣିପାରେ ନାହିଁ, କିମ୍ବା ଅନ୍ତର୍ଜଗତର ରହସ୍ୟ ମଧ୍ୟ ଉଦ୍‌ଘାଟନ କରିପାରେ ନାହିଁ । ଏଥିରୁ ସ୍ୱଷ୍ଟ ପ୍ରତୀୟମାନ ହୁଏ ଯେ, ପିତାମାତାଙ୍କର ସୁକୃତି ଐଶ୍ୱର୍ଯ୍ୟ ଫଳଭୋଗରୁ ଜୀବବ୍ରହ୍ମର କୋଷ ସୃଷ୍ଟି ହୋଇଥାଏ । ଏହି କୋଷସକଳ ଜୀବ ଦେହର କେଉଁ କେଉଁ କେନ୍ଦ୍ରକୁ ଭିତ୍ତିକରି ଗଠିତ ହେବ, ତାହା ନିର୍ଣ୍ଣୟ କରିବା ନିମନ୍ତେ ନାଭିକମଳର ଚତୁଃପାର୍ଶ୍ୱରେ ଭ୍ରମଣ କରୁଥାଏ । ଏହି ଭ୍ରମଣମାନ ଅବସ୍ଥାରେ ୬୪ ସ୍ତରର

ଗୈରିକ ବର୍ଣ୍ଣ ବିଭିନ୍ନ ସ୍ତରରେ ନାଭିକମଳକୁ କେନ୍ଦ୍ରକରି ଭ୍ରମଣ କରୁଥାଏ । (ପାଠକ/ପାଠିକାମାନେ ଏଠାରେ ସ୍ମରଣ ରଖିବା ଉଚିତ ଯେ, ନିୟମିତ ଅଧ୍ୟୟନ ଅଧ୍ୟବସାୟ କଲେ ଯାଇ ଏହି ଶବ୍ଦର ସ୍ଥିତି କେଉଁଠି ତାହା ଉପଲବ୍ଧି କରିହୁଏ, ନହୁବା ନୁହେଁ) ସ୍ତରଗୁଡ଼ିକରୁ ଶୁଣଭୃଙ୍ଗ ଷଡ଼ଚକ୍ରକୁ ଯେଉଁ ଗତି କରୁଛି, ସେହି ଗତି ମଧ୍ୟ ଦେଇ ଗ୍ରହ, ନକ୍ଷତ୍ରର ଚଳନରୁ ତିଆରି ଲଗ୍ନାଦି ପଣ୍ଡପୁରୁଷକୁ ଭେଦକରି ଜ୍ଞାନମୟକୋଷ ହୋଇ ହଳଦିଆ ରଙ୍ଗରେ ପରିଣତ ହୋଇଯାଏ ।

ହଳଦିଆ ରଙ୍ଗ ଧୂମ୍ରବର୍ଣ୍ଣ (ଧୂଆଁଭଳି)ରେ ରୂପାନ୍ତରିତ ହୋଇ ନାଭିକମଳରୁ ମସ୍ତିଷ୍କ ସୂକ୍ଷ୍ମମତିକୁ ବିଚକ୍ଷଣ ବେଗ ତିଆରି କରି ଗତି କରେ । ଏହି ଅବସ୍ଥାରେ ଗ୍ରହାଣୁପୁଞ୍ଜମାନେ ପରମବ୍ରହ୍ମଙ୍କ ଆଜ୍ଞାପାଇ ସ୍ଥିରୀକୃତ ହେବାକୁ ଚାହାନ୍ତି । ପୂର୍ବାଲୋଚିତ ଗୈରିକ ବର୍ଣ୍ଣର ୬୪ ସ୍ତରଗୁଡ଼ିକୁ ଗ୍ରହାଣୁପୁଞ୍ଜକୁ ଆଶ୍ରୟ ଦିଅନ୍ତି । ଏହାଦ୍ୱାରା ଜୀବର ଚଳନକେନ୍ଦ୍ର ସ୍ଥୂଳ କାର୍ଯ୍ୟର ଘାତ ପ୍ରତିଘାତ ସହନ ଶକ୍ତି ଗଠନରେ ସାହାଯ୍ୟ ଲାଭ କରେ । (ଏଠାରେ ପାଠକ/ପାଠିକାମାନେ ସ୍ମରଣ ରଖିବା ଉଚିତ ହେବ ଯେ ବ୍ରହ୍ମ ଓଁକାର ମାତ୍ରାରେ ୬୪ ସ୍ତର ନିର୍ମାଣ କରି ଚର୍ମ ମଧ୍ୟରେ ସୂକ୍ଷ୍ମରେ ବିଦ୍ୟମାନ ଅଛି । ସାଧନ ପ୍ରକ୍ରିୟାର ସ୍ତରଭେଦରେ ସାଧକ ଏହା ଉପଲବ୍ଧି କରିଥାଏ) ଏହି ୬୪ସ୍ତରକୁ ନିମ୍ନରେ ସଂକ୍ଷେପରେ ସୂଚାଇ ଦିଆଯାଉଛି ।

(୧) ପଦ୍ମନାଭ - ନୀଳ, ଏହାର କାର୍ଯ୍ୟ କୁଣ୍ଡଳିନୀ ଶକ୍ତିକୁ କାରଣ ଜଗତରୁ ଶବ୍ଦ ଆଦାନ ପ୍ରଦାନ କରିବା । ନବମ ମାସ ପର୍ଯ୍ୟନ୍ତ ଅର୍ଥାତ୍ ଚମଡ଼ାର ଢ଼ାଙ୍କୁଣି ସଂପୂର୍ଣ୍ଣ ହେବା ପର୍ଯ୍ୟନ୍ତ ଏହା କାର୍ଯ୍ୟ କରିଥାଏ ।

(୨) ଭ୍ରମର ଗ୍ରନ୍ଥି ବ୍ରହ୍ମଃ - ଧୂସରମିଶା ନୀଳବର୍ଣ୍ଣ, ମହାକାଳକୁ ସୁପ୍ତ ଅବସ୍ଥାରେ ରଖି ଗ୍ରହନକ୍ଷତ୍ରାଦି ଚଳନକୁ ନିୟନ୍ତ୍ରଣ କରି ତିଆ ବାର ଲଗ୍ନକୁ ଆଚ୍ଛାଦନ କରିବା ଏହାର କାମ । ଭୂମିଷ୍ଠ ମୁହୂର୍ତ୍ତରୁ ଦେହତ୍ୟାଗ ପର୍ଯ୍ୟନ୍ତ ଏହା କାର୍ଯ୍ୟକରି ଚାଲିଥାଏ ।

(୩) ଭ୍ରମର ଗୁମ୍ଫା କୋଷଗ୍ରନ୍ଥି - ଧବଳ ବର୍ଣ୍ଣ, ମନ୍ତ୍ର ଚୈତନ୍ୟକୁ ଏହା ଆଜ୍ଞା ଦିଏ । ଯେଉଁମାନେ ଆସୁରିକ ପିଣ୍ଡ, ଏଠାରେ ତାଙ୍କ ବର୍ଣ୍ଣକୋଷ ନିର୍ମାଣ କରେ । ଯଦ୍ୱାରାକି ଭାବ ତମଗୁଣୀ, ମହାକୋପୀ ହୋଇଯାଆନ୍ତି । ଏହା ମସ୍ତିଷ୍କରେ ଥିବା ମତିକୁ ମଧ୍ୟ ଚଳନ କ୍ରିୟାରେ ସାହାଯ୍ୟ କରେ । ପରିବେଶ ଓ କ୍ଷେତ୍ରାଦି ଭେଦରେ ଏହା କୁବୁଦ୍ଧି ଓ ସୁବୁଦ୍ଧିରେ ମଧ୍ୟ ଭାବ ତୋଳେ ।

(୪) ପଦ୍ମନାଭ କ୍ରିୟା - ଗୋଲାପି, ମାଆର ନିଃଶ୍ୱାସପ୍ରଶ୍ୱାସର ତାଳେ ତାଳେ ପଦ୍ମନାଭ କ୍ରିୟାରେ ଥିବା ବାରଗୋଟି କୋଷ ମତି ପର୍ଯ୍ୟନ୍ତ ଦୁକ୍‌ଦୁକ୍ ଅବସ୍ଥାରେ ସପ୍ତରଙ୍ଗ ଧାରଣ କରି ଦେହ ଗଠନରେ ସାହାଯ୍ୟ କରେ । ପିତାମାତାଙ୍କ ସଂଯୋଗ କାଳୀନ ଭାବ ଅନୁଯାୟୀ ଓ ବିନ୍ଦୁସ୍ଥାପନାର କାଳଲଗ୍ନ ଅନୁସାରେ ଏହା ଦେହ ଗଠନ କରିଥାଏ ।

(୫) ଗୁଣନାଦବ୍ରହ୍ମ - ଧବଳ ବର୍ଣ୍ଣ, ଏହାର ଗତି ଛାଞ୍ଚୁଣି ମୁଠା ଆକୃତିର ହୋଇଥାଏ । ଧୂମାୟମାନ ଅବସ୍ଥାରେ ଏହା ପୂର୍ଣ୍ଣିମା, ଅମାବାସ୍ୟା, ମାସାନ୍ତ, ଏକାଦଶୀ, ଚନ୍ଦ୍ରଗ୍ରହଣ, ସୂର୍ଯ୍ୟପରାଗାଦି ଭୋଗ ସମୟରେ ଜରାୟୁରେ ସତ୍ତ୍ୱ, ରଜ, ତମ ଗୁଣରେ ଭାଗନେଇ ନାଦବ୍ରହ୍ମ ପର୍ଯ୍ୟନ୍ତ ଲାଙ୍ଗୁଡ଼ ଭଳି ବିସ୍ତାର ଲାଭ କରିଥାଏ ।

(୬) ଶବ୍ଦନାଦ ବ୍ରହ୍ମ - ଲାଲ ବର୍ଣ୍ଣ, ପ୍ରଥମେ ବ୍ରହ୍ମ ତପ୍‌ରେ ଚୈତନ୍ୟ, ମାୟା ଓ ପ୍ରକୃତି । ଏହା ମାତୃଗର୍ଭରେ ଜୀବର ଚର୍ମ ତିଆରି ପର୍ଯ୍ୟନ୍ତ ମାୟା ଓ ପ୍ରକୃତିକୁ ଲାଲବର୍ଣ୍ଣ କରି କୋଷ ସୃଷ୍ଟିକରେ ।

(୭) ଭୌମୀନାଦ - ଧୂସର ବର୍ଣ୍ଣ, ଶିଶୁ ଭୂମିଷ୍ଠ ହେବା ପର୍ଯ୍ୟନ୍ତ ଏହା ଜରାୟୁ ମଧ୍ୟରେ ଜୀବ ଦେହରେ ପଚିଶ ପ୍ରକୃତିକୁ ମୁଣ୍ଡା ବା ଠୁଳ ଆକାରରେ ରଖିଥାଏ । ଭୌମୀନାଦ ଧୂସର (ଧୂଆଁଳିଆ) ହୋଇ ମିଶେ ଓ ତା' ସହିତ ଯୋଗ ହୋଇ ବିଭିନ୍ନ ଭାବ ସୃଷ୍ଟିକରି ପୁଣି ଭାବ ଆକାରରେ ମୁଣ୍ଡା ବା ଠୁଳ ଅବସ୍ଥାରେ ରହିଯାଏ ।

(୮) ନିବୃଜ୍ଞାନାଦ - ଲାଲ ବର୍ଣ୍ଣ, ଜୀବ ମଧ୍ୟରେ ଯେଉଁ ଭାବ ସମୂହ ଠୁଳ ହୋଇ ରହିଥାଏ, ଏହା ସେ ସମସ୍ତଭାବକୁ ରୂପାନ୍ତର ଓ ପ୍ରକାଶ କରିବାରେ ସାହାଯ୍ୟ କରେ ।

(୯) ଗଣ୍ଡପ୍ରଦନାଦ - ବାଇଗଣି, ଜୀବ ଯେତେବେଳେ ବଡ଼ ପାଟି କରେ ସେତେବେଳେ ଗଣ୍ଡପ୍ରଦନାଦ ନାଭି କମଳରେ ଗୋପନରେ ଥାଏ ଓ ବିଦ୍ୟୁତ୍ ବେଗରେ ଶବ୍ଦ ଯାଇ ଗଣ୍ଡପ୍ରଦରେ ବାଧାପ୍ରାପ୍ତ ହୁଏ । ଏହି ବାଧାପ୍ରାପ୍ତିରୁ ଯେଉଁ ଶବ୍ଦ ସୃଷ୍ଟି ହୁଏ, ମସ୍ତିଷ୍କରେ ଥିବା ଚେତା ରାଜ୍ୟରେ ତାହା ପହଞ୍ଚି ଯାଇ ପୁଣି ନାଭି କମଳକୁ ଫେରି ଆସେ । ଗଣ୍ଡପ୍ରଦ କୋଷ ହେତୁ ସ୍ଥୂଳ ଉଚ୍ଚସ୍ୱର ପୁନର୍ବାର ନୀରବ କରିଦିଏ । ଜୀବର ବୋଧଶକ୍ତି ଅଧିକ ଥିଲେ, ସେ ତତ୍‌କ୍ଷଣାତ୍ ନୀରବ ହୋଇଯାଏ । ବୋଧଶକ୍ତି କମ୍‌ଥିଲେ, ଜୀବ ଲୁହ ଝରାଇ କାନ୍ଦେ ଓ କ୍ରମଶଃ ମସ୍ତିଷ୍କ ଥଣ୍ଡା ପଡ଼ିଆସେ ।

(୧୦) ଅନ୍ୟାରୀ ନାଦ - ହଳଦିଆ ବର୍ଣ୍ଣ, ଏହା ଧୂଆଁ ବା କୁହୁଡ଼ି ଆକାରରେ ବିସ୍ତାର ଲାଭ କରି ଜୀବର ସତ୍ତ୍ୱଗୁଣକୁ ଆବୃତ୍ତ କରି ରଖିଥାଏ ।

(୧୧) ସୂତ୍ରୀକ ନାଦ - ହରିଦ୍ରାବର୍ଣ୍ଣ, ପ୍ରତ୍ୟେକଟି ଗୁଣରୁ ଭାବ ସୃଷ୍ଟି ହେବାର ଆଜ୍ଞା ପାଇଥାଏ । ଶିଶୁ ଭୂମିଷ୍ଠ ହେବା ପରେ ବୟଃକ୍ରମରେ ଶରୀର ବୃଦ୍ଧି ସହିତ ସମତାଳରେ ଏହା ଭାବ ବଢ଼ାଇ ଚାଲେ । ଏ ସକଳ ଭାବକୁ ସୂତ୍ରୀକନାଦ କୋଷ ମଧ୍ୟରେ ଗୋପନରେ ରଖିଥାଏ ।


(୧୨) ଅବଧାରକ ନାଦ - ନୀଳ, ପିଣ୍ଡପୁରୁଷରେ ଥିବା ସୂକ୍ଷ୍ମାଧିକ ସୂକ୍ଷ୍ମ ଅଣୁ ପରମାଣୁକୁ ଭୃଙ୍ଗରେ ପରିଣତ କରି ହଳଦିଆ ରଙ୍ଗର କେଶରକୁ ବଦଳାଇ ନୀଳରଂଗ ହୋଇଥାଏ । ପଞ୍ଚମ ମାସରେ ଚକ୍ର ପରିବର୍ତ୍ତନ କରି ଗୁଚ୍ଛ ଆକାରରେ ଗୋପନ ରଖେ । ପିଣ୍ଡ ବଢ଼ିଲେ, ଅବଧାରକ ନାଦ ଅବଧାରକ କୋଷ ଦ୍ୱାରା ବୁଦ୍ଧି ଓ ଚୈତନ୍ୟକୁ ସାହାଯ୍ୟ କରେ ।

(୧୩) ଖଣ୍ଡକ ନାଦ - ହରିଦ୍ରା, ଚର୍ମ ଆବୃତ୍ତ ହେବା ପର୍ଯ୍ୟନ୍ତ ଜରାୟୁରେ ଗୁପ୍ତ ଅବସ୍ଥାରେ ଥାଏ । ସୂତ୍ରୀକ ନାଦ ଭାବ ତୋଳି ଖଣ୍ଡକ ନାଦକୁ ସାହାଯ୍ୟ କରିବାରେ ଆଜ୍ଞା ପ୍ରଦାନ କରେ । ଫଳରେ ଏହା ତେଜିଁ ଉଠେ ।

(୧୪) ବାହୁକ ନାଦ - ହରିଦ୍ରା ବର୍ଣ୍ଣ, ଜରାୟୁରେ ଥିବା କେଶରଗୁଡ଼ିକ ଭ୍ରୁଣର କୋଷ ଅବସ୍ଥା ଧାରଣ କରି ଜରାୟୁ ମଧ୍ୟରେ ସୂକ୍ଷ୍ମାତିସୂକ୍ଷ୍ମ ପାଖୁଡ଼ା ତିଆରି କରିବାରେ ଆଜ୍ଞା ପାଇଥାଏ । ଏହି ଆଜ୍ଞା ବ୍ରହ୍ମ ଦେଇ ଥାଆନ୍ତି ।

(୧୫) ଗଣିକ ନାଦ - ସବୁଜ, ଜୀବ ମୋହାଚ୍ଛନ୍ନ ହେଲେ, ଜରାୟୁରେ ଯେଉଁ ଭାବଗୁଡ଼ିକ ସ୍ୱାଭାବିକ ଶବ୍ଦ ସୃଷ୍ଟିକରେ, ସେହି ଶବ୍ଦକୁ ହତୋତ୍ସାହ ନ କରିବାରେ ଗଣିକ ନାଦ ସାହାଯ୍ୟ କରେ । ଜୀବ ଯେତେ ଦୁଃଖରେ ଥିଲେ ମଧ୍ୟ ଏହା ତାକୁ ଶାନ୍ତ ଅବସ୍ଥାକୁ ଫେରାଇ ଆଣେ । ମୁହୂର୍ତ୍ତ ଦୁଃଖର ଭାବକୁ ପରିବର୍ତ୍ତନ କରେ ।

(୧୬) ନାମକର୍ଣ୍ଣ ଶୃଣଭୃଙ୍ଗ ନାଦ - ରକ୍ତ ବର୍ଣ୍ଣ, ଶିଶୁର ପାଟି ଖୋଲିବା ପର୍ଯ୍ୟନ୍ତ ନାମକର୍ଣ୍ଣନାଦ କାର୍ଯ୍ୟକାରୀ ହୋଇଥାଏ । ଏହା ଏକ ପ୍ରକାର କୋଷ ସୃଷ୍ଟି କରେ । ବାହ୍ୟ ଶବ୍ଦକରଣ ଦ୍ୱାରା ଇଙ୍ଗିତ ପାଇଲେ, ମତି ଚୈତନ୍ୟରୁ ନାଦ ସୃଷ୍ଟି ହୋଇ ନାଭି କମଳକୁ ଯାଇ ମୁଖ, ଜିହ୍ୱାଦି ଇନ୍ଦ୍ରିୟ ସାହାଯ୍ୟରେ ସ୍ୱ/କୁ ଶବ୍ଦ ତୋଳି ଉଚ୍ଚାରଣ କରେ ।



# କଲ୍ୟାଣ ଦେଲି ତୋତେ

*ମୋ ହୃଦୟ ସ୍ୱର୍ଣ୍ଣକ୍ଷେତ୍ରରେ ବିରାଜି କଲ୍ୟାଣ ଦିଅ ହେ ଦେବ ।*
*ନତଶିରେ ମୋର ଝୁରୁଥାଉ ନିତି ଚରଣ ରେଣୁ ବାନ୍ଧବ ॥*

*ବିଶ୍ୱପ୍ରାଣ ବିଶ୍ୱବନ୍ଧୁ ଶ୍ରୀଶ୍ରୀଶ୍ରୀ ଠାକୁରଙ୍କର ଆଶୀର୍ବାଦ ମାଳା ଏହି 'କଲ୍ୟାଣ ଦେଲି ତୋତେ' । ଏହାହିଁ ଆମର ନି:ଶ୍ୱା:ନିତ୍ୟଶକ୍ତି । ଏହାହିଁ ଆସକ୍ତିଜନିତ ଶାନ୍ତି-ଆଶାକୁ ଛିନ୍ନ କରି ନିରାଶା-ନିତ୍ୟ ଉଲ୍ଲାସ ଶାନ୍ତି ପ୍ରଦାନ କରିବା ପାଇଁ ସମର୍ଥ । ତେଣୁ ଏହା ଆମମାନଙ୍କର ନିତ୍ୟ ପାଠ୍ୟ ।*

ଚରମରେ !

ଧନ ମୋର, ଟିକିଏ ପଛକୁ ଅନାଇ ଦେଖୁଛୁ, ବ୍ରହ୍ମର୍ଷି ବଶିଷ୍ଠ, ଦୁର୍ବାସା, ବିଶ୍ୱାମିତ୍ର ଆଦି ବ୍ରହ୍ମପୁତ୍ରମାନେ ତୋ ପିତା, ସ୍ରଷ୍ଟାପୁରୁଷଙ୍କର କେତେ ନିକଟତମ ! କେତେ ପ୍ରଚଣ୍ଡ ଶକ୍ତି ଏବଂ ବିଶାଳ ଜ୍ଞାନର ଅଧିକାରୀ ! କିନ୍ତୁ ସେମାନେ ପ୍ରତ୍ୟେକ କ'ଣ ପରସ୍ପରକୁ ଚିହ୍ନି ପାରିଥିଲେ ନା ଚିହ୍ନିବାକୁ ଚେଷ୍ଟା କରିଥିଲେ ? ପ୍ରତ୍ୟେକ ନିଜ ନିଜର ଶିଷ୍ୟଗଣଙ୍କୁ ଧରି ପରସ୍ପର ମଧ୍ୟରେ ଜ୍ଞାନ ପରୀକ୍ଷାର ଯୁଦ୍ଧ କ'ଣ କରି ନ ଥିଲେ ? ଏପରିକି ବିଶ୍ୱାମିତ୍ର ତ ପୁଣି ବଶିଷ୍ଠମାରଣ ଯଜ୍ଞର ଆୟୋଜନ କରିଥିଲେ, ସେ ଯଜ୍ଞର ପୁରୋଧା ପଦରେ ବଶିଷ୍ଠଙ୍କୁ ବରଣ କଲେ ମଧ୍ୟ । ବ୍ରହ୍ମର୍ଷି ବଶିଷ୍ଠ ବି ବ୍ରାହ୍ମଣର ସ୍ୱଧର୍ମ ପାଳନ କରି ଆପଣା ମାରଣ ଯଜ୍ଞରେ ଆହୂତି ଦେବାକୁ ପଶ୍ଚାତ୍‌ପଦ ହୋଇ ନ ଥିଲେ । ବଶିଷ୍ଠଙ୍କର ଧର୍ମାଚରଣରେ ରାଜର୍ଷି ବିଶ୍ୱାମିତ୍ରଙ୍କର ଈର୍ଷା, ହିଂସା, କ୍ରୋଧ ସବୁ ପରାଜୟ ସ୍ୱୀକାର କରି ନାହିଁକି ? ବିଶ୍ୱାମିତ୍ର ବଶିଷ୍ଠଙ୍କ ସହିତ ବିବାଦ କରିବା ପୂର୍ବରୁ ଯଦି ସାମାନ୍ୟତମ ଚେଷ୍ଟା କରିଥାଆନ୍ତେ, ସେ କ'ଣ ସତରେ ଜାଣି ପାରି ନ ଥାନ୍ତେ ଯେ ବଶିଷ୍ଠ ପ୍ରକୃତରେ କିଏ, ତାଙ୍କ ଭିତରେ କ'ଣ ଅଛି ? ନିଶ୍ଚୟ ଜାଣି ପାରିଥାଆନ୍ତେ, ବଶିଷ୍ଠଙ୍କୁ ଚିହ୍ନି ପାରି ଥାଆନ୍ତେ, ବିବାଦର ସୂତ୍ରପାତ ମଧ୍ୟ ହୋଇ ନ ଥାନ୍ତା । କିନ୍ତୁ, ସେ ଚେଷ୍ଟା ମଧ୍ୟ କଲେ ନାହିଁ । ହେଲେ, ମାରଣ ଯଜ୍ଞରେ ବଶିଷ୍ଠଙ୍କୁ ବିଶ୍ୱାମିତ୍ର ମାରି ପାରିଲେ କି ? ମାରି ତ ପାରିଲେ ନାହିଁ, ପରନ୍ତୁ ନିଜର ଈର୍ଷା, ହିଂସା ଓ କ୍ରୋଧର ବିନାଶ ହେଲା । ଶେଷରେ ଜାଣିଲେ ପ୍ରକୃତରେ ବଶିଷ୍ଠ ହିଁ ବ୍ରହ୍ମବିତ୍, ବ୍ରହ୍ମସ୍ୱରୂପ, ପ୍ରକୃତ ଅର୍ଥରେ ବ୍ରାହ୍ମଣ ପଦବାଚ୍ୟ । **ଏହି ସୂତ୍ରଟି ହିଁ ସ୍ରଷ୍ଟାଙ୍କର ଲୀଳା** । ବିଶ୍ୱାମିତ୍ରଙ୍କୁ ତାଙ୍କ ନିଜ ଶରୀର ଓ ଜ୍ଞାନର ଅହଂକାରରେ ବୁଡ଼ାଇ ଚାପିଦେଲେ, ଉଭୟଙ୍କୁ ଜ୍ଞାନ ଓ ଶକ୍ତିର ପରୀକ୍ଷା ଯୁଦ୍ଧରେ ମୁହାଁମୁହିଁ କରାଇ ଦେଲେ ଏବଂ ଶେଷରେ ପୁଣି ନିଜେ ସମାଧାନ କରି ଉଭୟଙ୍କୁ ଭ୍ରାତୃତ୍ୱର ବନ୍ଧନରେ ବାନ୍ଧିଦେଲେ । ବିଶ୍ୱକଲ୍ୟାଣରେ ଉଭୟଙ୍କର ଅନୁଭୂତି ଓ ଈଶ୍ୱରୋପଲବ୍ଧି ପୁଞ୍ଜି କରି ଲଗାଇ ଦେଲେ । ପୁଣି କଥାଟିଏ ମନେ ପକାଇ ଦେଉଛି । ଶୁଣ୍ ବାପ !

ସତୀ ଅନସୂୟା ତାଙ୍କ ସ୍ୱାମୀଙ୍କ ସହିତ ଦୁଃଖରେ ବିଚଳିତା ହୋଇ ଅନ୍ଧକାର ରାତ୍ରିରେ ଯାଉଁ ଯାଉଁ ବାଟରେ ବିନା ଦୋଷରେ ଶୂଳିରେ ଚଢ଼ି ଯନ୍ତ୍ରଣା କାତର ଶିରରେ ଅସ୍ଥିର ଥିବା ଅବସ୍ଥାରେ କୁଷ୍ଠରୋଗାକ୍ରାନ୍ତ ସ୍ୱାମୀଙ୍କର ଚଞ୍ଚଳ ପାଦ ଋଷିଙ୍କୁ ଆଘାତ କରିଛି । ଶୂଳଗ୍ରସ୍ତ ଋଷି ଯନ୍ତ୍ରଣାରେ ଅସ୍ଥିର ହୋଇ ଆତ୍ମସଂଯମ ହରାଇ କ୍ରୋଧରେ

ଅଭିଶାପ ଦେଇଛନ୍ତି : 'ଅହଂକାରରେ ଅନ୍ଧ ହୋଇ ଯେ ମୋତେ ପଦାଘାତ କରିଛି, ଏ ରାତ୍ରି ପାହିବା ମାତ୍ରେ ତା'ର ମୃତ୍ୟୁ ହେଉ' । ସତୀ ଯେତେ କାକୁତିମିନତି, ଅନୁନୟ ବିନୟ କରି ଅନ୍ଧାର ହେତୁ ଅଜଣା ଦୋଷ ନ ଧରି କ୍ଷମା ପ୍ରାର୍ଥନା କଲେ ମଧ୍ୟ ଋଷି ନିଜ ଅଭିଶାପ ଦାନରେ ଅଟଳ ରହିଲେ । ସତୀ ଅନସୂୟା ଶେଷରେ ବାଧ୍ୟ ହୋଇ ଉଚ୍ଚାରଣ କଲେ : 'ମୁଁ ଯଦି ପ୍ରକୃତରେ ତ୍ରିଭୁବନରେ ସତୀ ପଦବାଚ୍ୟ, ମୋ ସ୍ୱାମୀ ଯଦି ନିର୍ଦ୍ଦୋଷ, ତେବେ ଏ ରାତ୍ରି ପାହିବ ନାହିଁ କି ମୋ ସ୍ୱାମୀଙ୍କୁ ମୃତ୍ୟୁ ସ୍ପର୍ଶ କରିପାରିବ ନାହିଁ ।' ତାହାହିଁ ସତ୍ୟ ହୋଇଛି । ସତୀଙ୍କର ସତ୍ୟବାକ୍ୟ ଅନ୍ୟଥା ହୋଇନାହିଁ । ଚରମରେ, ଧନ ମୋର ! ଏଠାରେ ଲକ୍ଷ୍ୟକର ତୋ ଘରର ମାଲିକ, ଏ ସୃଷ୍ଟିର ସ୍ରଷ୍ଟା-ପୁରୁଷଙ୍କର ବିଚିତ୍ର ଲୀଳା ରହସ୍ୟ । କେତେ ସୂକ୍ଷ୍ମାତିସୂକ୍ଷ୍ମ ଭାବରେ ସେ ତାଙ୍କର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ସୃଷ୍ଟି ରକ୍ଷା ନିମନ୍ତେ ପୂରଣ କରି ଚାଲିଛନ୍ତି ସମସ୍ତଙ୍କର ଅଲକ୍ଷ୍ୟରେ ଏବଂ ଅଜ୍ଞାତସାରରେ । ସତୀଙ୍କର ସ୍ୱାମୀ କୁଷ୍ଠରୋଗାକ୍ରାନ୍ତ ଅକ୍ଷମ ରୋଗୀ ଗର୍ବ ଅହଂକାରରେ ଋଷିଙ୍କୁ ପଦାଘାତ କରିଥିଲେ କିମ୍ବା ଅନ୍ଧାର ହେତୁ ଅଜାଣତରେ ଏହା ଘଟିଗଲା, ତାହା ଜାଣିବାର ଶକ୍ତି ସାମର୍ଥ୍ୟ କ'ଣ ପ୍ରକୃତରେ ଶୂଳବିଦ୍ଧ ଋଷିଙ୍କର ନ ଥିଲା ? କିନ୍ତୁ, ସେ ଅବସ୍ଥାରେ ସେ ଆପଣାର କ୍ରୋଧକୁ ସଂଯତ କରି ପାରିଲେ କି ? କିନ୍ତୁ, କାହିଁକି ଏପରି ବିଘଟଣ ଘଟିଗଲା ? ଏହା କଣ ଅକାରଣରେ ସଂଘଟିତ ହେଲା ? ନା'ରେ, ବାବୁ....ନା ! ଏପଟେ ସୃଷ୍ଟିର ଅନ୍ୟତ୍ର ଏକ ନାଟକୀୟ ଘଟଣା ଘଟୁଥିଲା । ମନେ ପକା , ଠିକ୍ ସେତେବେଳକୁ ରାମରାବଣ ଯୁଦ୍ଧରେ ଲକ୍ଷ୍ମଣଙ୍କୁ ଶକ୍ତିଭେଦ ହୋଇଛି । ଗନ୍ଧମାର୍ଦ୍ଦନ ପର୍ବତରୁ ବିଶଲ୍ୟକରଣୀ ନ ଆସିଲେ, ରାତି ପାହିବା ମାତ୍ରେ ଲକ୍ଷ୍ମଣଙ୍କର ମୃତ୍ୟୁ ହେବ । କିନ୍ତୁ, ଗୋଟିଏ ରାତ୍ରି ମଧ୍ୟରେ ଏତେ ଦୂରରୁ ଔଷଧୀ ଲତା ଆଣିବା ମଧ୍ୟ କଦାପି ସମ୍ଭବ ନୁହେଁ । ତେଣୁ, ବିଚିତ୍ରକର୍ମା ସ୍ରଷ୍ଟା ସୂକ୍ଷ୍ମରେ ତାଙ୍କର ଲୀଳା ଆରମ୍ଭ କରିଦେଲେ । ଋଷି ଏବଂ ସତୀ : ଦୁଇ ମହାଶକ୍ତିଙ୍କୁ ପରସ୍ପର ବିରୋଧୀ ଭୂମିକାରେ ଠିଆ କରାଇ ଦେଇ, ଅଭିଶାପ-ପ୍ରତ୍ୟାଭିଶାପ ମାଧ୍ୟମରେ ନିଜର ଇଚ୍ଛା, ଲକ୍ଷ୍ୟ ଓ ଉଦ୍ଦେଶ୍ୟ ପୂର୍ଣ୍ଣ କଲେ । ଗୋଟିଏ ଶରରେ ଦୁଇଟି ପକ୍ଷୀ ଶିକାର କଲେ । ଗୋଟିଏ ପଟରେ ଅସଂଯମୀ ଋଷିଙ୍କର କ୍ରୋଧ ଓ ଅହଂକାର ପରାଭୂତ ହେଲା ଓ ସତୀଙ୍କର ତେଜର ପରାକାଷ୍ଠା ପ୍ରତିଷ୍ଠିତ ହେଲା ଏବଂ ଅନ୍ୟ ପଟରେ ଲକ୍ଷ୍ମଣଙ୍କର ଜୀବନରକ୍ଷା ମଧ୍ୟ ସମ୍ଭବ ହେଲା । ସତରେ କହିଲୁ ପୁଅ, ଶୂଳିରେ ଚଢ଼ି ଯନ୍ତ୍ରଣାରେ କାତର ହେଉଥିବା ଋଷିଙ୍କର ଅଭିଶାପ ଦେବା କ'ଣ ଭୁଲ୍ ନା ସତୀଙ୍କର ପ୍ରତ୍ୟାଭିଶାପ ଭୁଲ୍ ? କେଉଁଠି କାହାର ଟୋପାଏ ଅହଂକାର ବି ତ୍ରୁଟି ମଧ୍ୟ ନାହିଁ କିମ୍ବା ମୂର୍ଖତା ବି ନାହିଁ । ଯଦି କୁଷ୍ଠ ରୋଗାକ୍ରାନ୍ତ ସ୍ୱାମୀଙ୍କର ଶୂଳିରେ ଚଢ଼ିଥିବା ଋଷିଙ୍କ ଦେହରେ ଗୋଡ଼ ନ ବାଜୁଛି, ଋଷି ଯଦି କ୍ରୋଧବଶତଃ ଅଭିଶାପ ନ ଦେଉଛନ୍ତି କିମ୍ବା ସତୀ ଯଦି ସତ୍ୟବାକ୍ୟ ଉଚ୍ଚାରଣ ନ କରୁଛନ୍ତି ତା' ହେଲେ ତ ରାତି ଯଥାରୀତି ଯଥା ସମୟରେ ପାହି ଯାଇଥାନ୍ତା ଓ ଏପଟେ ଲକ୍ଷ୍ମଣ ଶକ୍ତିଭେଦରୁ ମୃତ୍ୟୁ ମୁଖରେ ପଡ଼ିଥାନ୍ତେ । ତେଣୁ ଲୀଳାମୟ ସ୍ରଷ୍ଟାପୁରୁଷ ତୋ ପିତା କିଛି ଜାଣିବା ନ ଶୁଣିବା ପରି କୁଶଳ ଅଭିନୟ କରି ଲୀଳା କରିଦେଲେ । ସବୁ ଠିକ୍ ହୋଇଗଲା । ତେଣୁ ସମସ୍ତଙ୍କର ଆଚରଣ ହିଁ ଠିକ୍ । ଭଲକରି ଭିତରକୁ ଅନେଇ ଦେଖ୍‌ରେ ଧନ ! ସବୁଠାରେ ସେହି ଜଣଙ୍କର ଲୀଳା, ଆମେ ତମେ ସବୁ ଏକେଏକ ମାଧ୍ୟମ ମାତ୍ର ସିନା !

ବାବୁରେ, ତେଣୁ ସ୍ରଷ୍ଟାଙ୍କର ଲୀଳା ରହସ୍ୟ ହୃଦୟଙ୍ଗମ ନ କରି ଆପଣାର ଅହଂବୁଦ୍ଧିରୁ ଅନ୍ୟର ଦୋଷତ୍ରୁଟି ଅଯଥାରେ ଅକାରଣରେ ସର୍ବସମକ୍ଷରେ ସମାଲୋଚନା କରିବୁ ନାହିଁ । ଆମେ ତମକୁ ଯାହା କିଛି ଶିକ୍ଷା ଦେଇଛୁ, ସେହି ଅନୁସାରେ ନୀରବରେ ସ୍ୱମର୍ଯ୍ୟାଦା ରକ୍ଷା କରି ବିଶ୍ୱକଲ୍ୟାଣକର କାର୍ଯ୍ୟରେ ଦାନତ୍ୟାଗ ସେବା ନିଷ୍ଠାର ସହିତ ପାରୁପର୍ଯ୍ୟନ୍ତ ଲାଗିଯିବୁ । କିଏ କ'ଣ କଲା ନ କଲା ସେଥିରେ ମୁଣ୍ଡ ପୂରାଇ ବିକାରଗ୍ରସ୍ତ ନ ହୋଇ ନିର୍ବିକାର ଭାବରେ ମୋର ଯୋଗ୍ୟ ସନ୍ତାନ ହୋଇ ବୀରପରି ନିନ୍ଦା ପ୍ରଶଂସାକୁ କର୍ଣ୍ଣପାତ ନ କରି ଆଗକୁ ମାଡ଼ି ଚାଲିବୁ ସେହି ଏକ ଲକ୍ଷ୍ୟରେ : ଆମର ଲକ୍ଷ୍ୟ : ଚରମ ପ୍ରାପ୍ତି ଦିଗରେ ।

ଆଜି ଏତିକିରେ ରହୁଛି । ପର ଥରକୁ ପୁଣି ଏହି ତ୍ରେତୟା ସଂସ୍କୃତିରୁ ମୋ କାହାଣୀ ଆରମ୍ଭ କରିବି । ଧାରାଧରି ନିତ୍ୟ କର୍ମଯୋଗ ଅଭ୍ୟାସ କରି ସନ୍ଦେଶ ପଥ ଓ ସନ୍ଦେଶ ପତ୍ରକୁ ମାନି ସାଧନ ଭଜନ କରୁଥିବୁଟି ! ମୋତେ ସ୍ମରଣରେ ରଖିଥିବୁ, ମୁଁ ତୋ ପାଖେ ପାଖେ ରହି ତୋତେ ଅଶେଷ କଲ୍ୟାଣ କରୁଛି ।

।ଇତି।

ତୋର ଚିର ମଙ୍ଗଳାକାଂକ୍ଷୀ,

ପିତା

# କେଶବ କୈବଲ୍ୟ କଣିକା

***ଶ୍ରୀ ଶ୍ରୀ ଶ୍ରୀ ଠାକୁରଙ୍କ ସ୍ୱଶ୍ରୀମୁଖ ନିଃସୃତ ଅସଂଖ୍ୟବାଣୀ ମଧ୍ୟରୁ 'ଚରମ'ର ପ୍ରତି ସଂଖ୍ୟାରେ କତିପୟ ସୁନିର୍ବାଚିତ ବାଣୀ 'କେଶବ କୈବଲ୍ୟ କଣିକା' ସ୍ତମ୍ଭରେ ପାଠକପାଠିକାମାନଙ୍କର ଜୀବନଚର୍ଯ୍ୟା ଓ ବୃତ୍ତିପ୍ରବୃତ୍ତି ନିୟନ୍ତ୍ରଣ ଉଦ୍ଦେଶ୍ୟରେ ନିୟମିତ ପ୍ରକାଶ ପାଇ ଆସୁଛି । ପ୍ରତ୍ୟେକ ବ୍ୟକ୍ତି, ଦମ୍ପତି ଓ ପରିବାରର ଓ ସତ୍‌ସଂଗ ବୈଠକ, ଅଧିବେଶନ ଆଦିରେ ଏହା ନିୟମିତ ପାଠ କରାଯିବା ଉଚିତ ।***

- ପୂର୍ବରୁ କଥିତ ପ୍ରତ୍ୟୁଦାହରଣସବୁ ଅଭ୍ୟୁଦାହରଣ ମଧ୍ୟ ମୂଳତତ୍ତ୍ୱକୁ ବୁଝାଇବା ନିମନ୍ତେ ଉପଦେଶ ବଚନ ସହିତ ଦିଆଯାଇଥାଏ । ଉଦାହରଣ, ପ୍ରତ୍ୟୁଦାହରଣ ବା ଅଭ୍ୟୁଦାହରଣରେ ବାନ୍ଧିହୋଇ ନ ଯାଇ ମୂଳତତ୍ତ୍ୱର ଅନୁଶୀଳନ ଓ ଅଭ୍ୟାସକରଣରୁ ଜ୍ଞାନ ଉଦୟ ହୁଏ ।
- ବିଦ୍ୟା ଉପାର୍ଜନର ଚାରିଗୋଟି ପ୍ରଧାନସୂତ୍ର ରହିଛି, ଯଥା : ବିଦ୍ୱାନମାନଙ୍କର ସଂସର୍ଗ, ନିଜର କାର୍ଯସୂଚୀର ନିୟମବଦ୍ଧ ଶୃଙ୍ଖଳା, ଅଧ୍ୟୟନ ଅଭ୍ୟାସ ଏବଂ ଆଧ୍ୟାତ୍ମିକ ଜୀବନଯାପନ ।
- ଯାହାର କୋପ ଯମ ସଦୃଶ ଭୟଙ୍କର ଏବଂ ଅନୁଗ୍ରହ କଳ୍ପବୃକ୍ଷ ପରି କଲ୍ୟାଣକର, ସେ ହିଁ ଯଥାର୍ଥ ପୌରୁଷର ଅଧିକାରୀ ।
- ଅଭେଦ୍ୟ ଜଙ୍ଗଲର ଅଗୋଚର ସ୍ଥାନ ପରି, ଈଶ୍ୱରଙ୍କ ସାକ୍ଷାତ୍ ଅସମ୍ଭବ । କାରଣ ନାନାଦି କାରଣରୁ ସେ ପଥ ଦୁର୍ଗମ ।
- ସତ୍‌ସଙ୍ଗ ଦିନ କିମ୍ବା ଅର୍ଘ୍ୟ ତିଥିରେ କୌଣସି ବିଷୟ ବାସନା ସମ୍ପର୍କରେ ପ୍ରଶ୍ନ ନ କରିବା ଭଲ । ପ୍ରତ୍ୟେକଙ୍କର କିଛି ନା କିଛି ସମସ୍ୟା ରହୁଛି, ରହିବ । ପାରିବାରିକ ସମସ୍ୟାର ଅଭିଯୋଗମାନ ଆସୁଛି, ଆସିବ ମଧ୍ୟ । କିନ୍ତୁ, ପରମାର୍ଥ ଦରବାରକୁ ଆସି ସେଥିରେ ସାର୍ଥକ ହେବାହିଁ ଉଚିତ୍ ।
- ସତ୍‌ସଙ୍ଗରୁ ଫେରି ଘରେ ପହଞ୍ଚିବା ପରେ ପାରିବାରିକ ବିଶୃଙ୍ଖଳା ଜନିତ ସମସ୍ୟା ହେତୁ ଦୁଃଖ ଓ କ୍ଷୋଭ ଜାତ ହୁଏ । କେତେକଙ୍କର ଭିତ୍ତିମୂଳକ କାର୍ଯ୍ୟକ୍ରମ ରହୁଛି । ଯାହାଫଳରେ ସେମାନେ ଆପଣା ଆପଣାର ବହୁଳ ସମସ୍ୟା ଉତ୍‌ଥାପନ କରୁଅଛନ୍ତି । ରୋଗ ବ୍ୟାଧି ତଥା ଅନେକ ଶାରୀରିକ ସମସ୍ୟା ରହିଛି କିନ୍ତୁ ବହିଯିବା ପାଣିକୁ ମାନସିକ ଚିନ୍ତାରେ ନ ରଖି, ପରବର୍ତ୍ତୀ ଜୀବନ ପାଇଁ କର୍ମ କରିବାକୁ ହିଁ ପଡ଼ିବ ।
- ହତୋତ୍ସାହ ହେବା ଆଦୌ ଉଚିତ ନୁହେଁ । ସବୁ ସମସ୍ୟା ଭିତରେ ଧର୍ମର ସମସ୍ୟା ମଧ୍ୟ ରହିଛି । ଦାମ୍ପତ୍ୟ ଜୀବନର ସମସ୍ୟା ମଧ୍ୟ ଉପୁଜୁଛି । ଅର୍ଥ ସମସ୍ୟା ମଧ୍ୟ ଅନେକଙ୍କର ଉତ୍କଟ । କିନ୍ତୁ, ଏସବୁର ସମାଧାନ ନିମନ୍ତେ ସତ୍‌ସଙ୍ଗରେ ଗୁରୁସ୍ୱାମୀଙ୍କ ନିକଟରେ ଉତ୍‌ଥାପନ କରିବା ଆଦୌ ଉଚିତ ନୁହେଁ । ମଝିରେ ମଝିରେ ଆମକୁ ଏକାନ୍ତରେ ଭେଟି ନିଜ ନିଜର ବ୍ୟକ୍ତିଗତ, ଦାମ୍ପତ୍ୟ ଓ ପାରିବାରିକ ସମସ୍ୟା ଜଣାଇ ସମାଧାନ ସୂତ୍ର ନେବା ସବୁଠାରୁ ଉତ୍ତମ ପନ୍ଥା ।
- ଗୁରୁଙ୍କ ଆଦେଶ ଜନିତ କର୍ମ ସମ୍ପାଦନ ଦ୍ୱାରା ଜାତ ଦୁଃଖକଷ୍ଟର ଭୋଗ ଇତ୍ୟାଦି ସଂସ୍କାର ଅଟେ ଓ ତହିଁର ଫଳ ମଧ୍ୟ ସଂସ୍କାର ଅଟେ ।
- କଳି ରାଜତ୍ୱରେ ବା କଳି ସଂସ୍କୃତିରେ ଗୁରୁବାକ୍ୟ ପାଳନରେ ପ୍ରତିବନ୍ଧକ ଅବଶ୍ୟ ସୃଷ୍ଟି ହେବ ଏବଂ ପରମାର୍ଥ ଜୀବନରେ ଦୁଃଖ କଷ୍ଟ ମଧ୍ୟ ଭୋଗ ହେବ ।

- ଦାନବୀରମାନଙ୍କର ନାମ ଶ୍ରବଣ କୀର୍ତ୍ତନ କଲେ ଏବଂ ନିଷ୍ଠାର ସହ ସେମାନଙ୍କର ଯଶକୀର୍ତ୍ତି ଗାନ କଲେ ବା ଶ୍ରବଣ କଲେ, ଅଶେଷ ପୁଣ୍ୟଲାଭ ସହିତ ବିଶ୍ୱର ମଙ୍ଗଳ ସାଧିତ ହୁଏ ।
- ତୁଲ୍ୟ ଅବସ୍ଥାରେ ତୁଲ୍ୟ କର୍ମ ପାରିପାର୍ଶ୍ୱିକ ପରିସ୍ଥିତିରେ ସମ୍ଭବ ହୋଇଥାଏ ।
- ପ୍ରାଣଭୟରେ ସେ କାତର, ପ୍ରକୃତ ବିପଦ ନଥାଇ ଯେଉଁ ବ୍ୟକ୍ତି ବିପଦର ଆଶଙ୍କାରେ ସନ୍ଦିହାନ, ନିଜର ଶକ୍ତି ସମ୍ବନ୍ଧରେ ଯେ ଅନଭିଜ୍ଞ ଓ ଅଜ୍ଞ, ଏବଂ ଭୟ ନ କରିବା କ୍ଷେତ୍ରରେ ଯେ ଭୟଙ୍କର ଭାବନାରେ ମ୍ରିୟମାଣ, ସେ କାପୁରୁଷ ।
- ଯାହାର ବୁଦ୍ଧି ଅଧିକ ସୂକ୍ଷ୍ମ ଓ ତୀକ୍ଷ୍ଣ ଏବଂ ମେଧା ପ୍ରତିଭାଯୁକ୍ତ ହୋଇଥାଏ ତଥା ଯେ କୁବୁଦ୍ଧି, ଅବୁଦ୍ଧି ଓ ଦୁର୍ବୁଦ୍ଧିଠାରୁ ଭିନ୍ନ ବିବେକ ବୁଦ୍ଧିରେ ପରିଚାଳିତ ତାକୁ ସୁବୁଦ୍ଧି କୁହାଯାଏ । ତାଙ୍କ କଥା ଶୁଣିଲେ, ମୂର୍ଖ ମଧ୍ୟ ପଣ୍ଡିତ ହୋଇପାରେ ।
- ମଣିଷ କେତେବେଳେ ନିନ୍ଦନୀୟ ନୁହେଁ । ଜନ୍ମିତ ଶିଶୁକୁ ନିନ୍ଦା କରିବା ଭଲ ନୁହେଁ । ଭାଗ୍ୟଦଶାରୁ ବିଭିନ୍ନ ଦୁର୍ଘଟଣା ଘଟିଥାଏ । ପୁଅଝିଅଙ୍କର ଗୁଣରୁ ମାଆକୁ ରତ୍ନଗର୍ଭା ବୋଲି କୁହାଯାଏ । କାହା ଭାଗ୍ୟରେ ବିଧାତା କ'ଣ ଲେଖିଛି କେହି କହି ପାରିବେ ନାହିଁ ।
- ଯେଉଁମାନଙ୍କର ମେଧା ଓ ପ୍ରତିଭା ତୀକ୍ଷ୍ଣ ଓ ସୂକ୍ଷ୍ମ ବୁଦ୍ଧିଯୁକ୍ତ, ଯେଉଁମାନେ ସନ୍ଦେହ ମୋଚନ କରିବାରେ ପ୍ରବୀଣ ଓ କ୍ଷମ ଅଟନ୍ତି, ସେମାନଙ୍କୁ ମଧ୍ୟ ସୁବୁଦ୍ଧି କୁହାଯାଏ ।
- ରାଜା (ଶାସକ/ପ୍ରଶାସକ) ସମସ୍ତଙ୍କ ପ୍ରତି ବିନୟଭାବ ସଂପନ୍ନ ହେଲେ, ଲୋକମାନେ କୁପଥଗାମୀ ହେବା ସମ୍ଭବ । ସେହି କୁପଥଗାମୀ ଦୁଃଶୀଳ ଲୋକମାନେ କୌଣସି ନା କୌଣସି ସ୍ୱାର୍ଥଜନିତ କାରଣରୁ ରାଜାଙ୍କର ପ୍ରିୟ ହୋଇ ଶେଷରେ ତାଙ୍କରି ଅମଙ୍ଗଳ ହିଁ ବିଧାନ କରନ୍ତି ।
- ବୁଦ୍ଧିମାନ ବା ସାମାନ୍ୟ ଲୋକ ନୀଚ ସଂସର୍ଗରେ ବୁଦ୍ଧିହୀନ ହୋଇଯାଏ ।
- ବିଦ୍ୟା ସହିତ ସତତ ଯୁକ୍ତ ବ୍ୟକ୍ତିକୁ ସବିଦ୍ୟ କୁହାଯାଏ ।
- ଯେଉଁମାନେ ସବିଦ୍ୟମାନଙ୍କର କଥା ଶ୍ରବଣ କରନ୍ତି, ସେମାନଙ୍କର ମନ ସର୍ବଦା ବିଦ୍ୟାଭ୍ୟାସରେ ପ୍ରବୃତ୍ତ ହୁଏ ।
- ପ୍ରଥମାବସ୍ଥାର ଆନୁଗତ୍ୟ ଭାବ ପରବର୍ତ୍ତୀ ସମୟରେ ଛିଡ଼ିହରାଇଲେ, ଜୀବର ଅଧୋପତନ ଅବଶ୍ୟ ହୋଇଯିବ ।
- ମସ୍ତିଷ୍କ ମଧ୍ୟରେ ସ୍ଥିତ ଅଭ୍ୟସ୍ତ ସଂସ୍କାରର ଅଭ୍ୟସ୍ତ ବସ୍ତୁଲାଭ ନକଲେ, ମସ୍ତିଷ୍କ ଶାନ୍ତି ପାଏ ନାହିଁ ।
- କେତେକ ବ୍ୟକ୍ତି ବାହ୍ୟଚିନ୍ତାକୁ ଦୂରୀଭୂତ କରି ଶାନ୍ତି ପାଇବା ଉଦ୍ଦେଶ୍ୟରେ ବିଭିନ୍ନ ମାଦକଦ୍ରବ୍ୟ ସେବନ କରିଥାଆନ୍ତି । ଏହା ସେମାନଙ୍କର ଏକ ପ୍ରକାର ନିଶାରେ ପରିଣତ ହୋଇ ଯାଇଥାଏ । କିନ୍ତୁ, ନିତ୍ୟ ଶାନ୍ତି (ନିଶା) ତାଙ୍କ ପହଞ୍ଚର ବହୁତ ଦୂରରେ ।
- ଶାସ୍ତ୍ର ରଚୟିତା ଓ ସାହିତ୍ୟକଙ୍କ ମଧ୍ୟରେ ବହୁ ତାରତମ୍ୟ ଓ ପାର୍ଥକ୍ୟ ରହିଛି । ଅନେକ ସାହିତ୍ୟକଙ୍କର ବହୁତ ବଦ୍‌ଗୁଣ ଥାଏ କିନ୍ତୁ, ଶାସ୍ତ୍ରକାରମାନଙ୍କର ଅନେକ ସୁଗୁଣ ଥାଏ ।
- ଜୀବାତ୍ମା ଯେଉଁଠାରୁ ଆସିଛି, ଅବ୍ୟକ୍ତ ଆତ୍ମା ମଧ୍ୟ ସେହିଠାରୁ ଆସିଛି । କିନ୍ତୁ ଉଭୟ ଆତ୍ମା ସମାନ ନୁହେଁ । ଜୀବାତ୍ମାର ସମାଧିସ୍ଥ ଅବସ୍ଥା ଆସିଲେ, ପରମାତ୍ମା ସହିତ ସୂକ୍ଷ୍ମ ଓ କାରଣ ସ୍ତରରେ ଯୋଗସୂତ୍ର ସ୍ଥାପିତ ହୁଏ ।
- ତମମାନଙ୍କ ମଧ୍ୟରୁ ଅନେକ ଆଧ୍ୟାତ୍ମିକ କ୍ଷେତ୍ରରେ ବଡ଼ ହୋଇପାରିବେ । ଏଥିରେ ମଜ୍ଜି ରହିଲେ ସିନା ହୁଅନ୍ତା । ଉନ୍ନତି ଲାଭ କରନ୍ତେ । ମାତ୍ର ବିଭିନ୍ନ ଆଳରେ କଡ଼ଛଡ଼ା ହୋଇ ଦୂରେଇ ରହି ଆମ ଇଚ୍ଛାନୁସାରେ ଯଥାର୍ଥ କର୍ମ ଯଥା ସମୟରେ କରୁନାହାଁନ୍ତି । ଏଥିକୁ ଆମର ବା ଦୋଷ କ'ଣ ?

# ମୋହକଳ୍ପରୁ ଉଦ୍ଧୃତାଂଶର ବ୍ୟାଖ୍ୟା

*ମହାପୁରୁଷ ଅଚ୍ୟୁତାନନ୍ଦ ସବିକଳ୍ପ ସମାଧିରେ ଯୋଗୀର ଜ୍ଞାନ ବିଜ୍ଞାନ ନିରାକାର ପୁରୁଷଙ୍କଠାରୁ ପ୍ରାପ୍ତ ହୋଇଛନ୍ତି । ସେହି ପ୍ରାପ୍ତ ଜ୍ଞାନକୁ ଜଗତ କଲ୍ୟାଣ ନିମନ୍ତେ ପ୍ରିୟ ଶିଷ୍ୟ ରାମ ଦାସଙ୍କୁ ଏକାନ୍ତରେ ଗୋପନୀୟ ଭାବରେ ଅବଗତ କରାଇଛନ୍ତି । ସିଦ୍ଧ ସାଧକ ଅଚ୍ୟୁତଙ୍କ ରଚିତ ମୋହକଳ୍ପର ୨୬/୨୭ ପୃଷ୍ଠାରୁ କତିପୟ ପଦ ଚରମର ନବମ ସଂଖ୍ୟା (୬/୧୨/୯୫ରେ ପ୍ରକାଶିତ)ରେ ପ୍ରସ୍ତୁତ ହୋଇଛି । ସମ୍ପାଦନା ନୀତି ଦୃଷ୍ଟିରୁ ଏଠାରେ ତାହାର ବ୍ୟାଖ୍ୟା ପ୍ରସ୍ତୁତ ହେଉଛି ।*

ଅନନ୍ତ କେଶରୀ ହେଉଛନ୍ତି ଅବ୍ୟକ୍ତ ବ୍ରହ୍ମ । ସେ ନିର୍ଗୁଣ ଓ ନିରାକାର । ଦଇତାରୀ ହେଉଛନ୍ତି ସଗୁଣ ବ୍ରହ୍ମ । ସଗୁଣ ବ୍ରହ୍ମ ରୂପ ଓ ନାମ ଧାରଣ କରି ଜୀବ କୁଳର ଉଦ୍ଧାର ପାଇଁ ଧରାପୃଷ୍ଠରେ ଅବତୀର୍ଣ୍ଣ ହୁଅନ୍ତି । ସଗୁଣ ବ୍ରହ୍ମରୁ ଜୀବବ୍ରହ୍ମ ଆସିଲା ଏବଂ ଜୀବ ମଧ୍ୟରେ ଉଭୟ ବ୍ରହ୍ମ ଏବଂ ପରଂବ୍ରହ୍ମ ବିରାଜମାନ କଲେ । ଦେଉଳ ବୋଇଲେ ପିଣ୍ଡ । ଏହି ପିଣ୍ଡରୁ ଯଥା ସମୟରେ ଆତ୍ମା ଅନ୍ତର ହୁଅନ୍ତି । ଏହା ଏକ ଚିରନ୍ତନ ସତ୍ୟ । (୧)

ହରେକୃଷ୍ଣ ବୋଇଲେ ଧୀତତ୍ତ୍ୱୀୟ ଜ୍ଞାନ । ଏହା କୋଷ, ଅଣୁ ସୂକ୍ଷ୍ମାଦି ତତ୍ତ୍ୱ । ବ୍ରହ୍ମାନନ୍ଦ ବୋଇଲେ ଜୀବବ୍ରହ୍ମ ଓ ପରଂବ୍ରହ୍ମର ଯୁଗ୍ମ ନିତ୍ୟାନନ୍ଦ ପ୍ରାପ୍ତି । ସଂକେତ ବୋଇଲେ ଜ୍ୟୋତି । ବ୍ରହ୍ମାନନ୍ଦ ପ୍ରାପ୍ତିର ସଂକେତ ହେଉଛି ନୀଳବର୍ଣ୍ଣ ଜ୍ୟୋତି । ନିର୍ବିକଳ୍ପ ସମାଧିରେ ଏହା ଦର୍ଶନ ହୁଏ । ଗୋହିରା କହିଲେ ମିନାକ ମଣ୍ଡଳକୁ ବୁଝାଏ । ଟିକିରା କହିଲେ କୃଣାଳ ବ୍ରହ୍ମକୁ ବୁଝାଏ । ଯୋଗସ୍ଥ ଅବସ୍ଥାରେ ଦେହ ମଧ୍ୟରେ ଖଣ୍ଡ ପ୍ରଳୟ ଦେଖାଦେଲେ ତାହାକୁ କୃଣାଳ ବ୍ରହ୍ମ କୁହନ୍ତି । ଏହି ଅବସ୍ଥାରେ ଯୋଗୀର ପିଣ୍ଡ ତତ୍ତ୍ୱୀୟ ଜ୍ଞାନର ଉପଲବ୍ଧି ହୁଏ । ଏଠାରେ ଏହି ଭାବ ଟିକିରା ବୋଲାଉଛି । ଯଜନସ୍ତପୁର କହିଲେ ଲଲାଟଚକ୍ର । ମହୁରାଗ୍ରାମ କହିଲେ ଅନ୍ତ ବୈଖାରୀ । ଅଙ୍କୁର ହେଉଛି ଜୀବ । ଜୀବ ସାଧନମାର୍ଗରେ କୃଣାଳବ୍ରହ୍ମ ଅବସ୍ଥା ପ୍ରାପ୍ତ ହେଲେ ଲଲାଟ ଚକ୍ରରେ ଜ୍ୟୋତି ଦର୍ଶନ କରି ଅନ୍ତ ବୈଖାରୀରେ ଉପଲବ୍ଧ ଜ୍ଞାନ ଅନୁଭୂତି ପ୍ରକାଶ କରେ । (୨)

ଜଗନ୍ନାଥ ହିଁ ପରଂବ୍ରହ୍ମ । ନର ଶରୀରରେ ପରଂବ୍ରହ୍ମ ଅବତୀର୍ଣ୍ଣ ହେଲେ ଭକ୍ତ ଚିହ୍ନିପାରି ପ୍ରକାଶ କଲେ ମଧ୍ୟ ସମସ୍ତେ ତାହାଙ୍କୁ ଚିହ୍ନି ପାରନ୍ତି ନାହିଁ । ଲକ୍ଷ ଲକ୍ଷ କୋଟି କୋଟି ଲୋକଙ୍କ ଦ୍ୱାରା ମୋହ ମାୟା ଆଚ୍ଛନ୍ନ ସାତ୍ତ୍ୱିକ ଜୀବ ସେବା ଲାଭ କରନ୍ତି । ସାତ୍ତ୍ୱିକ ଜୀବର ଜ୍ଞାନ ପଶ୍ୟନ୍ତି ଓ ମଧ୍ୟମାକୁ ସ୍ପର୍ଶ କଲେ ତାହାଙ୍କୁ ବୈଷ୍ଣବ ବୋଲାଯାଏ । (୩)

ସର୍ବସାଧାରଣରେ କୋଟି କୋଟି ଲୋକ ସାତ୍ତ୍ୱିକ ଗୁଣ ସମ୍ପନ୍ନ ବୈଷ୍ଣବଙ୍କ ସେବାକରି ବ୍ରହ୍ମଜ୍ଞାନ ରୂପକ ଅଧର ଅମୃତ ବ୍ରହ୍ମଜ୍ଞାନ ମଣ୍ଡଳ ଭୋଗକରି ଯୋଗସ୍ଥ ଯୋଗୀଙ୍କ ଦ୍ୱାରା ପାନ କରିଥାଆନ୍ତି । ବିଟାଇସ୍ ବୋଇଲେ ମର୍ତ୍ତ୍ୟଭୂମିରେ ପ୍ରବାହିତ ହେବା । ଅଧର ଅମୃତ ବୋଇଲେ ବ୍ରହ୍ମତତ୍ତ୍ୱ, ଜ୍ଞାନ ବିଜ୍ଞାନ ସମ୍ବନ୍ଧୀୟ ଭଗବଦ୍ ରସ । (୪)

ମୁହୂର୍ତ୍ତ ମହୁରା ବୋଇଲେ ସ୍ୱର୍ଣ୍ଣକ୍ଷେତ୍ର ବା ଜୀବ ବ୍ରହ୍ମର ତମଗୁଣ ବିଶିଷ୍ଟ ଆସୁରିକ ବୃତ୍ତି ପ୍ରବୃତ୍ତି ଓ ପ୍ରକୃତି । ଝଟକେଶ୍ୱର ହେଉଛି ମାୟାବ୍ରହ୍ମ ଓ ମାୟାଜ୍ୟୋତି । ଏହି ଉଭୟ ତତ୍ତ୍ୱ ସମସ୍ତଙ୍କୁ ଜ୍ଞାତ ଓ ପ୍ରାପ୍ତ ହୁଏ ନାହିଁ । ଶଙ୍ଖ ହେଉଛି ଭୂସମ୍ବନ୍ଧୀୟ ଜାଗତିକ ବସ୍ତୁର ଅଣିମା ଜ୍ଞାନ । ଚକ୍ର କାଳକୁ ବୁଝାଏ । ଏହା ଜୀବ ମଧ୍ୟରେ ମାୟାଚ୍ଛନ୍ନ ଅବସ୍ଥା । ଏହି ଅବସ୍ଥାରେ ଜୀବ ଜଡ଼ ହୋଇ ରହିଥାଏ । ଯେଉଁ ଦିବ୍ୟାତ୍ମା ଏତାଦୃଶ ଜଡ଼ ଜ୍ଞାନ ଓ କାଳକୁ ବାରଣ ନ କରି ସେବା କରୁଥାଏ କାଳକ୍ରମେ ସେ ମାୟା ମୋହକୁ ଅତିକ୍ରମ କରିଯାଏ । (୫)

ଅନନ୍ତ ବୋଇଲେ ଅବ୍ୟକ୍ତ ବ୍ରହ୍ମ । ଧନ ସମ୍ପତ୍ତି ହେଉଛି ସତ୍ୟେନ୍ଦ୍ରିୟ ଗୃହର ସକଳ ସାତ୍ତ୍ୱିକ ଗୁଣ ଓ ଭାବ । ପ୍ରଭୁପଣ କହିଲେ ମୋହ ଗର୍ବରେ ବଶୀଭୂତ ହୋଇ ପ୍ରଭୁତ୍ୱ ବିସ୍ତାର କରିବା ଏବଂ ମୁଁ କାର ଅର୍ଜନ ଓ ଲାଭ କରିବା । ଲଲାଟ କେଶରୀ ହେଉଛି ଲଲାଟ ଚକ୍ରର ବଙ୍କନାଳ ବାଗୋଲହାଟ ବା ତ୍ରିକୂଟ । ହରେକୃଷ୍ଣ ଦାସ ହେଉଛନ୍ତି ଧାନାତ୍ମା ଜୀବ । ଜୀବ ମୁଁ କାର ମଧ୍ୟରେ ମାୟାବ୍ରହ୍ମରେ ଥାଇ ବ୍ରହ୍ମକୁ ଲାଭ କରିବାର ସଂକେତ ବା ଜ୍ୟୋତି ବୁଝି ଯୋଗ ପଥରେ ଅଗ୍ରସର ହୁଏ । (୬)

ପ୍ରମାଣ ବଚନ ହେଉଛି ହରିଦ୍ରା ବର୍ଣ୍ଣ ବ୍ରହ୍ମଃ ଅବସ୍ଥା । ଅନନ୍ତ କେଶରୀ କହିଲେ ତାମସ ବ୍ରହ୍ମ । ସେ ବଡ଼ କୋପ କରି ଅର୍ଥାତ୍ ବ୍ରହ୍ମର ସ୍ୱରୂପ ଅବସ୍ଥାରେ ମର୍ତ୍ତ୍ୟ ମଣ୍ଡଳରେ ଅବତୀର୍ଣ୍ଣ ହୁଅନ୍ତି (୭)

ତମ ରଜ ମିଶ୍ରିତ ଜ୍ୟୋତିଃ ବ୍ରହ୍ମକୁ ଏଠାରେ ଦଇତାରୀ ବୋଲା ଯାଇଛି । ଅବ୍ୟକ୍ତବ୍ରହ୍ମ ଜ୍ୟୋତି ବ୍ରହ୍ମକୁ ଐଶ୍ୱର୍ଯ୍ୟା, ବିଭବ ଓ ଦର୍ଶନ ଦେଖାଇବା ପାଇଁ ଦାବି କରେ । (୮)

ଦ୍ୱାପର ଯୁଗ ବୋଇଲେ ଅଙ୍କୁର ବା ଜୀବର ମଧ୍ୟାହ୍ନ ଭୋଗ ଅର୍ଥାତ୍ ଦିବା ବାର ଘଣ୍ଟାରୁ ସନ୍ଧ୍ୟା ଛଅ ଘଣ୍ଟା ପଚିଶ ମିନିଟ୍ ପର୍ଯ୍ୟନ୍ତ ପିଣ୍ଡରେ ଜୀବର ଭୋଗ ଦଶାକୁ ବୁଝାଏ । ଏହି ସମୟରେ ଜୀବ ଜ୍ୟୋତି ବ୍ରହ୍ମ ଓ ଅବ୍ୟକ୍ତ ବ୍ରହ୍ମଠାରେ ଶରଣ ନେଇ ଚରଣ ସେବା କରିବା ପ୍ରଶସ୍ତ ଅଟେ । (୯)

ଜୀବର ଅଧିକାରୀ ବିବେକ । ଅବ୍ୟକ୍ତରେ ସେ ସର୍ବନାମ । ବ୍ୟକ୍ତରେ ନାମ ଓ ବ୍ରହ୍ମ ପୃଥକ୍ ହୁଏ । ବିଷୟାଭୋଗରେ ଗର୍ବ ଓ ଦର୍ପର ବଶୀଭୂତ ହୋଇ ମହିମା ଜୀବ ଇନ୍ଦ୍ରିୟ ଭୋଗବିଳାସରେ କାଳାତିପାତ କରି ସମ୍ପତ୍ତି ବା ବିଷୟରସ ମଦ ବା ଗର୍ବରେ ପଡ଼ି ଶକଟକ ମଣ୍ଡଳ ବା ସ୍ଥୂଳ ଜଗତରେ ଆପଣା ସ୍ୱରୂପ ପାଶୋରି ଯାଏ । (୧୦)

ସ୍ଥୂଳ ଜଗତରେ ଜୀବ ଐଶ୍ୱର୍ଯ୍ୟ ଭୋଗରେ ପଡ଼ି ସତ୍ୟେନ୍ଦ୍ରିୟ ପ୍ରକୋଷ୍ଠ ରୁଦ୍ଧ ହେତୁ ପ୍ରେମ ଭକ୍ତି ଇତ୍ୟାଦି ସାତ୍ତ୍ୱିକ ଗୁଣ ହରାଇ ବସେ । ବିଷୟ ବିଷରସରେ ଗର୍ବ ଅହଂକାରର ବଶବର୍ତ୍ତୀ ହୋଇ ପର୍ଯ୍ୟାୟକ୍ରମେ ନରକ ଯନ୍ତ୍ରଣା ରୂପକ ଦୁଃଖ, ଶୋକ, ରୋଗ, କାଳ (ମୃତ୍ୟୁ) ଇତ୍ୟାଦିକୁ ସହ୍ୟ କରିବାକୁ ବାଧ୍ୟ ହୁଏ । (୧୧)

***

ନାରୀକୁ ଧରି ତୁ ହେଉଛୁ ବାଇ ।
ସଙ୍ଗତେ ତୋର ଯିବ କି ସେହି ??

ବିଷୟା ରସିକ ସେତିକି ମଜ୍ଜା ।
ବେଳ ହୋଇଲାଣି ଗୁରୁଙ୍କୁ ଭଜ ।।




## ''ଆଗକୁ ସମୟ ବଡ଼ ଖୁମାଣ । ଅଭିମାନ ଛାଡ଼, ତେଜ ଗୁମାନ ।''

ମହାପୁରୁଷ ଅଚ୍ୟୁତଙ୍କର ଏହି ସଙ୍କେତ ଧର୍ମୀ ସତର୍କବାଣୀ ସାମ୍ପ୍ରତିକ ପୃଥିବୀ ପାଇଁ ଚରମ ଚେତାବନୀ । ୧୯୯୫ ଦୁଃଖର ବର୍ଷ ବିତିଯାଇଛି, ୧୯୯୬ : ଶୋକର ବର୍ଷ ଏବେ ଭୋଗ ହେଉଛି, ହେବ । ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ଅହଂବୁଦ୍ଧିରୁ ଅଭିମାନ, ଗୁମାନ ଇତ୍ୟାଦିର ବା ମୂଲ୍ୟ କ'ଣ ହୋଇପାରେ ? ମୂଲ୍ୟହୀନ ଆଳାପ ଆଲୋଚନା, ଅର୍ଥହୀନ ଥଟ୍ଟାପରିହାସ, ଫଳହୀନ କର୍ମଧାରା, ଅଯଥା ଦୁଶ୍ଚିନ୍ତା ଓ ମନସ୍ତାପରେ କି ଲାଭ ?

ସମୟର ଅପବ୍ୟୟ କରନାହିଁ । ଶକ୍ତି ଓ ଅର୍ଥର ଅପଚୟ କରନାହିଁ । ତମର ସମୟ ହିଁ ତମର ଜୀବନ । ତେଣୁ, ଜୀବନର ପ୍ରତିଟି ମୁହୂର୍ତ୍ତ ଶ୍ରୀଗୁରୁଙ୍କ ନିର୍ଦ୍ଦେଶିତ କର୍ମଧାରା ପାଳନରେ ବିନିଯୋଗ କର । ତମ ଶକ୍ତି, ସାମର୍ଥ୍ୟ ଖଟାଇ ତମରି ଅର୍ଥ ଦ୍ୱାରା ଶ୍ରୀଗୁରୁଙ୍କ ପ୍ରୀତି ଅର୍ଥରେ କାର୍ଯ୍ୟବାହି ନିଅ । ଶ୍ରୀଗୁରୁଙ୍କ ପାଦପଦ୍ମରେ ଲୟ ସ୍ଥିର କରି ଶରଣାଗତ ହୋଇଯାଅ । ତାଙ୍କୁହିଁ ଆଶ୍ରୟ କରି ନିରାଶ୍ରୟ ହୋଇଯାଅ । ତାଙ୍କୁ ହିଁ ନିର୍ଭର କରି ନର୍ଭୟ ହୋଇଯାଅ ।

ଆଳସ୍ୟ ତ୍ୟାଗ କର । ଯେତେବେଳେ ସମୟ ପାଉଛ, ତାହା ଶ୍ରୀଗୁରୁଙ୍କ ପ୍ରୀତ୍ୟାର୍ଥେ କାର୍ଯ୍ୟରେ ବିନିଯୋଗ କର । ସ୍ୱାଧ୍ୟାୟ କର । 'ଚରମ', 'ଚିନ୍ତନ', 'ଅନିର୍ବାଣ ଦୀପଶିଖା' ଇତ୍ୟାଦି ପୁସ୍ତକ ପୁସ୍ତିକା ବାରମ୍ବାର ଆଗ୍ରହ ସହକାରେ ଧୈର୍ଯ୍ୟଧରି ପାଠକର, ପଢ଼ି ଅନ୍ୟମାନଙ୍କୁ ଶୁଣାଅ । ପଠନ, ଶ୍ରବଣ ସହିତ ସ୍ମରଣ କର । ବାରମ୍ବାର ପଢ଼ିଲେ, ଶୁଣିଲେ ମନେ ରହିଯିବ । ସଦ୍‌ଚିନ୍ତାରେ ମନ ଭରପୁର ହୋଇଯିବ । ନିଗୂଢ଼ ଭଗବଦ୍ ତତ୍ତ୍ୱରେ ମନ ପବିତ୍ର ହୋଇଯିବ । ପବିତ୍ର ମନ ହିଁ ଭଗବଦ୍ କୃପା ଉପଲବ୍ଧିର ପ୍ରଥମ ସୋପାନ । ଥରେ ଭଗବଦ୍ କୃପା ଉପଲବ୍ଧି ହେଲେ, ତେଣିକି ସବୁ ସହଜ, ସୁନ୍ଦର ହୋଇଉଠିବ ।

ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍‌ର ସୁପରିଚାଳନା ନିମନ୍ତେ ପୂର୍ଣ୍ଣପ୍ରାଣରେ ସହଯୋଗ କର । ଅଚ୍ୟୁତ ଗୁପ୍ତ ବ୍ରହ୍ମ ସଂଘର ନିର୍ଦ୍ଦେଶକୁ କଡ଼ାକଡ଼ି ଭାବରେ ପାଳନ କର । ଆ ଶ୍ରମର ସକଳ ସଂସ୍ଥା ସହିତ ନିଜକୁ ଜଡ଼ିତ କରି କାର୍ଯ୍ୟ ବାହିନିଅ । କର୍ମ ସହିତ ମନକୁ ଶ୍ରୀପାଦପଦ୍ମରେ ଯୋଗକରି ପ୍ରକୃତ କର୍ମଯୋଗରେ ରହି କର୍ମଯୋଗୀ ହୁଅ । ବାକ୍ୟବୀର ହୋଇ କେବଳ ଗୁଡ଼ାଏ ବକନାହିଁ । ଯଥାସମ୍ଭବ ନୀରବତା ରକ୍ଷାକର । କେବଳ ବଚନସର୍ବସ୍ୱ ହୋଇଯାଅ ନାହିଁ ।

ଯେ ଯେଉଁଠି ଥାଅ ନା କାହିଁକି, ଶ୍ରୀଗୁରୁଙ୍କ ପ୍ରୀତି ନିମନ୍ତେ କର୍ମଯୋଗରେ ବ୍ରତୀ ହୁଅ । କର୍ମଯୋଗ ଆଉ କ'ଣ କି ? ବୁଦ୍ଧି ଓ ଇନ୍ଦ୍ରିୟ ଦ୍ୱାରା କର୍ମ କରିବା ଏବଂ ମନକୁ ତହିଁରୁ କାଢ଼ି ଆଣି ଶ୍ରୀପାଦପଦ୍ମରେ ଯୋଗ କରିବା । କର୍ମକୁ କର୍ମ ହେବ, ଯୋଗକୁ ଯୋଗ ହେବ । ଏହାହିଁ ତ ଅସଲ କର୍ମଯୋଗ । ଏପରି କର୍ମଯୋଗୀ ହୁଅ । କର୍ମ ତ୍ୟାଗ କରନାହିଁ । ଏ ଧରାଧାମ କେବଳ ତମର ଜନ୍ମଭୂମି ନୁହେଁ, କର୍ମ ଭୂମି ମଧ୍ୟ । କର୍ମ କରିବା ହିଁ ଧର୍ମ । କର୍ମ ତ୍ୟାଗ କଲେ ଧର୍ମହାନି ହୁଏ । ନିଷ୍କର୍ମା ହୋଇ ବସିଯାଅ ନାହିଁ । ଆଳସ୍ୟ ଅସୁର ତମକୁ କାବୁ କରି ଦେବ ଯେ !

ଶାଖା ସତ୍‌ସଙ୍ଗରେ ନିୟମିତ ଯୋଗଦିଅ । ଶୃଙ୍ଖଳା ରକ୍ଷାକର । ଅନୁଶାସନ ମାନି ଚାଲ । ଯଥାବିଧି ଶାଖା ସତ୍‌ସଙ୍ଗରେ ନିୟମିତ ଯୋଗ ଦେଲେ, ଶ୍ରୀଗୁରୁଙ୍କର ସୂକ୍ଷ୍ମସତ୍ତା ନିଜ ମଧ୍ୟରେ ଅନୁଭବ କରିବ ନିଶ୍ଚୟ । ପ୍ରଚାର ପ୍ରସାର କର, ଶୃଙ୍ଖଳା ମଧ୍ୟରେ ରହି କର । ମନମୁଖୀ ହୁଅନାହିଁ । ମନମୁଖୀ ହେଲେ ଅହଂକାର ଜମାଟ ବାନ୍ଧିଯିବ । ଅହଂକାର ଜମାଟ ବାନ୍ଧିଗଲେ, ଶରଣାଗତି ଆଦୌ ସମ୍ଭବ ହେବ ନାହିଁ । ଶରଣାଗତି ନ ହେଲେ କିଏ ତମର ତ୍ରାଣକର୍ତ୍ତା ? କିଏ ତମର ରକ୍ଷା କବଚ ? କିଏ ତମର ଆଶ୍ରୟ ? ସବୁ ପଣ୍ଡ ହେଉଛି, ହେବ ମଧ୍ୟ ।

ତମେ ବିଶ୍ୱପିତାଙ୍କର ଅମୃତ ସନ୍ତାନ । ସେହିପରି ସକଳେ ପରମପିତାଙ୍କର ଅମୃତସନ୍ତାନ । କାହା ପ୍ରତି ବିଦ୍ୱେଷ ଭାବ ପୋଷଣ କରନାହିଁ । ପରସ୍ପର ସହଯୋଗ ମନୋବୃତ୍ତିରେ ଶାଖା ଓ ଶାଖା ବାହାରେ ସର୍ବତ୍ର ସର୍ବଦା ସଂଘୀୟ କାର୍ଯ୍ୟ ନିଷ୍ଠା, ତ୍ୟାଗ, ସେବା ଓ ଆନ୍ତରିକତାର ସହିତ ବାହିନିଅ । ପରମପିତାଙ୍କ କରୁଣା ଅବଶ୍ୟ ଲାଭ କରିବ । ପ୍ରାଣେ ପ୍ରାଣେ ତାଙ୍କରି କଲ୍ୟାଣ ଅନୁଭବ କରିବ ହିଁ କରିବ ।

# ଆଶ୍ରମ ସନ୍ଦେଶ

ତା୧୬।୧୦।୯୫ରିଖ (ସୋମବାର) : ଏହି ଦିବସରେ ଶ୍ରୀ ଶ୍ରୀ ଠାକୁର କେତେକ ସୂକ୍ଷ୍ମ କାର୍ଯ୍ୟୋପଲକ୍ଷେ ସପ୍ତଶଯ୍ୟା ଗସ୍ତ କରିଥିଲେ ।

ତା ୧୯।୧୦।୯୫ରିଖ(ଗୁରୁବାର) : ମହାପ୍ରଭୁ ଆଜି ପୁରୀ କୋଣାର୍କ ଆଦି ସ୍ଥାନକୁ ଗସ୍ତ କରିଥିଲେ ।

ତା୨୩।୧୦।୯୫ରିଖ (ସୋମବାର) : ଦୀପାବଲ୍ୟୁତ୍ସବ : ଜଗତପୁରସ୍ଥ କେଶବ ଭବନରେ ସମବେତ ଅନୁଗତ ଶିଷ୍ୟଶିଷ୍ୟା ଭକ୍ତଗଣ ମହାଉଲ୍ଲାସରେ ଦୀପାବଳୀ ଉତ୍ସବ ଶ୍ରୀଶ୍ରୀଶ୍ରୀ ଠାକୁରଙ୍କ ଗହଣରେ ପାଳନ କରିଥିଲେ ।

ତା୨୪।୧୦।୯୫ରିଖ (ମଙ୍ଗଳବାର) : ଅମାବାସ୍ୟା:ପୂର୍ଣ୍ଣସୂର୍ଯ୍ୟପରାଗ : ଏହି ଉପଲକ୍ଷେ ବାରିପଦା (ପ୍ରସ୍ତାବିତ) ଶାଖା କ୍ଷିତିଜ୍ୟୋତି ଆଶ୍ରମରେ ସମବେତ ଗୁରୁଭାଇଭଉଣୀମାନେ ଶୁଚିବନ୍ତ ହୋଇ ଶୁଦ୍ଧପୂତ ଭାବରେ ପ୍ରାତଃ ୭ ଘଟିକାରୁ ଦିବା ଘ୧୦.୩୦ମି: ପର୍ଯ୍ୟନ୍ତ ଅଖଣ୍ଡ ମହାମନ୍ତ୍ର ସଂକୀର୍ତ୍ତନ, ଶଙ୍ଖ, ହରିବୋଲ, ହୁଳହୁଳି ଧ୍ୱନି ମଧ୍ୟରେ ବିଶ୍ୱଶାନ୍ତି ନିମନ୍ତେ ପ୍ରଭୁପାଦଙ୍କର ପଦ୍ମପାଦପୀଠରେ ସମବେତ ପ୍ରାର୍ଥନା କରିଥିଲେ ।

ତା୩୧।୧୦।୯୫ରିଖ (ମଙ୍ଗଳବାର) : ରାତି ଘ.୧୦.୫୫ମି:ରେ ମହାପ୍ରଭୁ ଅବାଡ଼ଭାଗ ଏବଂ ସ୍ୱର୍ଣ୍ଣକ୍ଷେତ୍ର ଗସ୍ତ କରିଛନ୍ତି ।

ତା୦୧।୧୧।୯୫ରିଖ (ବୁଧବାର) : ରୋଧପୁର ଶାଖାର ବାର୍ଷିକୋତ୍ସବ ଯଥାବିଧି ପାଳିତ ହୋଇଛି ଏବଂ ଏହି ଉପଲକ୍ଷେ ଅତ୍ୟନ୍ତ ଗୁପ୍ତ ବ୍ରହ୍ମ ସଂଘର ସତ୍‌ସଙ୍ଗ କାର୍ଯ୍ୟକ୍ରମ ମଧ୍ୟ ଯଥାରୀତି ପାଳନ କରାଯାଇଛି ।

ତା୦୨।୧୧।୯୫ରିଖ (ଗୁରୁବାର) ଠାରୁ

ତା ୦୭।୧୧।୯୫ରିଖ (ମଙ୍ଗଳବାର) : ଶଠିଲୋଣି ଶୁଆ ଶାଖାରେ ରାସ ଉତ୍ସବ ଯଥାବିଧି ପାଳିତ ହୋଇଛି ଏବଂ ଏହି ଅବସରରେ ଭାଗବତର ରାସ ପଞ୍ଚାଧ୍ୟାୟୀ ଆଲୋଚନା ହୋଇଛି ।

ତା୦୭।୧୧।୯୫ରିଖ (ମଙ୍ଗଳବାର) : ପବିତ୍ର ରାସ ପୂର୍ଣ୍ଣିମା ସଂଧ୍ୟାରେ ସ୍ୱର୍ଣ୍ଣକ୍ଷେତ୍ରର ଜରିଆ ଉପକଣ୍ଠସ୍ଥ ଅବାଡ଼ବାଗର ଶ୍ରୀ ଜଗନ୍ନାଥ ମନ୍ଦିର ପରିସରରେ କ୍ଷିତିଜ୍ୟୋତି ସଙ୍ଗୀତ ମହାବିଦ୍ୟାଳୟର ବାର୍ଷିକୋତ୍ସବ ମହାସମାରୋହରେ ପାଳିତ ହୋଇଛି । ଏହି ଅବସରରେ ଓଡ଼ିଶାର ଖ୍ୟାତନାମା ଶିଳ୍ପୀମାନେ ଭଜନ, ଜଣାଣ, ଓଡ଼ିଶୀ ସଙ୍ଗୀତାଦି ପରିବେଷଣ କରି ଏବଂ ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ କରି ସମବେତ ହଜାର ହଜାର କଳାପ୍ରେମୀମାନଙ୍କୁ ଆନନ୍ଦ ପ୍ରଦାନ କରିଛନ୍ତି । ପ୍ରାତଃ ୫ ଘଟିକାରୁ ସନ୍ଧ୍ୟା ୬ଘଟିକା ପର୍ଯ୍ୟନ୍ତ କ୍ଷିତିଜ୍ୟୋତି ଆଶ୍ରମ ପରିସରରେ ଚତୁର୍ଥପ୍ରହର ବ୍ୟାପୀ ଅଖଣ୍ଡ ମହାମନ୍ତ୍ର ସଂକୀର୍ତ୍ତନ ଉଦ୍‌ଯାପିତ ହୋଇଛି ।

ତା ୧୭।୧୧।୯୫ରିଖ (ଶୁକ୍ରବାର) : କୁଳିଆ ଶାଖାନ୍ତର୍ଭୁକ୍ତ ଗୁରୁଭାଇ +୨ ଶ୍ରେଣୀ ୨୦ ବର୍ଷ ଛାତ୍ର ଦୁର୍ଗାପ୍ରସାଦ ସାମଲ (୦୭.୧୧.୯୫ରାସ ପୂର୍ଣ୍ଣିମା ତିଥିରେ ଦେହାନ୍ତ)ଙ୍କର ଆତ୍ମାର ସଦ୍‌ଗତି ଓ ମୋକ୍ଷ ନିମନ୍ତେ ଅଚ୍ୟୁତ ଗୁପ୍ତ ବ୍ରହ୍ମ ସଂଘ ତରଫରୁ ତିଳତର୍ପଣ କାର୍ଯ୍ୟ ସମାପିତ ହୋଇଛି ।

ତା ୧୯।୧୧।୯୫ରିଖ (ରବିବାର) : ଉତ୍ପନ୍ନା କୃଷ୍ଣା ଏକାଦଶୀ : ରାଜକିଶୋର ବିଦ୍ୟାପୀଠ, ତରୋକ, ଜଗତପୁର, କଟକରେ ଅଚ୍ୟୁତ ଗୁପ୍ତ ବ୍ରହ୍ମ ସଂଘର ୫୦ତମ ସଦ୍‌ସଙ୍ଗ ଅଧିବେଶନ ଓ ରୌପ୍ୟ ଜୟନ୍ତୀ ଉତ୍ସବ ବ୍ରହ୍ମଚାରୀ ହରିନାରାୟଣ ଦାସ୍‌ଜୀ ମହାରାଜଙ୍କ ଅଧ୍ୟକ୍ଷତାରେ ମହାସମାରୋହରେ ପାଳିତ ହୋଇଅଛି ।

ତା ୨୪।୧୧।୯୫ରିଖ (ଶୁକ୍ରବାର) : ପୂର୍ବାହ୍ଣରେ କ୍ଷିତି ଜ୍ୟୋତି ଆଶ୍ରମ ପରିସରରେ ମହାପ୍ରଭୁ ଶ୍ରୀଶ୍ରୀ ଠାକୁରଙ୍କର ସଦୟ ଉପସ୍ଥିତିରେ ସଦ୍‌ସଙ୍ଗ ସେବାୟତ କର୍ମୀ ବୈଠକ ହୋଇ ଆଗାମୀ ଦିନପାଇଁ ପ୍ରସ୍ତାବମାନ ଗୃହୀତ ହୋଇଛି ।

ତା ୨୫।୧୧।୯୫ ରିଖ (ଶନିବାର) : ପୂର୍ବାହ୍ଣରେ କ୍ଷିତିଜ୍ୟୋତିଃ ଆଶ୍ରମରେ ବିଭିନ୍ନ ଶାଖା, ପ୍ରସ୍ତାବିତ ଶାଖା, ଉପଶାଖା, ଅଣଆନୁଷ୍ଠାନିକ ଶାଖାମାନଙ୍କର ପରିଚାଳକ, ସହପରିଚାଳକ, ପୂଜକ, ସହପୂଜକ ଓ ପ୍ରତିନିଧିମାନଙ୍କର ବୈଠକ ଆଶ୍ରମ ପରିସରରେ ଭାବଗ୍ରାହୀ କରୁଣାସାଗର ଶ୍ରୀଶ୍ରୀଠାକୁରଙ୍କର ସଦୟ ଉପସ୍ଥିତିରେ ଅନୁଷ୍ଠିତ ହୋଇ ଆଗାମୀ ଦିନ ପାଇଁ ପ୍ରସ୍ତାବମାନ ଗୃହୀତ ହୋଇଛି ।

ତା୨୬।୧୧।୯୫ରିଖ (ରବିବାର) : ଚାୟାଁପାଳର ଗୁରୁଭ୍ରାତା ଧନୁଭାଇଙ୍କ ବାସଭବନରେ ଗୀତାଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଆହୁତି ପ୍ରଦାନ କରିଥିଲେ ବିଶ୍ୱନାଥ ବାବା ଏବଂ କେଶବଦାସ ବୃନ୍ଦାବନ ।

ତା ୦୨।୧୨।୯୫ରିଖ (ଶନିବାର) : ମୋକ୍ଷଦା ଶୁକ୍ଳା ଏକାଦଶୀ : କେନ୍ଦୁଝର ଜିଲ୍ଲା କେନ୍ଦ୍ରୀୟ ସଂଗଠନ ଅନ୍ତର୍ଭୁକ୍ତ ରାଙ୍କି ଶାଖାର ଉନ୍ମୋଚନ ଉତ୍ସବ ପାଳନ କରାଯାଇଛି । ଏହି ଉପଲକ୍ଷେ ସଂଧ୍ୟାରେ ଅଚ୍ୟୁତ ଗୁପ୍ତ ବ୍ରହ୍ମ ସଂଘ ଆନୁକୂଲ୍ୟରେ ୫୧ତମ କେତନୀ ସଦ୍‌ସଙ୍ଗ ଅନୁଷ୍ଠାନ ଯଥାବିଧି ସମାପିତ ହୋଇଛି ।

ତା ୦୪।୧୨।୯୫ରିଖ (ସୋମବାର): ଅନନ୍ତ ତ୍ରୟୋଦଶୀ : କେନ୍ଦୁଝର (ଟାଉନ୍) କେନ୍ଦ୍ରୀୟ ଶାଖାର ପ୍ରଥମ ବାର୍ଷିକୋତ୍ସବ ପାଳନ ଉପଲକ୍ଷେ ଅଚ୍ୟୁତ ଗୁପ୍ତବ୍ରହ୍ମସଂଘର ୫୨ତମ ସଦ୍‌ସଙ୍ଗ ଅନୁଷ୍ଠିତ ହୋଇଅଛି ।

ତା୦୬।୧୨।୯୫ରିଖ(ବୁଧବାର) : ପଶୁପୂର୍ଣ୍ଣିମା 'ଚରମ'ର ତୃତୀୟ ପୁଷ୍ପ : ଦ୍ୱିତୀୟ ପାଖୁଡ଼ା : (ନବମ ସଂଖ୍ୟା) ଯଥାରୀତି ପ୍ରକାଶ ପାଇ ଉନ୍ମୋଚିତ ହୋଇଛି ।

ତା୧୩।୧୨।୯୫ରିଖ (ବୁଧବାର) : କୃଷ୍ଣାଷଷ୍ଠୀ : ପ୍ରହରାଜପୁର ଶାଖାର ବାର୍ଷିକୋତ୍ସବ ଉପଲକ୍ଷେ ସଦ୍‌ସଙ୍ଗ ଅନୁଷ୍ଠିତ ହୋଇଛି ।

ତା୧୪।୧୨।୯୫ରିଖ(ଗୁରୁବାର) : ଶ୍ରୀଶ୍ରୀଶ୍ରୀ ଠାକୁର ବିଶେଷ କାର୍ଯ୍ୟୋପଲକ୍ଷେ ବାରିପଦା ଶାଖା ଗସ୍ତରେ ଯାଇଥିଲେ ।

ତା୧୫।୧୨।୯୫ରିଖ(ଶୁକ୍ରବାର) : ବାରିପଦାରୁ ରାତ୍ର ୯.୨୧ଘଟିକାରେ ଜିଲ୍ଲା ସଂଗଠନ କାର୍ଯ୍ୟରେ କେନ୍ଦୁଝର କେନ୍ଦ୍ରୀୟ ଶାଖାକୁ ମହାପ୍ରଭୁଙ୍କର ଗସ୍ତ ହୋଇଥିଲା ।

ତା୧୬।୧୨।୯୫ରିଖ(ଶନିବାର) : ପୂର୍ବାହ୍ନରେ ଏବଂ ସନ୍ଧ୍ୟାରେ ଶ୍ରୀଶ୍ରୀଠାକୁରଙ୍କ ଉପସ୍ଥିତିରେ କେନ୍ଦୁଝର ଜିଲ୍ଲା ସଂଗଠନ ଅଧିନସ୍ଥ କ୍ଷିତିଜ୍ୟୋତି ଆଶ୍ରମର ଘୋଷିତ ଓ ପ୍ରସ୍ତାବିତ ଶାଖାର ପରିଚାଳକ/ପୂଜକମାନଙ୍କୁ ନେଇ ବୈଠକ ବସିଥିଲା ।

ତା୧୭।୧୨।୯୫ରିଖ (ରବିବାର) : ଶ୍ରୀଶ୍ରୀଠାକୁର ଅଗଣିତ ଭକ୍ତଅନୁଗତଙ୍କୁ କେନ୍ଦୁଝରରେ ଦର୍ଶନ ଦେଇଥିଲେ । କେନ୍ଦୁଝର କେନ୍ଦ୍ରୀୟ ସଂଗଠନ ଗୃହ ନିର୍ମାଣ ଓ କେନ୍ଦ୍ରୀୟ ଶାଖା ନିର୍ମାଣାର୍ଥେ ସ୍ଥାନ ନିରୂପଣ ନିମନ୍ତେ ଗସ୍ତ କରିଥିଲେ । ଗୋନାସିକା ଭ୍ରମଣ କରିଥିଲେ । ହଜାର ହଜାର ଭକ୍ତ ଅନୁଗତଙ୍କର ପ୍ରଣାମ ଗ୍ରହଣ କରି ଦର୍ଶନ ଦେଲେ ଓ ଅପରାହ୍ନ ଘ୩.୧୫ମି ସମୟରେ ସ୍ୱର୍ଣ୍ଣକ୍ଷେତ୍ରକୁ ବାହୁଡ଼ିଥିଲେ ।

ତା୨୫।୧୨।୯୫ରିଖ(ସୋମବାର) : କେନ୍ଦ୍ରାପଡ଼ା ଜିଲ୍ଲା, ପଟ୍ଟାମୁଣ୍ଡାଇ, ଚୌଦକୁଳାଟ ଗ୍ରାମପଞ୍ଚାୟତର କେଶପୁରଠାରେ ଶ୍ରଦ୍ଧେୟ ବିଜୟ ଭାଇଙ୍କ ପୁତ୍ରର ଜନ୍ମଦିନ ଉପଲକ୍ଷେ ପାରିବାରିକ ସତ୍‌ସଙ୍ଗ ଅନୁଷ୍ଠିତ ହୋଇଛି ।

ତା୨୬।୧୨।୯୫ରିଖ(ମଙ୍ଗଳବାର) : କେନ୍ଦୁଝର ଟାଉନ୍‌ର ଗୁରୁଭାଇ ଶ୍ରଦ୍ଧେୟ ସନାତନ (ସାହୁ) ଭାଇଙ୍କ ନବଜାତ ପୁତ୍ରର ଏକୋଇଶା ନିମନ୍ତେ ପାରିବାରିକ ସତ୍‌ସଙ୍ଗ ଅନୁଷ୍ଠିତ ହୋଇଛି ।

ତା ୨୭।୧୨।୯୫ରିଖ(ବୁଧବାର) : ପର୍ଶୁରାମପୁର ଶାଖାର ବାର୍ଷିକୋତ୍ସବ ଆଶ୍ରମ ପରିସରରେ ମହାସମାରୋହରେ ପାଳିତ ହୋଇଅଛି ।

ତା୦୧।୦୧।୯୬ରିଖ(ସୋମବାର) : ପୁତ୍ରଦା ଶୁକ୍ଳା ଏକାଦଶୀ : ଠାକୁବା' ଯଦୁନାଥଙ୍କର ୬୯ତମ ଜନ୍ମ ଜୟନ୍ତୀ ଉତ୍ସବ ଉପଲକ୍ଷେ କ୍ଷିତିଜ୍ୟୋତି ଆଶ୍ରମ ପରିସରରେ ପୂଜାର୍ଚ୍ଚନା, ଘୃତାହୁତି ହୋମ ସହିତ ବିଶେଷ ସତ୍‌ସଙ୍ଗ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି ।

ତା୦୨।୦୨।୯୬ରିଖ(ମଙ୍ଗଳବାର) : ବନ୍ତଳାର ଅନୁଗତ ଶ୍ରଦ୍ଧେୟ ରତ୍ନାକର ସାମଲ (ଗନ୍ଧି) ଭାଇଙ୍କର ନବଜାତ ପୁତ୍ରର ଏକୋଇଶା ଉପଲକ୍ଷେ ଏକ ପାରିବାରିକ ସତ୍‌ସଙ୍ଗ ଯଥାବିଧି ଅନୁଷ୍ଠିତ ହୋଇଅଛି ।

ତା୦୫।୦୧।୯୬ରିଖ(ଶୁକ୍ରବାର) : ଦେବାଭିଷେକ ପୂର୍ଣ୍ଣିମା : ରାହାଣିଆ ଗୋକୁଳପୁର ସିଦ୍ଧମଠର ଦର୍ଶନଯୋଗୀ ସିଦ୍ଧ ସାଧକ ଅଚ୍ୟୁତାନନ୍ଦ ବାବା (ସେଁଏକା ବାବା)ଙ୍କ ଅଭିଷେକ ଉତ୍ସବରେ ଯୋଗ ଦେବାପାଇଁ ଆଶ୍ରମରୁ ଗୁରୁଭାଇମାନେ ସଂକୀର୍ତ୍ତନରେ ଯାଇଥିଲେ ।

ତା୧୩।୦୧।୯୬ରିଖ(ଶନିବାର) : ପରିଷଦ୍‌ର ଅନ୍ୟତମ ଅଙ୍ଗ ସନାତନ ଆଧ୍ୟାତ୍ମିକ ବିଦ୍ୟାନିକେତନର ବାର୍ଷିକୋତ୍ସବ ସ୍ୱର୍ଣ୍ଣକ୍ଷେତ୍ରରେ ମହାସମାରୋହରେ ଯଥାବିଧିରେ ପାଳିତ ହୋଇଯାଇଛି ।

ତା୧୫।୦୧।୯୬ରିଖ(ସୋମବାର) : କେନ୍ଦ୍ରାପଡ଼ା ପ୍ରସ୍ତାବିତ କ୍ଷିତିଜ୍ୟୋତି ଆଶ୍ରମଶାଖା ଅନ୍ତର୍ଭୁକ୍ତ ଭରତପଡ଼ା ଗ୍ରାମର ନଟବର ମଲ୍ଲିକଙ୍କ ଦେହାନ୍ତ ପୁଷ୍ୟାଭିଷେକ ପୂର୍ଣ୍ଣିମା ତା୫.୧.୯୬ରିଖରେ ହୋଇଥିଲା । ଏହି ଉପଲକ୍ଷେ ସଂଘ ତରଫରୁ ସେଠାରେ ତିଳତର୍ପଣ କାର୍ଯ୍ୟ କରାଯାଇଥିଲା ।

ଆମର ଲକ୍ଷ୍ୟ : ଚରମପ୍ରାପ୍ତି